- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-169 ◆BHUBANESWAR ◆SUNDAY ◆15 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୬୯ ◆ଭୁବନେଶ୍ୱର ◆ରବିବାର ◆୧୫ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)


# ଆଜି ଦୌଡ଼ିବ ଓଡ଼ିଶା

■ **ଭୁବନେଶ୍ୱର, ୧୪।୧୨ (ସମିସ):** ପାଦରେ ମିଶିବ ପାଦ; ଏକାସାଥୀରେ ଦୌଡ଼ିବ ଓଡ଼ିଶା। ଦୈନିକ ଓଡ଼ିଆ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଉପଲକ୍ଷେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ରବିବାର ରାଜ୍ୟସ୍ତରୀୟ 'ମିନି ମାରାଥନ୍' ଆୟୋଜିତ ହେଉଛି। ଭୁବନେଶ୍ୱର ସମେତ କଟକ, ପୁରୀ, ରାଉରକେଲା, ବାଲେଶ୍ୱର, ଅନୁଗୋଳ, ଜୟପୁର ଏବଂ ବ୍ରହ୍ମପୁରରେ ସକାଳ ୬ଟାରୁ ଏହି ଗଣଦୌଡ଼ ଏକାସାଙ୍ଗରେ ଆୟୋଜନ ହେବ। ଏହାର ୧ ଘଣ୍ଟା ପୂର୍ବରୁ, ଭୋର୍ ୫ଟାରେ ପ୍ରତିଯୋଗୀମାନେ ନିର୍ଧାରିତ ସ୍ଥାନରେ ପହଞ୍ଚି ନିଜ ନାମ ପଞ୍ଜୀକରଣ କରାଇନେବାକୁ ଅନୁରୋଧ କରାଯାଇଛି।

ସେହିପରି ପୂର୍ବରୁ ଆୟୋଜିତ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସକାଳ ୯ଟାରୁ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହେବ।




'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ମିନି ମାରାଥନ୍' ଓ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା

# ବିକଶିତ ଭାରତ ଲାଗି ୧୧ଟି ସଂକଳ୍ପ

## ସମ୍ବିଧାନରେ ୭୫ ଥର ସଂଶୋଧନ କରିଛି କଂଗ୍ରେସ: ମୋଦୀ



■ **ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ଲୋକସଭାରେ ସମ୍ବିଧାନ ଉପରେ ଚାଲିଥିବା ଚର୍ଚ୍ଚାର ଦ୍ୱିତୀୟ ତଥା ଅନ୍ତିମ ଦିନରେ ଶାସକ ଏବଂ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ଆଜି ପୁଣି ବାକ୍‌ଯୁଦ୍ଧ ଲାଗିଛି। ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି। ଏହାକୁ ନେଇ ଲୋକସଭାରେ ସରଗରମ ପରିସ୍ଥିତ ସୃଷ୍ଟି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଉତ୍ତରରେ ଶ୍ରେଷ୍ଠ ଭାରତ ଓ ବିକଶିତ ଭାରତ ଲାଗି ୧୧ ସୂତ୍ରୀ ସଂକଳ୍ପ ଆଣିଛନ୍ତି। ଏହାଦ୍ୱାରା ଭାରତର ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆଗତ କରିଥିବା ୧୧ ସୂତ୍ରୀ ସଂକଳ୍ପ ହେଲା: ଦେଶର ପ୍ରତ୍ୟେକ ନାଗରିକ ଓ ସରକାର ସେମାନଙ୍କ କର୍ତ୍ତବ୍ୟର ପାଳନ କରିବା ଉଚିତ। ସବ୍‌କା ସାଥ୍ ସବ୍‌କା ବିକାଶ, ଦୁର୍ନୀତି ପ୍ରତି ଶୂନ ସହନଶୀଳତା, ଆଇନ କାନୁନ ପ୍ରତି ସମ୍ମାନ, ଦାସ ମାନସିକତାର ମୁକ୍ତି, ପରିବାରବାଦ ରାଜନୀତିର ଅବସାନ, ସମ୍ବିଧାନ ପ୍ରତି ସମ୍ମାନ, ଧର୍ମ ଭିତ୍ତିକ କୋଟାକୁ ପ୍ରତ୍ୟାଖ୍ୟାନ କରି ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାକୁ ସୁରକ୍ଷା, ▶ପୃଷ୍ଠା-୯

**ଲୋକସଭାରେ 'ସମ୍ବିଧାନ' ବିତର୍କ**

## ସରକାର ଯୁବପିଢ଼ିଙ୍କ ଆଙ୍ଗୁଳି କାଟୁଛନ୍ତି: ରାହୁଲ୍



■ **ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ଲୋକସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଆଜି ପ୍ରଥମେ ସମ୍ବିଧାନ ଉପରେ ଆଲୋଚନା କରିଥିଲେ। ଏହାପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପାଳି ପଡ଼ିଥିଲା ବେଳେ ସେ ସମ୍ବିଧାନ ଏବଂ ମନୁସ୍ମୃତିକୁ ନେଇ ବିଜେପିକୁ ନିଶାଣ କରି ବର୍ଷିଥିଲେ। ଏହିକ୍ରମରେ ସମ୍ବିଧାନ ଏବଂ ପ୍ରାଚୀନ ହିନ୍ଦୁ ଧର୍ମୀୟ ଗ୍ରନ୍ଥ ମନୁସ୍ମୃତିକୁ ନେଇ ଭି ଡି ସାବରକର କହିଥିବା କିଛି କଥାକୁ ରାହୁଲ ଉଲ୍ଲେଖ କରି ବିଜେପି ଉପରେ ବର୍ଷିଥିଲେ। 'ସମ୍ବିଧାନରେ ଭାରତୀୟତାକୁ ନେଇ କିଛି ସ୍ଥାନ ଦିଆଯାଇ ନାହିଁ। ଭାରତରେ ହିନ୍ଦୁ ସମାଜରେ ବେଦ ଉପନିଷଦ ପରେ ଯଦି କୌଣସି ଧର୍ମୀୟ ଗ୍ରନ୍ଥ ଅଧିକ ଗୁରୁତ୍ୱ ବହନ କରୁଥାଏ ତେବେ ତାହା ହେଉଛି ▶ପୃଷ୍ଠା-୯

**୯ ମାସ ପରେ ମିଳିଲେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ**

# ନ୍ୟାୟ ଅପେକ୍ଷାରେ ଓଡ଼ିଶା

■ **ଭୁବନେଶ୍ୱର, ୧୪।୧୨ (ସମିସ):** ଗତ ମାର୍ଚ୍ଚ ୮ ତାରିଖରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏ.ଏମ. ଖାନୱାଲିକର ଇସ୍ତଫା ଦେବା ପରେ ଶୁକ୍ରବାର ଜଷ୍ଟିସ ବେଲା ଏମ୍ ତ୍ରିବେଦୀଙ୍କୁ ମହାନଦୀ ଟ୍ରିବ୍ୟୁନାଲର ନୂଆ ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଯାଇଛି। ୯ ମାସ ପରେ ଟ୍ରିବ୍ୟୁନାଲ ପୁନଃ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବେଳେ ପୁଣିଥରେ ରାଜ୍ୟରେ ମହାନଦୀ ଚର୍ଚ୍ଚାକୁ ଫେରିଛି। ତେବେ ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେବା ପରେ ମହାନଦୀ ମାମଲା ଯେପରି ଲମ୍ବିଲମ୍ବି ଚାଲିଛି;ତାକୁ ନେଇ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ମହାନଦୀରୁ ଓଡ଼ିଶାକୁ ଇନ୍‌ଫ୍ଲୋ କମୁଥିବା ବେଳେ ଛତିଶଗଡ଼ ଉପରମୁଣ୍ଡରେ ବେଧଡ଼କ ଭାବେ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଅନ୍ୟପକ୍ଷରେ ୩୬ ଶୁଣାଣି ସରିବା ପରେ ମଧ୍ୟ ଏହି ସମସ୍ୟାର ସମାଧାନ ସୂତ୍ର ବାହାରି ପାରିନାହିଁ। ଆଉ ଟ୍ରିବ୍ୟୁନାଲ ଯେପରି ମାମଲାକୁ ବିଳମ୍ବିତ କରି ଚାଲିଛି, ସେହିଧାରା ବଜାୟ ରହିଲେ ମହାନଦୀ ମରୁଭୂମି ପାଲଟିଯିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ମହାନଦୀକୁ ଜଳ ପ୍ରବାହ ବର୍ଷକୁ ବର୍ଷ କମୁଛି। ଉପରମୁଣ୍ଡରେ ଛତିଶଗଡ଼ ପ୍ରକଳ୍ପ ପରେ ପ୍ରକଳ୍ପ କରି ଚାଲିଛି। ▶ପୃଷ୍ଠା-୯

**ମହାନଦୀ ଜଳବିବାଦ**

**ବିଚାର ପ୍ରକ୍ରିୟା ବିଳମ୍ବିତ ହେଲେ ମରୁଭୂମି ପାଲଟିବ ମହାନଦୀ: ବିଜେଡି**

**ରାଜ୍ୟରେ ପାଣି ସମସ୍ୟା ଭୟଙ୍କର ରୂପ ନେବାକୁ ଯାଉଛି: କଂଗ୍ରେସ**

**ଟ୍ରିବ୍ୟୁନାଲ ତୁରନ୍ତ ଅନ୍ତରୀଣ ରାୟ ପ୍ରଦାନ କରିବା ଆବଶ୍ୟକ: ବିଶେଷଜ୍ଞ**

# ଆଡଭାନୀ ଅସୁସ୍ଥ; ହସ୍ପିଟାଲରେ ଭର୍ତ୍ତି



■ **ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ବର୍ଷୀୟାନ ବିଜେପି ନେତା ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାର ତାଙ୍କୁ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ୯୭ ବର୍ଷୀୟ ଆଡ଼ଭାନୀଙ୍କୁ ଦୁଇ ଦିନ ତଳେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲ ଅଣାଯାଇଥିଲା। କିନ୍ତୁ ଗତକାଲି ରାତିରେ ତାଙ୍କର ଅସୁସ୍ଥତାକୁ ନେଇ ପୁଣି ହସ୍ପିଟାଲରେ ▶ପୃଷ୍ଠା-୯

**ସିବିଆଇ ଦ୍ୱାରା ୧୦ ଲକ୍ଷ ଟଙ୍କା ଜବତ ମାମଲା**

# ଆଇଏଏସ୍ ବିଷ୍ଣୁପଦଙ୍କୁ ହାଜିରା ନୋଟିସ

**ବିଷ୍ଣୁପଦ ସେଠୀଙ୍କ ୨ ଡ୍ରାଇଭରଙ୍କୁ ସିବିଆଇର ପଚରାଉଚରା**

**ଘର ଓ ଅଫିସ ଭିନ୍ନ ବିଷ୍ଣୁପଦ କୁଆଡ଼େ ଯାଉଥିଲେ ବୋଲି ପଚାରିଲେ**

■ **ଭୁବନେଶ୍ୱର, ୧୪।୧୨ (ସମିସ):** ରାଜଧାନୀର ଏକ ନାମୀ ହୋଟେଲ ସମ୍ମୁଖରେ ଏକ ଦାମୀ ଗାଡ଼ିକୁ ୧୦ ଲକ୍ଷ ଟଙ୍କା ଓ ବିପୁଳ ସୁନା ଅଳଙ୍କାର ଜବତ ଘଟଣା ଦିନକୁ ଦିନ ରୋଚକ ମୋଡ଼ ନେଉଛି। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ୩ ଜଣଙ୍କ ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ସେ ସମ୍ପର୍କରେ ସିବିଆଇ ତଦନ୍ତ ଚଳାଇଛି। ଭୁବନେଶ୍ୱରରୁ ଜବତ ହୋଇଥିବା ୧୦ ଲକ୍ଷ ଟଙ୍କା ଟେଣ୍ଡର ଫିକ୍ସିଂ ସହ ଜଡ଼ିତ ଥିବାରୁ ତଦନ୍ତରେ ସହଯୋଗ କରିବାକୁ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସମନ ଜାରି କରିଛି ସିବିଆଇ। ସେହିପରି ଶ୍ରୀ ସେଠୀ ବ୍ୟବହାର କରୁଥିବା ସରକାରୀ ଗାଡ଼ିଗୁଡ଼ିକର ଡ୍ରାଇଭରମାନଙ୍କ ନାମ ଓ ଠିକଣା ଗତକାଲି ରାଜ୍ୟ ସରକାରଙ୍କଠାରୁ ସିବିଆଇ ଲୋଡ଼ିଥିବାବେଳେ ଆଜି ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଜେରା କରିଛି। ଘର ଓ ଅଫିସ ଭିନ୍ନ ବିଷ୍ଣୁପଦ ▶ପୃଷ୍ଠା-୯







# ସେନା ଶାସନ ଲଗାଇ କ୍ଷମତା ହରାଇଲେ



ସିଓଲ,୧୪।୧୨(ଏଜେନ୍ସି): ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବ ଶନିବାର ସଂସଦରେ ପାରିତ ହୋଇଛି। ଏହାପୂର୍ବରୁ ଏହି ପ୍ରସ୍ତାବ ସଂସଦରେ ଅଣାଯାଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଅଭାବରୁ ଏହା ପାରିତ ହୋଇପାରି ନଥିଲା। ତେବେ ଶନିବାର ସଂସଦର ସ୍ୱତନ୍ତ୍ର ଅଧିବେଶନରେ ୩୦୦ ସାଂସଦଙ୍କ ମଧ୍ୟରୁ ୨୦୪ ସାଂସଦ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିବାରୁ ଏହା ପାରିତ ହୋଇଛି। କେବଳ ୮୫ ସାଂସଦ ମହାଭିଯୋଗ ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଥିଲେ। ଏହି ପ୍ରସ୍ତାବ ପାରିତ ହେବା ପରେ ୟୁନଙ୍କ ନିକଟରୁ ସବୁ ଦାୟିତ୍ୱ କାଢି ନିଆଯାଇଛି। ସେ ଏବେ କ୍ଷମତାଶୂନ୍ୟ ହୋଇପଡ଼ିଛନ୍ତି। ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ହାନ୍ ଡକ୍-ସୁକ୍ଙ୍କୁ ଦାୟିତ୍ୱ ଦିଆଯାଇଥିଲା ବେଳେ ସେ ହିଁ ଅନ୍ତରୀଣ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ। ଏହାପରେ ମହାଭିଯୋଗ ପ୍ରସ୍ତାବକୁ ନେଇ ସାମ୍ବିଧାନିକ ଅଦାଲତ ୟୁନ୍ଙ୍କ ବିରୋଧରେ ଯେଉଁ ନିଷ୍ପତ୍ତି ଦେବେ ତାହାକୁ ନେଇ ତାଙ୍କୁ ରାଷ୍ଟ୍ରପତି ପଦବୀରୁ ହଟାଯିବ କି ନା ତାହା ନିଷ୍ପତ୍ତି ହେବ। ଉଲ୍ଲେଖଯୋଗ୍ୟ ଯେ ଗତ ସପ୍ତାହରେ ଦେଶରେ ସାମରିକ ଶାସନ ଲାଗୁ କରିବାକୁ ଘୋଷଣା କରିଥିଲେ ୟୁନ୍। ବିରୋଧୀଙ୍କ ଉପରେ ଦୋଷ ଲଦି ସେ ଅଚାନକ ଭାବେ ଏଭଳି ଘୋଷଣା କରିଥିଲେ ହେଁ ଏହାର ମାତ୍ର କିଛି ଘଣ୍ଟା ମଧ୍ୟରେ ସାରା ଦେଶରେ ୟୁନଙ୍କ ବିରୋଧରେ ବିଦ୍ରୋହ ଦେଖାଯାଇଥିଲା। ଫଳରେ ମାତ୍ର କିଛି ଘଣ୍ଟାର ବ୍ୟବଧାନରେ ୟୁନ ନିଜର ଘୋଷଣା ପ୍ରତ୍ୟାହାର କରିନେଇଥିଲେ। ହେଲେ ଏହି ଘଟଣାକୁ ନେଇ ତାଙ୍କ ବିରୋଧରେ ସଂସଦରେ ବିରୋଧୀଙ୍କ ସମେତ କିଛି ଶାସକ ଦଳର ସଦସ୍ୟ ମହାଭିଯୋଗ ପ୍ରସ୍ତାବ ଆଗତ କରିଥିଲେ।

**ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ**

**ରାଷ୍ଟ୍ରପତି ୟୁନ ସୁକ୍ ଏବେ କ୍ଷମତା ଶୂନ୍ୟ**

**ପ୍ରଧାନମନ୍ତ୍ରୀଙ୍କ ହାତରେ ଅନ୍ତରୀଣ ଦାୟିତ୍ୱ**

## ଶିକ୍ଷକଙ୍କୁ ଅପହରଣ, ବନ୍ଧୁକ ଦେଖାଇ ଜୋରଜବରଦସ୍ତ ବିବାହ

ପାଟନା,୧୪।୧୨(ଏଜେନ୍ସି): ବିହାରରେ ଜଣେ ଶିକ୍ଷକ ସ୍କୁଲ ଯାଉଥିଲା ବେଳେ ତାଙ୍କୁ ପ୍ରଥମେ ଅପହରଣ ଏବଂ ପରେ ପରେ ବନ୍ଧୁକ ମୁନରେ ଜଣେ ଯୁବତୀଙ୍କ ସହ ବିବାହ କରାଯିବା ଘଟଣା ପୁଣି ସାମ୍ନାକୁ ଆସିଛି। ଅବନୀଶ କୁମାର ନାମକ ଯୁବକ ନିକଟରେ ବିହାର ଲୋକସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସରକାରୀ ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ଗତକାଲି ସେ ସ୍କୁଲ ଯାଉଥିଲା ବେଳେ ବାଟରେ ତାଙ୍କ ଗାଡି ଅଟକାଇ ଅବନୀଶଙ୍କୁ ଅପହରଣ କରିନିଆଯାଇଥିଲା। ଦୁଇଟି ସ୍କର୍ପିଓରେ ଆସିଥିବା ୧୨ ଜଣ ଯୁବକ ଅବନୀଶଙ୍କୁ ଟେକି ନେଇଯିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ପରେ ପରେ ଗୁଞ୍ଜନ ନାମ୍ନୀ ଜଣେ ଯୁବତୀଙ୍କୁ ସହିତ ବନ୍ଧୁକ ଦେଖାଇ ବିବାହ କରାଯାଇଥିଲା ବୋଲି ଜଣାପଡ଼ିଛି। ତେବେ ଅବନୀଶ ଶିକ୍ଷକ ଭାବେ ନିଯୁକ୍ତି ପାଇବା ପୂର୍ବରୁ ଗୁଞ୍ଜନଙ୍କ ସହ ତାଙ୍କୁ ସମ୍ପର୍କ ଥିଲା ବୋଲି କୁହାଯାଉଛି। ଗୁଞ୍ଜନଙ୍କ ଘର ଲକିସରାଇ ଜିଲ୍ଲାରେ ହୋଇଥିଲା ବେଳେ ଅବନୀଶଙ୍କ ଘର ବେଗୁସରାଇ ଜିଲ୍ଲାରେ। କିନ୍ତୁ ଅବନୀଶଙ୍କ ସହ ବିଗତ ୪ ବର୍ଷ ଧରି ସମ୍ପର୍କ ରହିଥିଲା ଏବଂ ଏହି ସମୟରେ ସେମାନେ ବହୁବାର ହୋଟେଲରେ ରହିବା ସହିତ ଅବନୀଶଙ୍କ ଘରକୁ ମଧ୍ୟ ଯାଇଛନ୍ତି ବୋଲି ଗୁଞ୍ଜନ ଅଭିଯୋଗ କରିବା ପରେ ତାଙ୍କ ପରିବାର ଲୋକେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଏପରିକି ଚାକିରି ମିଳିବା ପରେ ଅବନୀଶ ଗୁଞ୍ଜନଙ୍କୁ ବିବାହ କରି ସଂସାର ଗଢିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ପରେ ଆଉ ଧରାଛୁଆଁ ଦେଇ ନଥିଲେ। ଏପରିକି ଗୁଞ୍ଜନଙ୍କ ସହ ତାଙ୍କର ବିବାହ ସମ୍ଭବ ନୁହେଁ ବୋଲି ଅବନୀଶ କହିଥିଲେ।

## ସନ୍ଦୀପଙ୍କୁ ଜାମିନ ମିଳିବା ପରେ ପୁଣି ବିକ୍ଷୋଭ

କୋଲକାତା,୧୪।୧୨(ଏଜେନ୍ସି): କୋଲକାତା ଆରଜିକେ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଗତକାଲି ଏହି ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷ ଏବଂ ତଲା ଥାନା ଭାରପ୍ରାପ୍ତ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ସ୍ଥାନୀୟ ସିଆଲଦା କୋର୍ଟ ଜାମିନ ଦେଇଥିଲେ। ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ ଇତିମଧ୍ୟରେ ୪ ମାସ ପୂରିଥିଲେ ମଧ୍ୟ ଘଟଣାର ଯାଞ୍ଚ ଦାୟିତ୍ୱ ନେଇଥିବା ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଚୂଡାନ୍ତ ଚାର୍ଜସିଟ୍ ଦେବାକୁ ସମର୍ଥ ହୋଇ ନଥିବାରୁ ଅଦାଲତ ଏହି ଦୁଇ ଜଣଙ୍କ ଜାମିନ ମଞ୍ଜୁର କରିଥିବା କୁହାଯାଇଥିଲା। ସିବିଆଇ ପ୍ରାଥମିକ ଚାର୍ଜସିଟ୍‌ରେ ସଞ୍ଜୟ ରୟକୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଥିଲା ବେଳେ ଏହି ଘଟଣାରେ ସନ୍ଦୀପ ଏବଂ ଅଭିଜିତଙ୍କ ଭୂମିକା ରହିଥିବା ଦର୍ଶାଇ ସେମାନଙ୍କୁ ମଧ୍ୟ ଗିରଫ କରିଥିଲା। ଏହାବ୍ୟତୀତ ଡାକ୍ତର ହତ୍ୟା ଘଟଣାକୁ ଚପାଇ ଦେବା ଏବଂ ପ୍ରମାଣ ଆଦି ନଷ୍ଟ କରିବାରେ ସନ୍ଦୀପ ଓ ଅଭିଜିତଙ୍କ ଭୂମିକା ରହିଥିବା ସିବିଆଇ ସେତେବେଳେ କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରି ନଥିଲା। ଏଭଳି ସ୍ଥିତିରେ ଅଦାଲତ ଏହି ଦୁଇ ଜଣଙ୍କ ଜାମିନ ମଞ୍ଜୁର କରିଥିଲେ। ଏହାବ୍ୟତୀତ ପୀଡ଼ିତା ଡାକ୍ତରଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବୃନ୍ଦା ଗ୍ରୋଭର ମଧ୍ୟ ଏହି ମାମଲା ଆଉ ଲଢିବେ ନାହିଁ ବୋଲି ମନା କରିଦେଇଥିଲେ। ଏଭଳି ସ୍ଥିତିରେ ମୃତ ଡାକ୍ତରଙ୍କ ପରିବାରକୁ ନ୍ୟାୟ ମିଳିପାରିବ ନାହିଁ ବୋଲି ଅଭିଯୋଗ କରି କୋଲକାତା ରାସ୍ତାରେ ପୁଣି ଆନ୍ଦୋଳନ ମୁଣ୍ଡ ଟେକିଛି। ଜୁନିୟର ଡାକ୍ତର ସଂଘ ପକ୍ଷରୁ ଶହ ଶହ ଡାକ୍ତର ଶନିବାର ସିଜିଓ କମ୍ପ୍ଲେକ୍ସସ୍ଥିତ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

## ଜେଲରୁ ବାହାରିଲେ ଅଲ୍ଲୁ ଅର୍ଜୁନ

ହାଇଦରାବାଦ,୧୪।୧୨(ଏଜେନ୍ସି): ଗତକାଲି ହାଇକୋର୍ଟରୁ ଜାମିନ ପାଇବା ପରେ ଶନିବାର ଚଞ୍ଚଲଗୁଡା ଜେଲରୁ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ବାହାରିଛନ୍ତି। ଗତକାଲି ତାଙ୍କୁ ଜାମିନ ମିଳିଥିଲେ ବି ସେ ଜେଲରେ ରାତି କାଟିଥିଲେ।



କିନ୍ତୁ ଜାମିନ ମିଳିବା ସତ୍ତ୍ୱେ ଗତକାଲି କାହିଁକି ତାଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇ ନଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଜେଲ୍ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଅର୍ଡର କପି ପାଇଥିଲେ ହେଁ ତାଙ୍କୁ ମୁକ୍ତ କରାଯାଇ ନ ଥିଲା। ତାଙ୍କୁ ଏମିତି ଅଟକ ରଖାଯିବା ବେଆଇନ ବୋଲି ଅଲ୍ଲୁ ଅର୍ଜୁନଙ୍କ ଓକିଲ କହିଛନ୍ତି। ଏହା ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଓକିଲ କହିଛନ୍ତି। ତେବେ ଜେଲ୍‌ରୁ ମୁକୁଳିବା ପରେ ତାଙ୍କ ପ୍ରତି ସବୁ ମହଲରୁ ଯେଭଳି ସମର୍ଥନ ମିଳିଛି ସେଥିପାଇଁ ଅଲ୍ଲୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ସେ ପୁଣି ଥରେ ମୃତ ମହିଳାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା। ଯାହା ଘଟିଲା ସେଥିପାଇଁ ଆମେ ଦୁଃଖିତ। ତେବେ ପୀଡ଼ିତାଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇବାକୁ ସେ ପ୍ରସ୍ତୁତ ବୋଲି କହିଛନ୍ତି।

**ହଟ୍ ସ୍ପଟ୍**

### ତୁଣ୍ଡରେ ଲଗାମ ରହୁନି

ଏମିତି ନେତା ବି ଅଛନ୍ତି, ଯେଉଁମାନେ କହିଲା ବେଳକୁ ଆଗପଛ କିଛି ଭାବୁ ନାହାନ୍ତି। ଯାହା ମନକୁ ଆସିଲା, କହିପକାଉଛନ୍ତି। କିଏ କଣ ଭାବୁଛି, ଭାବୁ। ସେମାନଙ୍କର କିଛି ଯାଏଆସ ନାହିଁ। ତୁଣ୍ଡରେ ଲଗାମ ରହୁନି। କିଛି ଦିନ ତଳେ ଲାଲୁ ପ୍ରସାଦ ଯାଦବ ବିହାର ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ସଂପର୍କରେ ଯେଉଁଭଳି ମନ୍ତବ୍ୟ ଦେଲେ, ତାହା କେବଳ ବିରୋଧୀଙ୍କୁ ନୁହେଁ, ତାଙ୍କ ନିଜ ଦଳର ନେତାମାନଙ୍କୁ ମଧ୍ୟ ଖରାପ ଲାଗିଛି। ରାଜ୍ୟରେ ମହିଳାମାନଙ୍କ ଭୋଟ୍ ହାତେଇବା ପାଇଁ ଉଦ୍ଦେଶ୍ୟରେ ନୀତୀଶ 'ମହିଳା ସମ୍ବାଦ ଯାତ୍ରା'ର ଆୟୋଜନ କରିବାକୁ ଯାଉଛନ୍ତି। କିଛି ସାମ୍ବାଦିକ ଏସଂପର୍କରେ ଲାଲୁଙ୍କର ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲେ। ଲାଲୁଙ୍କ ମୁହଁରୁ ବାହାରି ପଡ଼ିଲା, 'ଓ ନୈନ ସେକ୍‌ନେ ଜା ରହେ ହେଁ'। ବାସ ଏହାକୁ ନେଇ ବିହାର ରାଜନୀତିରେ ଝଡ଼। ବିରୋଧୀ ଦଳମାନେ ଲାଲୁଙ୍କ ଉପରେ ଧୁମ୍ ବର୍ଷିଛନ୍ତି। କିନ୍ତୁ ଲାଲୁ ଓ ନୀତୀଶଙ୍କ ଭିତରେ ଏମିତି ନୋକ୍‌ଝୋକ୍ ନୂଆଁ କଥା ନୁହେଁ। ଲାଲୁ କାହିଁକି ଏତେ ପିଲା ଜନ୍ମ କଲେ ବୋଲି ପ୍ରଶ୍ନ ଉଠାଇ ଥରେ ନୀତୀଶ କହିଥିଲେ ଯେ ବୋଧହୁଏ ଝିଅମାନଙ୍କ ଉପରେ ଭରସା ନଥିଲା। ପୁଅ ପାଇଁ ୯ଟା ଛୁଆ ଜନ୍ମ କରିଦେଲେ? ଏହାର ଉତ୍ତର ଦେଇଥିଲେ ଲାଲୁଙ୍କ ପୁଅ ତେଜସ୍ୱୀ। ନୀତୀଶଙ୍କୁ ପଚାରିଲେ, 'ଚାଚା କଣ ଝିଅମାନଙ୍କ ଉପରେ ଭରସା ହେଲାନି, ଗୋଟିଏ ପୁଅରେ ଅଟକିଗଲ?' ଏଥିରେ ଭୀଷଣ କ୍ଷୁବ୍ଧ ହୋଇପଡ଼ିଥିଲେ ନୀତୀଶ। ସତ କହିବାକୁ ଗଲେ ଏ ନେତାମାନଙ୍କୁ ଲାଜଫାଜ ନାହିଁ, ଯାହା ତୁଣ୍ଡରେ ଆସିଲା କହିପକାଇଲା। ରାଜନୀତିରେ ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି ସେମାନେ ବ୍ୟକ୍ତିଗତ ଭାବେ ଏତେ ନିମ୍ନ ସ୍ତରକୁ ଖସିଯାଉଛନ୍ତି। ଶୁଣିବାକୁ ବି ଲାଜ ଲଗୁଛି।

### ପାଦ ତଳୁ ମାଟି ଖସୁଛି

୪ ଜୁନ୍ ୨୦୨୪ର ଚମକ ଫିକା ପଡ଼ିବାରେ ଲାଗିଛି। ଫାଟ ସୃଷ୍ଟି ହେଲାଣି। ଆଉ ତାଙ୍କୁ ନେତା ଭାବେ ଗ୍ରହଣ କରିବାକୁ ଇଚ୍ଛା ହେଉନି। ନିକଟରେ ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଇଣ୍ଡିଆ ମେଣ୍ଟରେ ଏଭଳି ସ୍ଥିତି ଦେଖିବାକୁ ମିଳିଲାଣି। କଂଗ୍ରେସ ନେତା ରାହୁଲଙ୍କ ପ୍ରତି ଅଂଶୀଦାର ଦଳଙ୍କର ଏମିତି ବିତୃଷ୍ଣାଭାବ ଆସିଲାଣି। ସମସ୍ତେ ଏବେ ପଶ୍ଚିମ ବଙ୍ଗ ମୁହାଁ ହେଲେଣି। ଦିଦିଙ୍କୁ ମେଣ୍ଟର କମାଣ୍ଡାଣ୍ଟ କରିବା ଲାଗି ଅଭିଯାନ ଆରମ୍ଭ କରିଦେଲେଣି। ଦିଦି ବି ଖୁସି। କିନ୍ତୁ ୬ ମାସ ଭିତରେ ଏମିତି କଣ ହେଲା ଯେ ସହଯୋଗୀ ଦଳର ନେତାମାନେ ଏମିତି ପଲଟି ମାରୁଛନ୍ତି। ଜଣେ ନେତା କହିଲେ ଯେ ରାହୁଲ ଭଲ ଭଲ ପ୍ରସଙ୍ଗ ଉଠାଉଛନ୍ତି। ହେ।ଲେ ତାଙ୍କ ରଙ୍ଗଢଙ୍ଗ ଓ ଷ୍ଟାଇଲ୍ ସବୁ ବିଗାଡ଼ି ଦେଉଛି। ସେ ସହଯୋଗୀଙ୍କ କଥା ଶୁଣୁ ନାହାନ୍ତି। ଖାଲି ନିଜ କଥା ଅନ୍ୟମାନଙ୍କ ଉପରେ ଥୋପୁଛନ୍ତି। ସହଯୋଗୀ ଦଳର ମୁଖିଆମାନେ ଏହାକୁ ହଜମ କରିବା ସ୍ଥିତିରେ ନାହାନ୍ତି। ଜୁନ ୪ରେ ଲୋକସଭା ନିର୍ବାଚନ ପରେ ସେମାନେ ଭାବିଥିଲେ ରାହୁଲ ହିଁ ମୋଦୀଙ୍କୁ ଟକ୍କର ଦେଇପାରିବେ। କିନ୍ତୁ ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ସେମାନଙ୍କୁ ନିରାଶ କରିଛି। ଏଥିପାଇଁ ସେମାନେ ରାହୁଲଙ୍କୁ ହିଁ ଦାୟୀ କରୁଛନ୍ତି। ମମତା, ଅଖିଳେଶ, ପାୱାର ଏବଂ ଉଦ୍ଧବଙ୍କ ଲୋକେ ଏବେ ଖୋଲାଖୋଲି ଦିଦିଙ୍କ ଆଡ଼କୁ ଢଳିବାକୁ ଲାଗିଲେଣି।

### ଦୋଷ ମାନିଲେ ବିହାରୀ ବାବୁ

ମୁଁ ଜୀବନରେ ବହୁତ ବଡ଼ ଭୁଲ କରିଛି। ମୁଁ ମୋ ସ୍ତ୍ରୀକୁ ଠକିଛି। ଏହାକୁ ସ୍ୱୀକାର କରିବାରେ ମୋର କୌଣସି କୁଣ୍ଠା ନାହିଁ। ନିକଟରେ ଏକ ସାକ୍ଷାତକାର ବେଳେ ଜୀବନର ସତ୍ୟକୁ ଏଭଳି ଢଙ୍ଗରେ ଉଗାରିଛନ୍ତି ଅଭିନେତା ତଥା ସାଂସଦ ଶତ୍ରୁଘ୍ନ ସିହ୍ନା। ଏକ ସମୟରେ ଦୁଇ ଜଣ ମହିଳାଙ୍କ ସହିତ ସଂପର୍କ ରଖିଥିଲେ। ଅଭିନେତ୍ରୀ ରିନା ରାୟଙ୍କ ସଂପର୍କକୁ ନେଇ ସେ ତାଙ୍କ ପତ୍ନୀ ପୁନମଙ୍କୁ ଅନ୍ଧାରରେ ରଖିଥିଲେ। ଏହା ତାଙ୍କ ଜୀବନର ସବୁଠୁ ବଡ଼ ଭୁଲ ଥିଲା। ମୁଁ କାହାର ନାମ ନେଉନି। କିନ୍ତୁ ଯେଉଁ ମହିଳା ମୋ ଜୀବନର ଅଙ୍ଗ ଥିଲେ ସେମାନଙ୍କ ନିକଟରେ ମୁଁ କୃତଜ୍ଞ। ମୋତେ ଜଣେ ଭଲ ମଣିଷ କରିବା।।ରେ ସେମାନଙ୍କ ଅବଦାନ ଭୁଲି ପାରିବି ନାହିଁ। କଣ କରିବି ଭୁଲ ତ କରିଛି। ପାଟନାରୁ ଆସି ବଲିଉଡ୍‌ର ଝଲମଲ ଦୁନିଆରେ ମୁଁ ହଜିଯାଇଥିଲି। ମୋତେ ଗାଇଡ୍ କରିବାକୁ କେହି ନଥିଲେ। ବିହାରୀ ବାବୁଙ୍କ ଏହି ସାକ୍ଷାତକାର ଏବେ ଚର୍ଚ୍ଚାର ବିଷୟ ହୋଇଛି। ପଶ୍ଚିମ ବଙ୍ଗରୁ ଦିଦିଙ୍କ ଦଳ ପକ୍ଷରୁ ସାଂସଦ ହୋଇଥିବା ବିହାରୀ ବାବୁଙ୍କୁ ଏବେ ରାଜନୀତିରେ କମ୍, ଗଣମାଧ୍ୟମ କାର୍ଯ୍ୟକ୍ରମରେ ବେଶି ଦେଖିବାକୁ ମିଳୁଛି।



# ମାଲକାନଗିରିର ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ ଜାରି ରଖିବୁ: ନବୀନ

**ଭୁବନେଶ୍ୱର,୧୪।୧୨(ସମିସ):** ବିଜୁ ଜନତା ଦଳ ପାଇଁ ଓଡିଶାର ସ୍ୱାର୍ଥ ସର୍ବାଗ୍ରେ। ଓଡିଶାକୁ ବିପଦ ମୁହଁକୁ ଠେଲି ଦେଉଥିବା ପୋଲାଭରମ୍ ପ୍ରସଙ୍ଗରେ ବିଜୁ ଜନତା ଦଳ ଲଢ଼େଇ କରିଛି, ଆଉ ଆଗକୁ ମଧ୍ୟ ଲଢ଼ିବ। ମାଲକାନଗିରି ଜିଲ୍ଲା ପାଇଁ ସ୍ୱର ଶାଣିତ କରିବ ବିଜେଡି। ଶନିବାର ନବୀନ ନିବାସରେ ପୋଲାଭରମ ପ୍ରକଳ୍ପକୁ ନେଇ ଦିଲ୍ଲୀ ଗସ୍ତରୁ ଫେରିଥିବା ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀକୁ ଭେଟିବା ପରେ ଏହା କହିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ପୋଲାଭରମ ପ୍ରକଳ୍ପ ହେଲେ, ମାଲକାନଗିରି ଜିଲ୍ଲାର ଶତାଧିକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ଆକଳନ କରାଯାଉଥିବା ବେଳେ, ବିଜେଡି ମାଲକାନଗିରି ଜିଲ୍ଲାର ସ୍ୱାର୍ଥରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବ ବୋଲି ନବୀନ ପ୍ରତିନିଧି ଦଳର ସଦସ୍ୟଙ୍କୁ କହିଥିଲେ। ବିଜେଡି ପ୍ରତିନିଧିମଣ୍ଡଳୀ ଦିଲ୍ଲୀରେ ଭେଟିଥିବା ଅଧିକାରୀମାନଙ୍କଠାରୁ ଉତ୍ତର ଆସିବା ପରେ ବିଜେଡି ତା'ର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ।

ଦିଲ୍ଲୀ ଦରବାରରେ ପୋଲାଭରମ୍ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ, ସଚିବ, ଆୟୋଗଙ୍କ ନିକଟରେ ଦାବି ଉଠାଇ ଫେରିଥିବା ବିଜେଡି ପ୍ରତିନିଧି ଦଳ ଆଜି ଏହି ବିଷୟରେ ଦଳର ସଭାପତିଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର୍ ପାଟିଲଙ୍କୁ ଭେଟି ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ଶତାଧିକ ଗ୍ରାମ ଜଳମଗ୍ନ ହେବ ବୋଲି ଉଲ୍ଲେଖ କରିବା ସହିତ ଏହି ପ୍ରକଳ୍ପର କ୍ଷମତା ୩୬ ଲକ୍ଷ କ୍ୟୁସେକ୍ ଜଳରୁ ଏକତରଫା ଭାବେ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇ ଥିବାରୁ ଓଡିଶା ପାଇଁ ଘୋର ବିପଦ ସୃଷ୍ଟି ହୋଇଛି। ଏହି କାରଣରୁ, ଓଡିଶା ବାରମ୍ବାର ସ୍ୱର ଉତ୍ତୋଳନ କରି ଆସୁଥିଲେ ହେଁ ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ବିଜେଡି ପ୍ରତିନିଧିମଣ୍ଡଳୀ ଅଧ୍ୟକ୍ଷ କେନ୍ଦ୍ର ଜଳ କମିସନ, ଆଦିବାସୀ ବ୍ୟାପାର ବିଭାଗର ସଚିବ, ପରିବେଶ ଓ ଜଙ୍ଗଲ ବିଭାଗର ସଚିବ ଓ ଜାତୀୟ ଜନଜାତି କମିସନଙ୍କୁ ମଧ୍ୟ ଭେଟି ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରିଥିଲେ। ଜାତୀୟ ଜନଜାତି କମିସନ ଏହି ପ୍ରସଙ୍ଗକୁ ଗୁରୁତର ସହିତ ନେଇ ସେ ଅତିଶୀଘ୍ର ପ୍ରଭାବିତ ହେବାକୁ ଥିବା ମାଲକାନଗିରି ଜିଲ୍ଲା ଗସ୍ତ କରି ସ୍ଥିତିର ଆକଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି, ଅନ୍ୟ ଅଧିକାରୀ ମାନେ ମଧ୍ୟ ପ୍ରସଙ୍ଗକୁ ଗୁରୁତର ସହିତ ନେଇ ଓଡ଼ିଶାର ଆଶଙ୍କା ପ୍ରତି ବିଚାର କରାଯିବ ବୋଲି କହିଥିଲେ।

ପ୍ରତିନିଧିମଣ୍ଡଳୀ ସଦସ୍ୟମାନଙ୍କଠାରୁ ସମସ୍ତ କଥା ଶୁଣିସାରିବା ପରେ ନବୀନ କହିଥିଲେ, ମାଲକାନଗିରି ଜିଲ୍ଲାର ସ୍ୱାର୍ଥ ରକ୍ଷା ପାଇଁ ବିଜୁ ଜନତା ଦଳ ସମସ୍ତ ଆବଶ୍ୟକ ପଦକ୍ଷେ ନେବ। ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଛି। ବିଜେଡି ପ୍ରତିନିଧିମଣ୍ଡଳୀ ଭେଟିଥିବା ଅଧିକାରୀମାନଙ୍କଠାରୁ ଉଠାଯାଇଥିବା ପ୍ରସଙ୍ଗ ଉପରେ ଉତ୍ତର ଆସିବା ପରେ ବିଜେଡି ତା'ର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ।

ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଆଜି ନବୀନଙ୍କୁ ଭେଟିଥିବା ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମିଡିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ବିଧାୟକ ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝି, ମାନସ ମାଡକାମୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ।



- ରାଜ୍ୟ ପାଇଁ ବିପଦ ଆଣିବ ଏକତରଫା ନିଷ୍ପତ୍ତି
- ଦିଲ୍ଲୀ ଦରବାର ଉତ୍ତରକୁ ଅପେକ୍ଷା କରାଯାଇଛି

## ପ୍ରଭାବିତ ହେବ ଆଗାମୀ ବଜେଟ୍, ମନ୍ଥର ହେଲାଣି ବିକାଶମୂଳକ କାମ

# ୨୩ରୁ ଚାଲିବ ବିଭାଗୱାରୀ ମାନସମନ୍ଥନ

**ଭୁବନେଶ୍ୱର,୧୪।୧୨(ସମିସ):** ବଡ଼ ବଜେଟ ହେଉଛି; କିନ୍ତୁ କାମରେ ବିନିଯୋଗ ହେବା ବେଳକୁ ଛୋଟ। ଏବର୍ଷର ଅର୍ଥ କିପରି ଖର୍ଚ୍ଚ କରିବେ ଆଉ ଆଗାମୀ ବର୍ଷ ପାଇଁ ବଜେଟ କିପରି ହେବ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସରକାର। ଚଳିତ ବର୍ଷ ବଜେଟ ବ୍ୟୟ ନିରୁତ୍ସାହଜନକ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ବଜେଟ ପ୍ରଭାବିତ ହେବା ଆଶଙ୍କା ଦେଖା ଦେଲାଣି। ଏପରିସ୍ଥିତିରେ ବିଭାଗୱାରୀ ସମୀକ୍ଷା କରିବାକୁ ସରକାର ଯୋଜନା କରୁଛନ୍ତି। ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୯ ତାରିଖ ଯାଏଁ ଚାଲିବ ମାନସମନ୍ଥନ। ଓଡ଼ିଶାର ଅର୍ଥନୈତିକ ସ୍ଥିତି ବର୍ତ୍ତମାନ ମଜବୁତ୍ ସତ୍ତ୍ୱେ ଏହାକୁ ବଳବତ୍ତର ରଖିବା ରାଜ୍ୟ ସରକାରଙ୍କ ପାଇଁ କାଠିକର ପାଠ ହେଲାଣି।

ନୂଆ ସରକାର ୬ ମାସ ପୂରଣ କରିଥିବା ବେଳେ ପ୍ରଥମ ବଜେଟ ଖର୍ଚ୍ଚ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅନେକ ବିଭାଗ ମିଳିଥିବା ପାଣ୍ଠିରେ ଏପର୍ଯ୍ୟନ୍ତ ହାତ ମାରି ନାହାନ୍ତି। ପ୍ରମୁଖ ବିଭାଗଗୁଡିକରେ ବଜେଟ ବ୍ୟୟ ୩୦%ରୁ ୪୦% ମଧ୍ୟରେ ଅଛି। ଗୋଟେ ପଟେ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ; ଅନ୍ୟପଟେ ବାହାଦୁରି ନେବା ପାଇଁ ସରକାର ୧୨ ହଜାର କୋଟିର ଅତିରିକ୍ତ ବଜେଟ କାହା ପାଇଁ ଆଣୁଛନ୍ତି ବୋଲି ବିଧାନସଭାର ଶୀତ ଅଧିବେଶନରେ ବିରୋଧୀ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପଟେ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପାଇଁ ୧୦ଟି ପ୍ରମୁଖ ମାନଦଣ୍ଡ ଆଧାରରେ ଟଙ୍କା ଖର୍ଚ୍ଚ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହାତରେ ଆଉ ମାତ୍ର ୩ ମାସ ସମୟ ବାକି ଥିବା ବେଳେ ଟଙ୍କା ଖର୍ଚ୍ଚ ହୋଇ ନ ପାରିଲେ ଫେରାଇବାକୁ ପଡ଼ିବ। ଏପରି ଅଡୁଆକୁ ନେଇ ଚିନ୍ତାରେ ଅର୍ଥ ବିଭାଗ। ମିଳିଥିବା ସୂଚନା ଅନୁସାରେ, ଚଳିତ ଅର୍ଥିକ ବର୍ଷରେ କମ୍ ଖର୍ଚ୍ଚ ହୋଇଥିବାରୁ ଗତ ମାସରେ ଅର୍ଥ ବିଭାଗ ସବୁ ବିଭାଗ ପାଇଁ ସଂଶୋଧିତ ବଜେଟ ପ୍ରଦାନ କରିଥିଲା। ତା' ସହିତ ୨୦୨୪-୨୫ ବଜେଟ ପାଇଁ ମଧ୍ୟ ବିଭାଗଗୁଡିକୁ ସର୍କୁଲାର ଜାରି କରାଯାଇଛି। ସେହି ଆଧାରରେ ସଂଶୋଧିତ ବଜେଟ ପ୍ରସ୍ତାବ ଚଳିତ ମାସ ୨୦ ତାରିଖ ସୁଦ୍ଧା ଯୋଜନା ଓ ସଂଯୋଜନ ବିଭାଗ ନିକଟରେ ଦାଖଲ କରିବା ପାଇଁ ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ପ୍ରସ୍ତାବ ଆଧାରରେ ଅର୍ଥ ବିଭାଗ ପରବର୍ତ୍ତି ବଜେଟ ପାଇଁ ରଣନୀତି ପ୍ରସ୍ତୁତ କରିବ। ତା ପରେ ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୯ ତାରିଖ ମଧ୍ୟରେ ସବୁ ବିଭାଗର ପ୍ରସ୍ତାବ ପର୍ଯ୍ୟାୟକ୍ରମେ ସମୀକ୍ଷା କରାଯିବ।

ଅର୍ଥନୀତି ବିଶେଷଜ୍ଞଙ୍କ କହିବା ଅନୁସାରେ ନିର୍ବାଚନ ଥିଲେ ବଜେଟ ବ୍ୟୟରେ ବିଳମ୍ବ ଏକ ସାଧାରଣ କଥା। କିନ୍ତୁ ପୁରୁଣା ସରକାର ବଦଳରେ ନୂଆ ସରକାର ଆସିଥିବାରୁ ବଜେଟ ବ୍ୟୟ ଆହୁରି ପ୍ରଭାବିତ ହୋଇଛି। ସରକାରଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବ। କାରଣ ଯଦି ଏଥର ଅନୁଦାନ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ନ ହେବ ତା ହେଲେ ଆଗାମୀ ବଜେଟ ପ୍ରଭାବିତ ହେବ। ବିଶେଷକରି ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେଣୁ ଚଳିତ ବଜେଟ ଅପେକ୍ଷା ଆଗାମୀ ବଜେଟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କୁହାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାର ଶୀତକାଳୀନ ଅଧିବେସନରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ବଜେଟ ବ୍ୟୟରେ ମନ୍ଥରତାକୁ ନେଇ ବିଜେଡି ଓ କଂଗ୍ରେସ୍ ସରକାରଙ୍କୁ ଅଡୁଆରେ ପକାଇ ଥିଲେ। ସରକାର ଆଣିଥିବା ପୂର୍ଣ୍ଣାଙ୍ଗ ବଜେଟରୁ ୮୦ ରୁ ୯୦ ହଜାର କୋଟି ବଜେଟ ଟଙ୍କା ଖର୍ଚ୍ଚ ହୋଇପାରିବ ନାହିଁ। ୧୭ ବିଭାଗର ଖର୍ଚ୍ଚ ଆଶାତୀତ କମ୍ ବୋଲି କହି ବିରୋଧୀ ସମାଲୋଚନା କରିଥିଲେ। ସେହିପରି ଡବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅର୍ଥ ଆଣିବାରେ ପଛରେ ପଡିଛି ବୋଲି କହି ସରାକରଙ୍କୁ ଘେରିଥିଲେ। ସବୁଠୁ ଅଧିକ ବ୍ୟୟ କରୁଥିବା ୧୭ଟି ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ଅଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବଜେଟ ଖର୍ଚ୍ଚରେ ସବୁଠାରୁ ପଛରେ ପଡ଼ିଛି।

# ଜାଡ଼ରେ ଥରୁଛି ଓଡ଼ିଶା

**ଭୁବନେଶ୍ୱର,୧୪।୧୨(ସମିସ):** ରାଜ୍ୟରେ ଗତ୩-୪ ଦିନ ଧରି ରାତିରେ ସର୍ବନିମ୍ନ ତାପମାତ୍ରା ଅପେକ୍ଷାକୃତ ହ୍ରାସ ପାଇଛି। ଶୀତର ପ୍ରକୋପରେ ସାରା ଓଡ଼ିଶା ଥରୁଥିବା ବେଳେ ଆଗାମୀ ୨-୩ ଦିନ ଏପରି ସ୍ଥିତି ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଆସନ୍ତା ୪୮ ଘଣ୍ଟା ଯାଏଁ ଶୀତ ଲହରୀ ଅନୁଭୂତ ହେବ। ଆସନ୍ତା ୨୪ ଘଣ୍ଟା ଅର୍ଥାତ୍ ୧୫ ତାରିଖ ରାତିରୁ ୧୬ ତାରିଖ ସକାଳ ଯାଏଁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ଶୀତ ଲବରୀ ଅନୁଭୂତ ହୋଇପାରେ। ଏଥିପାଇଁ ଉପରୋକ୍ତ ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟାରେ କଳାହାଣ୍ଡି ଓ କନ୍ଧମାଳରେ ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଗାମୀ ୩ ଦିନ ପାଇଁ ସର୍ବନିମ୍ନ ତାପମାତ୍ରାରେ ପରିବର୍ତ୍ତନ ହେବାର ନାହିଁ। ପରେ ୨ରୁ ୫ ଡିଗ୍ରି ତାପମାତ୍ରା ବୃଦ୍ଧି ହେବାର ଅଛି। ଗତ ୨୪ ଘଣ୍ଟାରେ କିଛିକିଛି ସ୍ଥାନରେ ଘନକୁହୁଡ଼ି ଦୃଶ୍ୟମାନ ସହ ଶୀତର ପ୍ରକୋପ ଅନୁଭୂତ ହେଉଥିବା ବେଳେ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରି ରେକର୍ଡ ହୋଇଛି। ସେହିପରି ପାହାଡ଼ିଆ ଅଞ୍ଚଳ ଜି. ଉଦୟଗିରିରେ ୫.୨ ଡିଗ୍ରି ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ ଓ କଟକରେ ୧୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ ୩ ଦିନ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ଏହା ପରଦିନ ରାଜ୍ୟବ୍ୟାପୀ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ।

**ଆଜି ଝାରସୁଗଡ଼ା, ସୁନ୍ଦରଗଡ଼ରେ ଶୀତ ଲହରୀ ସମ୍ଭାବନା**

# ୨୪ ଘଣ୍ଟା ହେଲା ଗୋଟିଏ ଜାଗାରେ 'ଜିନତ୍'

**ବାରିପଦା,୧୪।୧୨(ସମିସ):** ଶିମିଳିପାଳରୁ ଫେରାର୍ ବାଘୁଣୀ 'ଜିନତ୍' ଗତ ୨୪ ଘଣ୍ଟା ହେଲା ଗୋଟିଏ ଜାଗାରେ ରହିଛି। ସେଠାରୁ ଆଉ ଆଗକୁ ଯାଉନି କି ପଛକୁ ଫେରୁନି। ଓଡ଼ିଶା ସୀମାଠାରୁ ୫୦ କିମି ଦୂର ମଚାପଡ଼ିଆ ଓ ରାଜାବାସା ଜଙ୍ଗଲର ଗୋଟିଏ ସ୍ଥାନରେ ଡେରା ପକାଇ ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ଡଃ ପ୍ରକାଶଚାନ୍ଦ ଗୋଗିନାନୀ ଏହି ସୂଚନା ଦେଇଛନ୍ତି। ଉଭୟ ରାଜ୍ୟର ବନ ବିଭାଗ ଟିମ୍ ତା'ର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଘଞ୍ଚ ଜଙ୍ଗଲରେ ଜିନତ୍ ଥିବାରୁ ତାକୁ ଟ୍ରାକ୍ କରିହେଉନି। ଏହାକୁ ନେଇ ଉଭୟ ରାଜ୍ୟର ବନ ବିଭାଗ ଓ ଏସଟିଆର ଅଧିକାରୀଙ୍କ ଚିନ୍ତା ବଢ଼ିଛି। ଏହାସାଙ୍ଗକୁ ଗତ ୬ ଦିନ ହେଲା ସେ ଭୋକିଲା ଥିବାରୁ କୌଣସି ବଡ଼ଧରଣର ଅଘଟଣର ଆଶଙ୍କା ରହିଥିବା କୁହାଯାଉଛି।

**ବନବିଭାଗ ଓ ଏସ୍‌ଟିଆର ଅଧିକାରୀଙ୍କ ଚିନ୍ତା ବଢ଼ିଲା**






■ 'ସକାଳ' ପ୍ରଭାବ

## ମରାମତି ହେଲା ଡୋକରୀ ଚଞ୍ଚରା ପାନୀୟଜଳ ପ୍ରକଳ୍ପ



**କୋକସରା, ୧୪ ।୧୨(ସମିସ):** କୋକସରା ବ୍ଲକରେ ଥିବା ଐତିହାସିକ ପର୍ଯ୍ୟଟନସ୍ଥଳ ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ ଲାଗିଥିବା ସୌର ଚାଳିତ ପାନୀୟଜଳ ପ୍ରକଳ୍ପ ଦିର୍ଘ ୨ମାସ ହେବ ଅଚଳ ହୋଇ ପଡ଼ିଥିଲା। ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ତ୍ୱୋରିତ ପଦକ୍ଷେପ ସ୍ୱରୁପ ଶନିବାର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ଯଶୋବନ୍ତୀ ଭୋଇଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଡୋକରୀ ଚଞ୍ଚରାରେ ପହଞ୍ଚି ଅଚଳ ଥିବା ଉକ୍ତ ସୌର ଚାଳିତ ପାନୀୟଜଳ ପ୍ରକଳ୍ପକୁ ମରାମତି କରିଛନ୍ତି। ମରାମତି ପରେ ଡେିକରୀଚଞ୍ଚରା ଉନ୍ନୟନ ସମିତି ପକ୍ଷରୁ ପ୍ରଶାସନକୁ ଧନ୍ୟବାଦ୍ ଜଣାଇଛନ୍ତି।

## ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ନୂଆପଡ଼ା, ୧୪।୧୨(ସମିସ): ନୂଆପଡ଼ା ଜିଲ୍ଲା ସଦର ବ୍ଲକ ବେଲଟୁକୁରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନୂଆପଡ଼ା ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରର ପରିଚାଳନା ସମିତିର ସଭାପତି ହରିହର ଚନ୍ଦ୍ରକାରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଯୁବନେତା ଅଭିନନ୍ଦନ ପଣ୍ଡା, ସମ୍ମାନିତ ଅତିଥିଭାବେ ସରପଞ୍ଚ ପ୍ରତିନିଧି ଚନ୍ଦ୍ରଶେଖର ଚନ୍ଦ୍ରକାର, ତୋପରାମ ଚନ୍ଦ୍ରକାର, ସଙ୍କୁଳ ସଂଯୋଜକ ବିନୋଦ ଦାଶ ପ୍ରମୁଖ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ନୂଆପଡ଼ା ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ସମ୍ମାନିତ ଅତିଥି ଭାବେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସମାଜସେବୀ ମୁକେଶ ଚନ୍ଦ୍ରକାର, ପଞ୍ଚାୟତ ସମିତି ସଭ୍ୟ ସଂଘ ଅଧ୍ୟକ୍ଷ ନୀଳକମଳ ଚନ୍ଦ୍ରକାର, ଧନିରାମ ସାହୁ, ରାମଲାଲ ହଂସ, ସମ୍ପାଦକ ଦୁଷ୍ୟନ୍ତ ଚନ୍ଦ୍ରକାର, ରତନ ଲାଲ ଚନ୍ଦ୍ରକାର ପ୍ରମୁଖ ଯୋଗଦେଇଥିଲେ। ଶିଶୁମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ଖେଳ ଏକ ଅପରିହାର୍ଯ୍ୟ ଅଙ୍ଗ। ପାଠପଢ଼ା ସଙ୍ଗେ ଖେଳକୁଦର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଅତିଥିଗଣ ଆଲୋକପାତ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରବୀନ୍ଦ୍ର ସାହୁ ପରିଚାଳନା ଓ ସଂଯୋଜନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପିତାମ୍ବର ଶବର ଅତିଥି ପରିଚୟ କରିଥିବା ବେଳେ କୋଷାଧ୍ୟକ୍ଷ କୁଶଳେଶ୍ୱର ସିଂ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା, ପରିଚାଳନା ସମିତିର ସମସ୍ତ ସଦସ୍ୟସଦସ୍ୟା ସହଯୋଗ କରିଥିଲେ।

## ଅପହଞ୍ଚ ଇଲାକାରେ କମ୍ବଳ ବାଣ୍ଟିଲେ ସାମ୍ବାଦିକ

ସିନାପାଲି, ୧୪।୧୨(ସମିସ): ବଣଜଙ୍ଗଲ ଘେରା ଅପହଞ୍ଚ ଇଲାକାରେ ଗରିବ ନିରୀହ ଶ୍ରେଣୀର ଲୋକଙ୍କୁ କମ୍ବଳ ବାଣ୍ଟି ପ୍ରଶଂସା ସାଉଁଟିଛନ୍ତି ଯୁବ ସାମ୍ବାଦିକ ରାହୁଲ ରଣା। ସିନାପାଲି ବ୍ଲକ ସୀମାନ୍ତ ଅପହଞ୍ଚ ଅଞ୍ଚଳରେ ନଙ୍ଗଲବୋର୍ଡ ପଞ୍ଚାୟତର ଗୋଲାବେଡ଼ା ଗ୍ରାମ ଅବସ୍ଥିତ। ଏଠାରେ ଅନେକ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ବେଳେ ଗରୀବ ଶ୍ରେଣୀର ଲୋକେ ବସବାସ କରୁଛନ୍ତି। ଅଭାବ ଅନଟନ ମଧ୍ୟରେ ନିଜର ଗୁଜୁରାଣ ମେଣ୍ଟାଇବା ସହ ନିରୀହ ଜୀବନ ଅତିବାହିତ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶୀତ ଦାଉରୁ ରକ୍ଷା ପାଇଁ ଯୁବ ସାମ୍ବାଦିକ ରାହୁଲ ରଣା ଆଗେଇ ଆସି ଗ୍ରାମର ବୃଦ୍ଧବୃଦ୍ଧା ତଥା ବିଧବା ଓ ନିରୀହ ଶ୍ରେଣୀର ଲୋକଙ୍କ ପାଇଁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ସେ ଦୀର୍ଘ ୫ ବର୍ଷ ଧରି ଏହି ସେବା କାର୍ଯ୍ୟ ଜାରି ରଖିଥିବା ବେଳେ ଆଗକୁ ଏହି କାର୍ଯ୍ୟ ଜାରି ରଖିବା ପାଇଁ ଶ୍ରୀ ରଣା ପ୍ରକାଶ କରିଛନ୍ତି। ଆଜିର କମ୍ବଳ ବଣ୍ଟନ ଅବସରରେ ନଙ୍ଗଲବୋର୍ଡ ସରପଞ୍ଚ ଜଗଦୀଶ ମାଝି, ସମିତି ସଭ୍ୟ ଡିଙ୍ଗର ମାଝି, ସମାଜ ସେବୀ ଦାଦୁ ଖାଁ, ହଳଧର ମାଝି, ୱାର୍ଡ ସଭ୍ୟ ତ୍ରିଲୋଚନ ମାଝି, ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ କୁମାର ନାଏକ, ବିକାଶ ଖର୍ସେଲ, ସନ୍ତୋଷ ବାଗ, ଗଣେଶ ରଣାଙ୍କ ସମେତ ସିନାପାଲି ବ୍ଲକର ସମସ୍ତ ସାମ୍ବାଦିକ, ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅଜଣା ଗାଡ଼ି ଧକ୍କାରେ ୨ ବଳଦ ମୃତ

କୋକସରା, ୧୪ ।୧୨(ସମିସ): ବିଜୁ ଏକ୍ସପ୍ରେସୱେର କୋକସରା ବ୍ଲକ ଆମପାଣି ଥାନା ରଏନଗୁଡା-ତଲାଗାଁ ମଝିରେ ଶୁକ୍ରବାର ରାତିରେ ଅଜଣା ଗାଡ଼ି ଧକ୍କା ଦେବାରୁ ଦୁଇଟି ବଳଦର ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ବଳଦ ଗୁରୁତର ହୋଇଛି।ସୂଚନା ଅନୁସାରେ, ଆମପାଣି ଗ୍ରାମର ଚାଷୀ ପୁସ୍ତମ ମାଝୀ ଧର୍ମଗଡ଼ ସାପ୍ତାହିକ ଗୋରୁ ବଜାରରୁ ଚାରୋଟି ବଳଦ କିଣି ବିଜୁ ଏକ୍ସପ୍ରେସ୍‌ୱେରେ ଚଲାଇ ଚଲାଇ ନିଜ ଗାଁକୁ ଆଣୁଥିଲେ। ତେବେ ରାତି ପ୍ରାୟ ୯ଟା ସମୟରେ ରଏନଗୁଡା ନିକଟରେ ଏକ ଅଜଣା ଗାଡ଼ି ଉକ୍ତ ବଳଦକୁ ଧକ୍କା ଦେଇ ଫେରାର ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଦୁଇଟି ବଳଦ ମୃତ୍ୟୁ ହୋଇଥିବା ବେଳେ ଗୋଟାଏ ବଳଦ ଗୁରୁତର ହୋଇଛି। ଏଣେ ଚାଷ କାମରେ ଲଗାଇବା ପାଇଁ ଆଣୁଥିବା ବଳଦର ମୃତ୍ୟୁକୁ ନେଇ ଚାଷୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି କରିଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଆମପାଣି ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୩୫୧ଟି ମାମଲାର ଫଇସଲା

**ଭବାନୀପାଟଣା, ୧୪ ।୧୨(ସମିସ):**

କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୪ର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାକରଣ ଅଧକ୍ଷ, ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାକରଣ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୨୪ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧, ୧୯, ୨୪, ୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୧୪ଟି ଦେୱାନୀ ମକଦ୍ଦମା ଫଇସଲା କରାଯାଇଥିଲା, ବିଚାର ଯୋଗ୍ୟ ୨୩୯ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା ଏବଂ ଏନଆଇ ଆକ୍ଟ କେସ (ଦଫା-୧୩୮) ୯ଟି ଫଇସଲା କରାଯାଇ ୪୦, ୧୮, ୬୬୦/- ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୬ଗୋଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୧୪୮୦ ଟି ଫଇସଲା କରାଯାଇ ୬, ୬୯, ୩୬୧/- ଟଙ୍କା ଆଦାୟ କରାଯାଇଥିଲା ଓ ୫୬୯ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧, ୨୩, ୮୨, ୯୮୨ ଟଙ୍କା ଆଦାୟ କରାଯାଇଥିଲା। ଲୋକଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ (ଭିଜିଲାନ୍ସ) ବଦ୍ରିନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜୀବ ଲୋଚନ ସାହୁ, ସିନିୟର ସିଭିଲ ଜଜ୍, ସୁଦିପ୍ତା ଦେହୁରି, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଳାହାଣ୍ଡି, ଶୁଭଗୌତମ ମିଶ୍ର, ସିନିୟର ସିଭିଲ ଜଜ୍ (ମହିଳା କୋର୍ଟ) ରଶ୍ମୀରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ପି.ସିତାଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତି ସୁମିତ୍ରା ବିଶ୍ୱାଳ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅର୍ଚ୍ଚନା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ (ଏଫ୍‌ଟିଏସ୍‌ସି) ଯଦୁମଣି ମିଶ୍ର, ରେଜିଷ୍ଟ୍ରାର ଚରଣଜିତ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।




## ଘର ଘର ବୁଲି ଟ୍ୟାକ୍ସ ସଂଗ୍ରହ

କେସିଙ୍ଗା, ୧୪ ।୧୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ ନିଜେ ଟିମ୍ ଧରି ଘର ଘର ବୁଲି ବକାୟା ଥିବା ଘର ଟ୍ୟାକ୍ସ ସଂଗ୍ରହ କରୁଥିବା ଦେଖାଯାଉଛି।ଦୁଇ ଦିନ ତଳେ ବିଭିନ୍ନ ଖବର କାଗଜରେ କେସିଙ୍ଗା ଏନ୍‌ଏସିପେନସନ ଭୋଗୀମାନେ ଦୁଇ ମାସ ହେବ ପେନସନ ପାଇନଥିବା ଖବର ପ୍ରସାରିତ ହୋଇଥିବା ବେଳେ କେସିଙ୍ଗା ଏନ୍‌ଏସିରେ ପେନସନ ଦେବାପାଇଁ ଫଣ୍ଡ ନାହିଁ ବୋଲି ଖବର ମିଳିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆକୁଳ ନାଏକ, ମୋହନ ସାହୁ, ଶ୍ରୀନିବାସ ପଟ୍ଟନାୟକ, ପ୍ରଶାନ୍ତ ବାରିକ, ଚକ୍ରଧର ସାହା, ଜେମା ଦୀପ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲା ଯୁବ ଉତ୍ସବରେ ଚସ୍ମିତ୍ କୌର ସମ୍ମାନିତ




**ଭବାନୀପାଟଣା, ୧୪ ।୧୨(ସମିସ):** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନରେ ଥିବା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଓ ମାଇ ଭାରତ ତରଫରୁ ଜିଲ୍ଲା ଯୁବ ସଂଯୋଜକ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଭବାନୀପାଟଣା ସଭାଗୃହରେ ଯୁବ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗଦେଇ ଉପସ୍ଥିତ ଯୁବକଯୁବତୀଙ୍କୁ ଯୁବକମାନଙ୍କର ଭୂମିକା ଏବଂ ଦେଶ ପାଇଁ ନିଜର ଯୋଗଦାନ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ବିଶେଷ ଅତିଥି ଭାବରେ ଅତିରିକ୍ତ କଳାହାଣ୍ଡି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱର୍‌ାନ ପଞ୍ଚପ୍ରାଣ ଓ ବିକଶିତ ଭାରତରେ ଯୁବକଯୁବତୀମାନର ଭୂମିକା କିଭଳି ଭାବରେ ରହିବ ଆଲୋକପାତ କରିଥଲେ। ଅତିଥି ଭାବରେ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ପିତାମ୍ବର ଭୋଇ ଏବଂ ବକ୍ତା ଭାବରେ ମେଜର ଡ. ଜୟଦେବ ସାହୁ ଯୋଗଦେଇ ଅଭିଭାଷଣ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ସିଆର୍‌ପିଏଫ୍ ୬୪ ବାଟାଲିୟନ କଳାହାଣ୍ଡି ଦ୍ୱିତୀୟ କମାଣ୍ଡାଣ୍ଟ ପି.କେ ମିଶ୍ର ଯୋଗଦେଇ ସାଂସ୍କୃତିକ ଦଳମାନଙ୍କୁ ଉତ୍ସାହିତ କରିଥିଲେ। ବିନୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଇଁ ଗୌରବ ଆଣିଥିବା ଚସ୍ମିତ କୌରଙ୍କୁ ସମ୍ମାନିତ କରାଯାଇଥିଲା।ସେପ୍ରଥମେଜିଲ୍ଲାସ୍ତରୀୟବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ଯୋଗଦାନ କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶାରୁ ଜାତୀୟ ସ୍ତରରେ ନୂଆ ଦିଲ୍ଲୀରେ ପାର୍ଲିଆମେଣ୍ଟରେ ପ୍ରତିନିଧିତ୍ୱ କରିଥିଲେ। ସେ କଳାହାଣ୍ଡିରୁ ପ୍ରଥମଥର ପାଇଁ ଅନ୍ତର୍ଜାତୀୟସ୍ତରରେ ରୁଷିଆରେ ହୋଇଥିବା ବିଶ୍ୱ ଯୁବ ଉତ୍ସବ ସମ୍ମିଳନୀରେ ଯୋଗଦାନ କରି ଭାରତର ପ୍ରତିନିଧିତ୍ୱ କରିଥିଲେ। ସେଥିପାଇଁ ଜିଲ୍ଲା ଯୁବ ଉତ୍ସବ ୨୦୨୪ରେ ନେହେରୁ ଯୁବ କେନ୍ଦ୍ର ମାଇଁ ଭାରତ କଳାହାଣ୍ଡି ତରଫରୁ ତାଙ୍କୁ ସମ୍ମାନିତ କରାଯାଇଛି।

## ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ



**କେସିଙ୍ଗା, ୧୪ ।୧୨(ସମିସ):**କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାସିକ ଆଲୋଚନା ଆୟୋଜିତ ହୋଇଯାଇଛି।କାର୍ଯ୍ୟକ୍ରମରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗଦାନ କରି କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଶିକ୍ଷାର୍ଥୀଙ୍କର ଶିକ୍ଷଣ ଫଳାଫଳ ବୃଦ୍ଧି କରିବାରେ ନିଶ୍ଚିତ ରୂପେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ତୁର୍ଲାଖମନରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ନରସିଂହ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ।ଶ୍ରୀକାନ୍ତ କୁମାର ଜେନା ଗତ ବୈଠକରେ ଆଲୋଚିତ ହୋଇଥିବା ବିଷୟବସ୍ତୁ ଉପରେ ନିଜର ବିବରଣୀ ପାଠ କରିଥିଲେ।ଏହାପରେ ଉପସ୍ଥିତ ସମସ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ସୃଜନୀ, କୌଶଳୀ, କ୍ରୀଡାଙ୍ଗନ ଓ ଜିଜ୍ଞାସା ଆଦି ବିଭିନ୍ନ କ୍ଲବ୍‌ର ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପ ଓ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଆଲୋଚନା ଅଧିବେଶନକୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗାର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଜି. କ୍ରିଷ୍ଣା ରେଡ୍ଡୀ ପରିଚାଳନା କରିଥିଲେ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଭବାନୀପାଟଣା, ୧୪ ।୧୨(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଦିବସ ପାଳିତ କରାଯାଇଛି। ବିଦ୍ୟାଳୟର ପ୍ରିନ୍ସିପାଲ ଭୀମସେନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପଞ୍ଚ ଷ୍ଟ୍ରାଇକ ପାଇଁ ଗିନିସ ୱାର୍ଲଡ ରେକର୍ଡ କରିଥିବା ଡ. ସତ୍ୟପୀର ପଧାନ ଓ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ଅବସରପ୍ରାପ୍ତ ଶିକ୍ଷକ ଧନଞ୍ଜୟ ପଣ୍ଡା ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଛାତ୍ରଛାତ୍ରୀମାନେ ଡାଲଖାଇ, ରସରକେଲି ଗୀତରେ ଝୁମିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଡାଲ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଗଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିନେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବୃନ୍ଦାବନ ସ୍ମାର୍ଟ ସ୍କୁଲରେ ଚେସ୍ କ୍ଲବ୍ ଉଦ୍‌ଘାଟିତ

**ଭବାନୀପାଟଣା, ୧୪ ।୧୨(ସମିସ):** ବୃନ୍ଦାବନ ସ୍ମାର୍ଟ ସ୍କୁଲଠାରେ ଚେସ୍ କ୍ଲବର ଶୁଭ ଉନ୍ମୋଚନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଦିବସରେ ହୋଇଯାଇଛି। ରବୀନ୍ଦ୍ର ସାହୁ, ସଭାପତି, ଜିଲ୍ଲା ଚେସ ଆସୋସିଏସନ, ସୁନିଲ ବେହେରା, ବିଶିଷ୍ଟ କ୍ରୀଡ଼ା ପ୍ରଶିକ୍ଷକ, ଶରତ ଚନ୍ଦ୍ର ଖଟୁଆ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅତିଥି ରୂପେ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ଅରୁଣ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ବାହାରର ଅନ୍ୟ ଛାତ୍ରଛାତ୍ରୀ ମଧ୍ୟ ପ୍ରଶିକ୍ଷଣ ପାଇପାରିବେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ମିନତୀ କାନୁନ୍‌ଗୋ
ତିରୋଧାନ: ୦୫.୧୨.୨୦୨୪
ଆପଣଙ୍କ ଅମର ଆତ୍ମା ଚିରଶାନ୍ତି ଲାଭ କରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ପୁଅ, ବୋହୂ, ଝିଅ-ଜ୍ୱାଇଁ,
ନାତି-ନାତୁଣୀ,
ଅଣନାତି-ଅଣନାତୁଣୀ, କାନୁନଗୋ
ପରିବାରବର୍ଗ, ସମସ୍ତ ବନ୍ଧୁବର୍ଗ
ଏଲ୍-୫୮, ଭି.ଏସ୍.ଏସ୍ ନଗର, ଭୁବନେଶ୍ୱର

## ରୁଦ୍ର ପ୍ରସାଦ ସାହୁ ମେମୋରିଆଲ କପ୍ ;ଜୁନାଗଡ଼ ବିଜୟୀ

ଜୁନାଗଡ଼, ୧୪ ।୧୨(ସମିସ):ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ କ୍ରିକେଟ ଦ୍ୱିତୀୟ ଦିନରେ ଭବାନୀପାଟନା ଓ ଜୁନାଗଡ଼ ଖେଳ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା କେଡିସିଏ ଟସ ଜିତି ପ୍ରଥମେ ବ୍ୟାଟିଂ କରି୨୪ ଓଭର ୪ ବଲ ରେ ୧୩୯ ରନ ସଂଗ୍ରହ କରିଥିଲେ। ଜବାବରେ ଜୁନାଗଡ଼ ଏନଆରଏସ ଏସସି ୨୪ ଓଭର ୨ ବଲ ରେ ୮ ଉଇକେଟ ହରାଇ ସମସ୍ତ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଅର୍ପିତ ମହାନ୍ତି ଆଜିର ଖେଳରେ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନିୟୁ ରେଡ ଷ୍ଟାର ସ୍ପୋର୍ଟ୍ସ କ୍ଲବ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶୈଳେଶ ସାହୁ ଓ ଡାକ୍ତର ଭଗବାନ ପଣ୍ଡା ଯୋଗଦେଇଥିଲେ। ଦିପେନ ସାହୁ ଓ ବିପ୍ଳବ ସିଂ ଖେଳ ପରିଚାଳନା କରିଥିବା ବେଳେ ସୁରେଶ ବାଗ, ମାନସ ସାହୁ, ବିଶ୍ୱ ସାହୁ ଓ ସନ୍ତୋଷ ପୃଷ୍ଟି ଧାରାବିବରଣି କରିଥିଲେ। ମୁକେଶ ପୋଡ଼ ସ୍କୋରର ଦାୟିତ୍ୱ ଓ ହାସୀମ ଖାନ ଅନଲାଇନ ସ୍କୋର ଦାଇତ୍ୱ ତୁଲାଇଥିଲେ। କ୍ଲବସଭାପତି ହିମାଂଶୁ ଶେଖର ବରାଡ, ଉପ ସଭାପତି ସରୋଜ କୁମାର ପଣ୍ଡା, ସମ୍ପାଦକ କାଳିନ୍ଦୀ ପାଣିଗ୍ରାହୀ, ଅର୍ଗାନାଇଜ ସମ୍ପାଦକ ମାନସ ସାହୁ, ସହ ସମ୍ପାଦକ କହ୍ନେଇ ରାଓଳ, ସୁଶୀଲ ଠାକୁର, କୋଷାଧ୍ୟକ୍ଷ ଦିଲୀପ ପଣ୍ଡା, ତୁଳସୀ ପଟ୍ଟନାୟକ, ରମଣୀ ପଣ୍ଡା, ପପୁ ପଣ୍ଡା, ସୁଜିତ ପଣ୍ଡା, ପ୍ରଭୁଦତ୍ତ ପଣ୍ଡା, ଅଶୋକ ପଟ୍ଟନାୟକ, ସରପଞ୍ଚ ଦିବ୍ୟ ଦୀପ, ଦୀପକ ସାହୁ, କଳିଙ୍ଗ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



**କନଷ୍ଟେବଲ ସ୍ତ୍ରୀକୁ ସ୍ୱାମୀର ମରଣାନ୍ତକ ଆକ୍ରମଣ ଘଟଣା**

# ସ୍ୱାମୀର ଗିରଫ ଦାବିକଲେ ନୁପୂର

**ବଲାଙ୍ଗିର, ୧୪ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ବଡ଼ଙ୍ଗୋମୁଣ୍ଡା - ତୁଷୁରା ରାସ୍ତାରେ ବହୁ ଚର୍ଚ୍ଚିତ ମହିଳା କନଷ୍ଟେବଲଙ୍କୁ କନଷ୍ଟବଲ ସ୍ୱାମୀଙ୍କ ହତ୍ୟା ଉଦ୍ୟମ ଘଟଣାରେ ମୃତ୍ୟୁରୁ ଅଳ୍ପକେ ବର୍ତ୍ତିଯାଇଥିବା ନୁପୁର ବିଶ୍ୱାଳ ମୁହଁ ଖୋଲିଛନ୍ତି। ତାଙ୍କ ସ୍ୱାମୀ ଜଣେ ଯୁବକଙ୍କ ସହ ମିଶି କେମିତି ହତ୍ୟା କରିବାକୁ ଉଦ୍ୟମ କରିଥିଲେ ସେହି ମୁହୂର୍ତ୍ତକୁ ବଖାଣିଛନ୍ତି। ତାଙ୍କ ନୃଶଂସ ସ୍ୱାମୀ ଜୀବନରେ ମାରିଦେବା ପାଇଁ ମନସ୍ଥ କରିଥିବା ବେଳେ ଲୋକ ମାନଙ୍କ ଯୋଗୁଁ ସେ ବଞ୍ଚିଯାଇଥିବା କହିଛନ୍ତି। ତେବେ ପ୍ରାୟ ଗୋଟିଏ ବର୍ଷ ପୂର୍ବରୁ ବିବାହ କରିଥିବା ଉଭୟ କନଷ୍ଟେବଲ ଦମ୍ପତିଙ୍କ ସମ୍ପର୍କରେ ଏଭଳି ଏକ ଫାଟ ସୃଷ୍ଟି ହେବା ପଛରେ ପାରିବାରିକ ସମସ୍ୟା ନା ପରକିୟା ପ୍ରୀତି ତାକୁ ନେଇ ଏବେ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି।

ବଲାଙ୍ଗିର ଜିଲ୍ଲାରେ ପୁଲିସ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିବା ଜ୍ୟୋର୍ତିମୟ ପଧାନ ଓ ନୁପୁର ବିଶ୍ୱାଳ ଗତ ପ୍ରାୟ ଦୁଇବର୍ଷ ପୂର୍ବରୁ ବିବାହ କରିଥିଲେ। ବିବାହ ପରେ ତାଙ୍କ ସନ୍ତାନ ମଧ୍ୟ ହୋଇଥିଲା। ବର୍ତ୍ତମାନ ତାଙ୍କ ସନ୍ତାନକୁ ୧୦ ମାସ ହୋଇସାରିଛି। ତେବେ ଗତ ରବିବାର ସନ୍ଧ୍ୟାରେ ନୁପୂରଙ୍କୁ ତାଙ୍କ ସ୍ୱାମୀ ରାସ୍ତାକଡ଼ାରେ ହତ୍ୟା ଉଦ୍ୟମ କରିଥିଲେ। ପଥରରେ ଛେଚି ହତ୍ୟା କରିବା ପାଇଁ ଉଦ୍ୟମ କରିଥିବା ବେଳେ କିଛି ଲୋକ ପହଞ୍ଚିଯିବାରୁ ନୁପୂର ବଞ୍ଚିଯାଇଥିଲେ। ନୁପୂରଙ୍କ ଚିକିତ୍ସା ବର୍ତ୍ତମାନ ସମୟରେ ଏକ ଘରୋଇ ଡାକ୍ତରଖାନାରେ ଚାଲିଥିବା ବେଳେ ସେ ଏହି ଘଟଣାରେ ନିଜ ପ୍ରତିକ୍ରୀୟା ରଖିଛନ୍ତି।



ତାଙ୍କ କହିବା ଅନୁସାରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ଥିଲା। କାହିଁକି ତାଙ୍କ ସ୍ୱାମୀ ହତ୍ୟା କରିବା ପାଇଁ ଉଦ୍ୟମ କଲେ ସେ ମଧ୍ୟ ଆଶ୍ଚର୍ଯ୍ୟ ବୋଲି କହିଛନ୍ତି। ରବିବାର ପାରିବାରିକ ଏକ କାର୍ଯ୍ୟକ୍ରମରୁ ସ୍ୱାମୀ-ସ୍ତ୍ରୀ ସ୍କୁଟିରେ ବାହାରିଥିଲେ। ରାସ୍ତାରେ ସ୍ୱାମୀ ଗାଡି ଅଟକାଇ ହଠାତ ତାଙ୍କ ଉପରକୁ ଏକ ତାଲାରେ ଆକ୍ରମଣ କରିଥିଲେ। ପରେ ପୂର୍ବରୁ ଲୁଚି ରହିଥିବା ତାଙ୍କର ଜଣେ ସାଙ୍ଗ ସେଠାକୁ ଆସିଥିଲେ। ଉଭୟ ମିଶି ତାଙ୍କୁ ରାସ୍ତାର କିଛି ଦୂର ଭିତରକୁ ନେବା ପରେ ପଥରେ ମୁଣ୍ଡକୁ ଆଘାତ ଦେଇଥିଲେ। ଅସହ୍ୟ ଯନ୍ତ୍ରଣାରେ ସେ ଚିତ୍କାର କରିଥିଲେ। ବାରମ୍ବାର ଉଭୟ ନିଶ୍ୱାସ ପରୀକ୍ଷା କରିବା ସହ ଆହୁରି ଆଘାତ ଦେଇଚାଲିଥିଲେ। ପରେ ଚିତ୍କାର ଶୁଣି ରାସ୍ତାରେ ଯାଉଥିବା କିଛି ଲୋକ ଆସିବା ପରେ ସେମାନେ ଫେରାର ହୋଇଥିଲେ। ଲୋକ ତାଙ୍କୁ ଉଦ୍ଧାର କରି ଶାଶୂ ଘରକୁ ଖବର ଦେଇ ଗାଁକୁ ନେଇଥିଲେ, ସେଠାରୁ ତାଙ୍କୁ ଡାକ୍ତରଖାନା ଅଣାଯାଇଥିବା ସେ କହିଛନ୍ତି। ମୃତ୍ୟୁକୁ ଅତି ନିକଟରୁ ଦେଖିଥିବା ନୁପୂର ନିଜ ଓ ପରିବାର ଲୋକଙ୍କ ଜୀବନ ବିପଦରେ ରହିଥିବା କହିଛନ୍ତି। ତାଙ୍କ ସ୍ୱାମୀ ଜ୍ୟୋର୍ତିମୟ ଫେରାର ଥିବା ବେଳେ ଏସ୍‌ପି ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। କିନ୍ତୁ ଏଯାଏଁ ସେ ଧରାପଡ଼ିନଥିବାରୁ ପୁଣି ହତ୍ୟା ଉଦ୍ୟମ କରିବାର ସମ୍ଭାବନା ରହଥିବା ନୁପୂର କହିଛନ୍ତି। ସ୍ୱାମୀଙ୍କ ପାଖରେ ତାଙ୍କର ମୋବାଇଲ, ପର୍ସ, କାର୍ଡ ଥିବା ବେଳେ ଫେରାର ହେବାପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଯାଇଥିବା ସେ କହିଛନ୍ତି। ଅନ୍ୟ ମାମଲାରେ ପୁଲିସ ଅପରାଧିକୁ ଧରୁଥିବାବେଳେ ତାଙ୍କ ସ୍ୱାମୀକୁ ପ୍ରଥମେ ଶୀଘ୍ର ଗିରଫ କରିବା ସହ କାହିଁକି ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ ସ୍ପଷ୍ଟ କରିବାକୁ ସେ ଦାବି କରିଛନ୍ତି। ପାରିବାରିକ କଳହରୁ ନୁପୂରଙ୍କୁ ହତ୍ୟା ଉଦ୍ୟମ କରିଥିବା

**‘ସବୁ ଠିକ୍ ଥିଲା ଏମିତି କାହିଁକି କଲେ’...**

ଏସ୍‌ଡିପିଓ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କିନ୍ତୁ ନୁପୂର ହତ୍ୟା କରିବା ଭଳି କିଛି ବି କାରଣ ନ ଥିବା କହିଛନ୍ତି। ତେବେ କାହିଁକି ଜଣେ ସ୍ୱାମୀ ସ୍ତ୍ରୀକୁ ଏହିଭଳି ଭାବେ ନିର୍ମମ ଭାବେ ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ନୁପୂର କିଛି କଥା ଲୁଚାଉଛନ୍ତି କି! ଉଭୟଙ୍କ ମଧ୍ୟରେ କିଛି ଏହିଭଳି ଥିଲା କି ଯାହାକି ଲୋକଲୋଚନକୁ ନ ଆସିବାକୁ ଜ୍ୟୋର୍ତିମୟ ଚାହୁଁଥିଲେ! ଏହିଭଳି ଅନେକ ପ୍ରଶ୍ନ ଭିତରେ ଏହି ଘଟଣା ଆଲୋଚନାର ବିଷୟ ହୋଇ ରହିଛି।

## ଜରାଜୀର୍ଣ୍ଣ ଝାଙ୍କରପାଲି ଲକ୍ଷ୍ମୀ ବସ୍‌ଷ୍ଟପ୍



**ବଲାଙ୍ଗିର, ୧୪ ।୧୨(ସମିସ):** ଦୁର୍ଗମ ଗାଁ, ପଞ୍ଚାୟତକୁ ସହର ସହ ସଂଯୋଗ କରିବା ପାଇଁ ଲକ୍ଷ୍ମୀବସ୍ ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନାରେ ଗାଁ ଗାଁରୁ ବ୍ଲକ ମୁଖ୍ୟାଳୟକୁ ବସ୍ ସଂଯୋଗ କରାଯାଇଥିଲା। ଏଥିପାଇଁ ସମସ୍ତ ଗାଁରେ ବସ୍‌ଷ୍ଟପ୍ ନିର୍ମାଣ କରାଯାଇଥିଲା। ତେବେ ରାଜ୍ୟରେ ସରକାର ବଦଳିବା ପରେ ବିଭିନ୍ନ ଯୋଜନାର ଚିତ୍ର ମଧ୍ୟ ବଦଳିଛି। ପୁରୁଣା ସରକାର ସମୟରେ ହୋଇଥିବା ପ୍ରକଳ୍ପର ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଯାହାର ଏକ ନଗ୍ନ ନମୁନା ହେଉଛି ବଲାଙ୍ଗିର-ପାଟଣାଗଡ଼ ରାସ୍ତାର ଝାଙ୍କରପାଲିଠାରେ ଥିବା ଲକ୍ଷ୍ମୀ ବସ୍‌ଷ୍ଟପ୍ ବୋଲି ଅଭିଯୋଗ ହୋଇଛି।

କିଛି ମାସ ପୂର୍ବରୁ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟରେ ଝାଙ୍କରପାଲି ଲୋୟର ସୁକତେଲ ବିସ୍ଥାପନ ଓ ଥଇଥାନ କଲୋନୀ ନିକଟରେ ଥିବା ଛକରେ ନିର୍ମାଣ ହୋଇଥିଲା ଲକ୍ଷ୍ମୀ ବସ୍‌ଷ୍ଟପ। ଅଟକଳ ମୁତାବକ ନିର୍ମାଣ କରାଯାଇଥିବା ବେଳେ ଟାଇଲ, ଷ୍ଟିଲ ରେଲିଂ, ବସଷ୍ଟପ ବୋର୍ଡ ଲଗାଯାଇଥିଲା। କିଛି ମାସ ତଳେ ହିଁ ଏହାର ଉଦ୍‌ଘାଟନ ହୋଇଥିଲା। କିନ୍ତୁ ଆଜିର ଦିନରେ ଏହି ବସଷ୍ଟପ ର ଅବସ୍ଥା ନ କହିବା ଭଲ। ବୋର୍ଡ ଭାଙ୍ଗି ଯାଇଥିବାବେଳେ ଟାଇଲ ଫାଟି ସାରିଲାଣି। ନିର୍ମାଣ ହୋଇଥିବା ପିଣ୍ଡି ମଧ୍ୟ ଭାଙ୍ଗିଯାଇଥିବାବେଳେ ଷ୍ଟିଲ ରେଲିଂ ଆଉ ନାହିଁ। ନିମ୍ନମାନର କାମ କରାଯାଇଥିଲା ନା ଆକ୍ରୋଶମୂଳକ ଭାବେ ଏହାକୁ ଭାଙ୍ଗି ଦିଆଯାଇଛି ତାହା ତଦନ୍ତ ସାପେକ୍ଷ। କେବଳ ଏହି ଖାଙ୍କରପାଲି ବସ୍‌ଷ୍ଟପ ର ସମସ୍ୟା ନୁହଁ ଜିଲ୍ଲାରେ ଥିବା ଅନ୍ୟ ଅଞ୍ଚଳର ବସ୍‌ଷ୍ଟପ ଚିତ୍ର ମଧ୍ୟ ସାଂଘାତିକ ରହିଛି। ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା ଏହି ସବୁ ବସଷ୍ଟପ ଦାୟିତ୍ୱ କାହା ହାତରେ ରହିଛି। ଲକ୍ଷ୍ମୀବସ୍ ଏବେବି ଗାଁ ଗୁଡ଼ିକରୁ ଗଡ଼ୁଥିବା ବେଳେ ବସ୍‌ଷ୍ଟପ୍ ଲୋକଙ୍କ ବ୍ୟବହାରରେ ଲାଗୁଛି। ତଥାପି ଏହିଭଳି ଅବସ୍ଥା ଯୋଗୁଁ ଅସନ୍ତୋଷ ଦେଖିବାକୁ ମିଳିଛି। ତେବେ ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହିତ ଏହାକୁ ନଷ୍ଟ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ବଲାଙ୍ଗିରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ

**ବଲାଙ୍ଗିର, ୧୪ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସମେତ, ଜିଲ୍ଲାରେ ଥିବା ସମସ୍ତ ତାଲୁକସ୍ତରରେ ଚଳିତବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ନ୍ୟାୟାଳୟର, ଜିଲ୍ଲା ନ୍ୟାୟାଧିଶ ଡ. ପବିତ୍ର ମୋହନ ସାମଲ, ବିମଲ କୁମାର ଚାନ୍ଦ ଚେୟାରମ୍ୟାନ, ପିଏଲ୍‌ଏ, (ପିୟୁଏସ୍), ବିକ୍ରମ କେଶରୀ ପଟ୍ଟନାୟକ, ଜଜ୍ ଫ୍ୟାମିଲି କୋର୍ଟ, ହିମାଂଶୁ ଶେଖର ସିଂହ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଥମ, ପ୍ରିୟ ରଞ୍ଜନ ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ୍ ଦ୍ୱିତୀୟ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ସୁନନ୍ଦା ପାଢ଼ୀ, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଶ୍ରୀଦୀପ୍ ମିଶ୍ର, ଆଶିଷ କୁମାର ସାହୁ ସିଭିଲ୍ ଜଜ୍, କୁମୁନ୍ ଆଚାର୍ଯ୍ୟ, ସିଭିଲ୍ ଜଜ୍, ବୈଶାଳୀ ନାୟକ, ସିଭିଲ୍ ଜଜ୍, ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ଅତିରିକ୍ତ ସିଭିଲ୍ ଜଜ୍, ଦୀପାରାଣୀ ଜେନା, ସାସତୀ ମହାପାତ୍ର, ସିଭିଲ୍ ଜଜ୍, ଲକ୍ଷ୍ମୀ ବେହେରା। ସୁବାସ ଚନ୍ଦ୍ର ମହାନ୍ତ ଏବଂ ଜିଲ୍ଲା ବାର୍‌ର ପ୍ରାୟ ସମସ୍ତ ଓକିଲ ମାନେ ଉପସ୍ଥିତ ଥିଲେ। ଏହା ସହିତ ଜିଲ୍ଲା ର ବିଭିନ୍ନ ରାଜସ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଆରଟିଓ, ବିଏସଏନଏଲ ଏବଂ ଅନ୍ୟ ବିଭାଗ ମାନଙ୍କର କର୍ମଚାରୀ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ। ନନ୍ଦକିଶୋର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସହର ସାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶାକର୍ମୀଙ୍କ ମାଧ୍ୟମରେ ପ୍ରାଧିକରଣ ପରିସରରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷ ମାନଙ୍କର ବିଭିନ୍ନ ସାସ୍ଥ୍ୟ ସମସ୍ୟା ପରୀକ୍ଷା କରାଯାଇଥିଲା। ପବିତ୍ରାନନ୍ଦ ପ୍ରଧାନ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବାରେ ଜିଲ୍ଲା ପୁଲିସ ପ୍ରଶାସନ ସହଯୋଗ କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୫ ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇଥିଲା। ୧୫ ଟି ବ୍ୟାଙ୍କ ମକୋଦ୍ଦମାର ସମାଧାନ କରାଯାଇ ୪୩୮୩୧୪୬.୯ ଟଙ୍କା ଦାଖଲ ହୋଇଥିଲା। ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ୍ ୮୧୩୮ ଟଙ୍କା ଦେବା ପାଇଁ ଆଦେଶ କରାଯାଇଥିଲା। ୪୫ ଟି ଫୌଜଦାରି ମକୋଦ୍ଦମା ଫଇସଲା କରାଯାଇଥିଲା ୫୨ ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା। ୬ ଟି ପ୍ରାକ୍ ମକୋଦ୍ଦମା ମାମଲାର ସମାଧାର କରାଯାଇଥିଲା।



## ମଣ୍ଡି ପରିଦର୍ଶନ କଲେ ବିଜେଡି ନେତା



**ମୁରିବାହାଲ, ୧୪ ।୧୨(ସମିସ):** ମୁରିବାହାଲ ବ୍ଲକ ଗୁଡ଼ିଘାଟ ସଦର ପଞ୍ଚାୟତ ଧାନ ମଣ୍ଡିରେ ବରିଷ୍ଠ ବିଜେଡି ନେତା ସହ କଣ୍ଟାବାଞ୍ଜି ବିକାଶ ପରିଷଦ କାର୍ଯ୍ୟକର୍ତ୍ତା ପରିଦର୍ଶନ କରିଥିଲେ। ଶନିବାର କଣ୍ଟାବାଞ୍ଜି ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ନେତୃତ୍ୱରେ ଗୁଡ଼ିଘାଟ ଗୁଳା ସଭପତି ପପୁ ସାଏ, ବଡ଼ସାଇମରା ଗୋଲା ସଭାପତି ମହେଶ ପୁଟେଲ, ମୀନକେତନ ପାତ୍ର ଧାନ ମଣ୍ଡି ପରିଦର୍ଶନ କରିବା ସହିତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ କଣ୍ଟାବାଞ୍ଜି ବିକାଶ ପରିଷଦର ନବୀନ କୁମାର ରାଓ, ରବିଚନ୍ଦ୍ର ବିଶି, ମଦନ ଥାଟି, ଭାରତ ପଧାନ, କୁଞ୍ଜ ମେହେର, ଲୋକନାଥ ବଘାର, ଶ୍ୟାମ ବଗର୍ତ୍ତି, ପ୍ରହଲ୍ଲାଦ ବଛାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ବାର୍‌ହା ଶିକାର ଅଭିଯୋଗରେ ୪ ଗିରଫ



**ତୁରେକେଲା, ୧୪ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଉପାନ୍ତ ତୁରେକେଲା ବ୍ଲକ ବଡ଼ବାଙ୍କୀ ଅଞ୍ଚଳରେ ଜୀବ ଜନ୍ତୁଙ୍କ ସଂଖ୍ୟା ଧୀରେଧୀରେ ଲୋପ ପାଇବାକୁ ବସିଲାଣି। ବାର୍‌ହା ଶିକାର କରିବା ଅଭିଯୋଗରେ ବଡ଼ବାଙ୍କୀ ପଞ୍ଚାୟତର ମୁରିବାହାଲ ଗ୍ରାମର ୪ ଜଣଙ୍କୁ ଗିରଫ କରିଛି ବଙ୍ଗୋମୁଣ୍ଡା ବନ ବିଭାଗ। ସେମାନେ ବାର୍‌ହା ଶିକାର କରିଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ସେମାନଙ୍କ ଠାରୁ ୮୦୦ ଗ୍ରାମର ବାର୍‌ହା ମାଂସ ଜବତ କରାଯାଇଛି।

## ଗୁଞ୍ଚିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବଲାଙ୍ଗିର, ୧୪ ।୧୨(ସମିସ):** ମୁରିବାହାଲ ବ୍ଲକ ସିରୋଲ କ୍ଲଷ୍ଟରର ଗୁଞ୍ଚିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ସଭାପତିତ୍ୱରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ଟିଟିଲାଗଡ଼ ଲାୟନ୍ସ କ୍ଲବର ସଭାପତି ଗଙ୍ଗାଧର ଶର୍ମା, ସମ୍ମାନିତ ଅତିଥିଭାବେ ସମ୍ପାଦକ ଆବାସ ଖାଁ, ମାର୍କେଟିଂ ଚେୟାର ପର୍ସନ ସଞ୍ଜୟ କୁମାର ନାୟକ, କୁନୁ ସାହୁ, ଅଜିତ ପାତ୍ର, ସଦସ୍ୟ ପଙ୍କଜ ନାମଦେବ, ସଫଳା ମିଶ୍ର, ଚକ୍ରଧର ନାଗ ମଞ୍ଚାସିନ ହୋଇଥିଲେ। ଏହାପରେ ରୋଲି ଭାଟି ଏବଂ ଝୁଲି ସାହୁଙ୍କ ଦ୍ୱାରା ଏକ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷକ ଗୌର ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଲାୟନ୍ସ କ୍ଲବ ବିଦ୍ୟାଳୟକୁ ଗୋଟିଏ ୱାଟରକୁଲର ପ୍ରଦାନ କରିଥିବା ଘୋଷଣା କରିଥିଲେ। ସାଂସ୍କୃତିକ ବିଚିତ୍ରା ପରିବେଷଣ ସମସ୍ତ ଛାତ୍ରଛାତ୍ରୀଙ୍କୁ ଲାୟନ୍ସ କ୍ଲବ ତରଫରୁ ୨୧୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି ଉତ୍ସବକୁ ପରିଚାଳନା କରିବାରେ ବିଦ୍ୟାଳୟର ଶିକ୍ଷକ ନୀଳମଣି ଦୀପ, ଶିକ୍ଷୟତ୍ରୀ ଜୟ ମାଳିନୀ ପଟ୍ଟନାୟକ, ସୁଶ୍ରୀ ପ୍ରିୟ ଦର୍ଶିନି ସ୍ୱାଇଁ, ସରୋଜିନୀ ମିଶ୍ର ସହଯୋଗ କରିଥିଲେ।

## ପରିବେଶ ପ୍ରେମୀ ନନ୍ଦିଘୋଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କଣ୍ଟାବାଞ୍ଜି, ୧୪ ।୧୨(ସମିସ):** ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସାଇକଲରେ ଓଡ଼ିଶା ଭ୍ରମଣ କରୁଥିବା ବରଗଡ଼ ଜିଲ୍ଲା ନୂଆଗଡ଼ର ନନ୍ଦିଘୋଷ ଖମାରୀ (୨୭) ଶନିବାର କଣ୍ଟାବାଞ୍ଜି ପହଞ୍ଚିବା ପରେ ସ୍ଥାନୀୟ ସମ୍ବିଧାନ ଛକଠାରେ ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଡିସେମ୍ବର ୬ ତାରିଖରୁ ତାଙ୍କ ଭ୍ରମଣ ଯାତ୍ରା ଆରମ୍ଭ ହୋଇଛି। ନନ୍ଦିଘୋଷଙ୍କ ଲକ୍ଷ୍ୟ ସାରା ଓଡ଼ିଶା ଭ୍ରମଣ କରି ସାଧାରଣ ଜନତା ତଥା ଆଗାମୀ ପିଢି ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ନେଇ ସେ ବାର୍ତ୍ତା ଦେବା। ଏହି ସମ୍ବଦ୍ଧନା ସମୟରେ ଓଡ଼ିଶା ପତ୍ରିକାର ସଂଘ ବଲାଙ୍ଗିର ଜିଲ୍ଲା ସଭାପତି ତୁଳସୀରାମ ଜଗତ, ରାଜ୍ୟ ସାମ୍ବାଦିକ ସଂଘ ବଲାଙ୍ଗିର ଜିଲ୍ଲା ଉପ ସଭାପତି ରୋହନ କୁମାର ମହତ, ସାଇଭାଇ ସୋସିଆଲ ୱାର୍କର ଅନୁଷ୍ଠାନ ପ୍ରତିଷ୍ଠାତା ରାଜେନ୍ଦ୍ର ଦୀପ, ସାମ୍ବାଦିକ ମୋହନ ସୁନା, ରାକେଶ ସରାଫ, ରେସବ ମାହାନନ୍ଦ, ଅଂଶୁ ସିପକା, ସାନୁ ପନିକା ସହ ଅନ୍ୟ ମାନେ ଉପସ୍ଥିତ ଥିଲେ। ନନ୍ଦିଘୋଷ ୨୦୨୨ ସେପ୍ଟେମ୍ବର ୫ ତାରିଖରୁ ନିଜର ଜନ୍ମ ଭୂମିରୁ ପରିବେଶ ସୁରକ୍ଷା ନେଇ ସାଇକଲରେ ଭାରତ ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ। ୫୪୮ ଦିନରେ ସାଇକଲ ଚଳାଇ ୨୮ ରାଜ୍ୟ ଭ୍ରମଣ କରିଥିଲେ।




**ତୁରେକେଲା ସରକାରୀ ସ୍କୁଲ**

## ସ୍କୁଲପିଲା ଟାଙ୍କି ସଫା କରୁଥିବା ଅଭିଯୋଗ

**ତୁରେକେଲା, ୧୪ ।୧୨(ସମିସ):** ଗରିବ ଶ୍ରେଣୀର ପରିବାର ଲୋକେ ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ସରକାରୀ ସ୍କୁଲକୁ ପାଠ ପଢ଼ାଇବାକୁ ପିଲାମାନଙ୍କୁ ପଠାଉଛନ୍ତି। ହେଲେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ବଦଳରେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କୁ ଛତ ଉପରକୁ ଚଢ଼ାଇ ପାଣି ଟାଙ୍କି ସଫା କରାଉଥିବା ଘଟଣା ସାମ୍ନାକୁ ଆସିଛି। ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଏହି ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ପାଠ ପଢ଼ିବାକୁ ଆସିଥିବା ଛାତ୍ର ଜଣକ ଛାତ ଉପରୁ ତଳକୁ ଓହ୍ଲାଉଥିବା ଦେଖିବାକୁ ମିଳୁଛି। ଛାତ୍ର ଜଣକ ତୁରେକେଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ହୋଇଥିବା ସ୍ପଷ୍ଟ ହୋଇଛି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ମାଧବୀଲତା ସାହୁଙ୍କୁ ପଚାରିବାରୁ ଏହି ଅଭିଯୋଗ ଟି ମିଥ୍ୟା ଅଟେ। କାହିଁକି ଆମେ ଛାତ ଉପରକୁ ପିଲାମାନଙ୍କୁ ଚଢ଼ାଇବୁ ଆପଣଙ୍କୁ କିଏ ଭୁଲ ତଥ୍ୟ ଦେଇଛି ବୋଲି ସେ କହିଥିଲେ।



## ଯୁବୋଦୟ ଲିଡ୍ ସ୍କୁଲରେ ବାର୍ଷିକ କ୍ରୀଡ଼ା

**ବଲାଙ୍ଗିର, ୧୪ ।୧୨(ସମିସ):** ଯୁବୋଦୟ ଲିଡ୍ ସ୍କୁଲ୍ ସକ୍ସା କ୍ୟାମ୍ପସ୍ ପଡ଼ିଆରେ ବାର୍ଷିକ କ୍ରୀଡ଼ା ଦିବସ ଆୟୋଜନ ହୋଇଯାଇଛି। ସମସ୍ତ ଖେଳକୁ ତିନିଟି ଶ୍ରେଣୀରେ ବିଭାଜିତ କରାଯାଇଥିଲା। ସବ୍-ଜୁନିଅର (ଶ୍ରେଣୀ ୧ ରୁ ୩), ଜୁନିଅର (ଶ୍ରେଣୀ ୪ ରୁ ୬) ଏବଂ ସିନିଅର (ଶ୍ରେଣୀ ୭ ରୁ ୯)। ଯୁବୋଦୟ ନିର୍ଦ୍ଦେଶକ ଅମ୍ବରିଶ ଦାଶ ଅତିଥି ଭାବେ ଅଂଶଗ୍ରହଣ କରି କ୍ରୀଡ଼ା ଆରମ୍ଭ କରିଥିଲେ। ସଟପୁଟ୍, ଦୌଡ଼, କ୍ରିକେଟ୍, ମ୍ୟୁଜିକାଲ୍ ଚେୟାର, ବ୍ୟାଡମିଣ୍ଟନ୍, ଲମ୍ବଡିଆଁ, ଉଚ୍ଚଡିଆଁ ଏବଂ ୧୦୦ ମିଟର୍, ୨୦୦ ମିଟର୍ ଦୌଡ଼ ଭଳି ଖେଳ ଆୟୋଜନ କରାଯାଇଥିଲା। ସମସ୍ତ ବିଜେତାଙ୍କୁ ପୁରସ୍କାର ବଣ୍ଟନ କରାଗଲା।



**ଦୁଇ ମହିଳାଙ୍କ ଶବ ଉଦ୍ଧାର ଘଟଣା**

# ୨୪ ଘଣ୍ଟା ପରେ ବି ମିଳିନି ପରିଚୟ

**ବଲାଙ୍ଗିର, ୧୪ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିକଟସ୍ଥ କୁକୁଡ଼ାହାଡ଼ ରେଳଲାଇନରୁ ଦୁଇ ମହିଳାଙ୍କ ମୃତଦେହ ଜବତ ଘଟଣା ୨୪ ଘଣ୍ଟା ପୂରିସାରିଥିବା ବେଳେ ଏହାକୁ ନେଇ ଏବେବି ସସ୍‌ପେନ୍ସ ଜାରି ରହିଛି। ସୁଚିନ୍ତିତ ହତ୍ୟା, ଆତ୍ମହତ୍ୟା ନା ଦୁର୍ଘଟଣା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ମୃତ ମହିଳାଙ୍କ ପରିଚୟ ମଧ୍ୟ ମିଳିନାହିଁ। ଜଣେ ମହିଳାଙ୍କ ଉଲଗ୍ନ ମୃତଦେହ ରେଳଲାଇନ ମଝିରେ ପଡ଼ିଥିବା ବେଳେ ଆଉ ଜଣେ ମହିଳାଙ୍କ ଅର୍ଦ୍ଧନଗ୍ନ ମୃତଦେହ ରେଳଲାଇନ କଡ଼ରୁ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଜିଆରପିର ଦୁଇ ଜଣ ଅଧିକାରୀ ଭିନ୍ନ ଭିନ୍ନ ମତ ରଖିଛନ୍ତି। ଜଣକର ମୃତ୍ୟୁ ରୋଗଜନିତ ହୋଇଥିବାବେଳେ ଆଉ ଜଣଙ୍କର ମୃତ୍ୟୁ ଦୁର୍ଘଟଣାଜନିତ ବୋଲି କହିଛନ୍ତି। ତେବେ ଜିଆରପି ସତ କହୁଛି ନା ଏହା ଅନ୍ୟ ଏକ ଅସ୍ୱାଭାବିକ ଘଟଣା ଆଡକୁ ଇସାରା କରୁଛି ତାହା ଅସ୍ପଷ୍ଟ ରହିଛି। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିକଟସ୍ଥ କୁକୁଡ଼ାହାଡ଼ ରେଳଲାଇନରୁ ଶୁକ୍ରବାର ସକାଳୁ ଦୁଇ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏକାସଙ୍ଗରେ ଦୁଇ ମହିଳାଙ୍କ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧର ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଘଟଣାକୁ ୨୪ ଘଣ୍ଟା ବିତିଯାଇଥିବାବେଳେ ଉଭୟ ମହିଳାଙ୍କ ପରିଚୟ ମିଳିନାହିଁ। ଏନେଇ ଜିଆରପି ଦୁଇଟି ପୃଥକ୍ ମାମଲା ରୁଜୁକରି ଜିଆରପିର ଦୁଇ ଜଣ ଅଧିକାରୀ ପୃଥକ୍ ଭାବେ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଗୋଟିଏ ମୃତଦେହ ରେଳଲାଇନ କଡ଼ରୁ ଉଦ୍ଧାର ହୋଇଥିଲା। ସମ୍ପୃକ୍ତ ମହିଳାଙ୍କ ମୃତଦେହ ଅର୍ଦ୍ଧନଗ୍ନ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ମୃତଦେହର ପରିଚୟ ମିଳି ନ ଥିବାବେଳେ ବ୍ୟବଚ୍ଛେଦ ସରିଥିବା ଜିଆରପି ଅଧିକାରୀ ରାମକିଶୋର ସାହୁ କହିଛନ୍ତି। ତେବେ ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ରୋଗରୁ ହୋଇଥିବା ସେ କହିଛନ୍ତି। ମହିଳାଙ୍କ ଶରୀରରେ ରକ୍ତ ନ ଥିବା କୁଆଡ଼େ ଡାକ୍ତର ତାଙ୍କୁ କହିଥିଲେ। ଯେଉଁଥିପାଇଁ ସେ ପ୍ରବଳ ଥଣ୍ଡାରେ ବୁଧବାର ରାତିରେ ହିଁ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ପରିଚୟ ଖୋଜାଖୋଜି ଚାଲିଥିବା ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ୟ ଏକ ମାମଲାରେ ଜିଆରପି ଆଉ ଏକ ମୃତଦେହ ରେଳଲାଇନ ମଝିରୁ ଉଦ୍ଧାର କରିଥିଲା। ଉକ୍ତ ମହିଳାଙ୍କ ଶବଟି ନଗ୍ନ ଅବସ୍ଥାରେ ପଡ଼ିରହିଥିବା ବେଳେ ଏହି ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ପ୍ରାଥମିକ ତଦନ୍ତରୁ ଜିଆରପି ଜାଣିବାକୁ ପାଇଥିବା ଅଧିକାରୀ ମକାରୁ ସାହୁ କହିଛନ୍ତି। ତାଙ୍କ କହିବା ଅନୁସାରେ ମହିଳାଙ୍କୁ ଟ୍ରେନ୍ ଧକ୍କା ଦେଇଥିବା ସେ କହିଛନ୍ତି। କିନ୍ତୁ ଏନେଇ କୌଣସି ବି ଟ୍ରେନ ପାଇଲଟ ନିକଟସ୍ଥ ରେଳଷ୍ଟେସନରେ ସୂଚନା ଦେଇ ନ ଥିବା ନିଜେ ଅଧିକାରୀ ଜଣକ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଯଦି ଟ୍ରେନ୍ ଧକ୍କା ଦେଇଛି କିମ୍ବା ଦୁର୍ଘଟଣାବଶତଃ ମହିଳା ଜଣକ ଟ୍ରେନ ଆଗକୁ ଆସିଯାଇଛନ୍ତି ତଥାପି ମଧ୍ୟ ସେ ଉଲଗ୍ନ ହେଲେ କେମିତି? ଯଦି ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା ତେବେ ଛିଟିକି ପଡ଼ିବା କିମ୍ବା ଘସି ହେଇଯିବା କଥା, ସେଭଳି ମଧ୍ୟ କୌଣସି ଚିତ୍ର ଉକ୍ତ ଘଟଣାରେ ଦେଖିବାକୁ ମିଳିନାହିଁ। ସମ୍ପୃକ୍ତ ମହିଳାଙ୍କ ମଧ୍ୟ ପରିଚୟ ମିଳିନାହିଁ।

**ପରିଚୟ ମିଳୁ ନ ଥିବାରୁ ଫାଇଲ ବନ୍ଦ ଉଦ୍ୟମ**

**ପ୍ରାଥମିକ ତଦନ୍ତରୁ ବାରିହେଉଛି ଜିଆର୍‌ପିର ଆଭିମୁଖ୍ୟ**

ଅନ୍ୟପକ୍ଷରେ ଉକ୍ତ ମହିଳା ଦ୍ୱୟ ନିକଟସ୍ଥ ଅଞ୍ଚଳର ହୋଇଥିଲେ ପରିଚୟ ମିଳିସାରିଥାନ୍ତା। ପରିଚୟ ନ ମିଳିବା ପରେ ଏହି ମହିଳାମାନେ ଅନ୍ୟ ଅଞ୍ଚଳର ବୋଲି ଆଲୋଚନା ହେଉଛି। କଣ୍ଟାବାଞ୍ଜି ଅଞ୍ଚଳରେ ରାଜ୍ୟ ବାହାରର ଅନେକ ବ୍ୟକ୍ତି ଯାତାୟାତ ହେଉଥିବାରୁ ଉକ୍ତ ମହିଳାମାନେ ମଧ୍ୟ ରାଜ୍ୟ ବାହାର ହୋଇ ନ ଥିବେ ତାହା କହିବା ମୁସ୍କିଲ।

ପ୍ରକାଶ ଯେ, ବଲାଙ୍ଗିର ଜିଲ୍ଲାରେ ଜିଆରପି ପୁଲିସର ଟ୍ରାକ୍ ରେକର୍ଡ ପୂର୍ବରୁ ହିଁ ବିବାଦୀୟ ହୋଇରହିଛି। କିଛିମାସ ପୂର୍ବରୁ ବଲାଙ୍ଗିର ସଦର ବ୍ଲକ ଅଏଁଲାତୁଆଁ ଗାଁର ଜଣେ ଯୁବକଙ୍କୁ ହତ୍ୟା କରି ରେଳଲାଇନରେ ଫିଙ୍ଗିଦିଆଯାଇ ଥିଲା। ଏହାକୁ ଜିଆରପି ଆତ୍ମହତ୍ୟା ବୋଲି କହିଥିବାବେଳେ କିଛିଦିନ ପରେ ଗ୍ରାମବାସୀଙ୍କ ଦାବିକ୍ରମେ ଏସ୍‌ପି ପୁଣି ଥରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଏହା ହତ୍ୟା ମାମଲା ବୋଲି ସ୍ପଷ୍ଟ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତ ବି ଗିରଫ ହୋଇଥିଲେ। ସେହିପରି କିଛି ଦିନ ଆଗରୁ ଦେଓଗାଁ ଠାରେ ମଧ୍ୟ ଜଣେ ଯୁବକଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ରେଳଲାଇନରେ ପକାଇ ଦିଆଯାଇଥିଲା। ଲୋକଙ୍କ ଦାବିକ୍ରମେ ଏସ୍‌ପି ଏହାର ତଦନ୍ତ ଦାୟିତ୍ୱ ଦେଓଗାଁ ପୁଲିସକୁ ଦେଇଥିଲେ। ଏହି ହତ୍ୟା ମାମଲାର ଅଭିଯୁକ୍ତ ଗିରଫ ହୋଇଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହି ଦୁଇ ମହିଳାଙ୍କ ମୃତ୍ୟୁ ଘଟଣାରେ ଜିଆରପି ତଦନ୍ତ କେତେ ସ୍ୱଚ୍ଛ ପୂର୍ବ ମାମଲାର ତଦନ୍ତରୁ ଅନୁମାନ କରାଯାଇପାରେ। କିନ୍ତୁ ଏହି ମହିଳାଙ୍କ ମାମଲାରେ ଦାବି କରିବା ଲୋକ ନାହାନ୍ତି। ଅଜଣା ମୃତଦେହ ହୋଇଥିବାରୁ ଉକ୍ତ ଫାଇଲକୁ ଶୀଘ୍ର ବନ୍ଦ କରିବା ପାଇଁ ଜିଆରପି ଉଦ୍ୟମ କରୁନାହିଁ ତ! ନା ମାମଲା ପଛରେ କିଛି ବଡ଼ ରହସ୍ୟ ରହିଛି ଯାହାକୁ ସାମ୍ନାକୁ ଆଣିବା ପାଇଁ ଜିଆରପି ଚାହୁଁ ନାହିଁ। ଯେଉଁଥିପାଇଁ ଫାଇଲ ବନ୍ଦ କରିବା ପାଇଁ ଉଦ୍ୟମ କରୁଛି ବୋଲି ଆଲୋଚନା ହେଉଛି।

# ଗାଁରୁ ବାସନ୍ଦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

**ବୌଦ୍ଧ, ୧୪।୧୨(ସମିସ)**



ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ଗ୍ରାମର ମାହେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମବାସୀଙ୍କ ଦ୍ୱାରା ସାମାଜିକ ବାସନ୍ଦ ହୋଇଥିବା ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମତେ ଜଗତି ଗ୍ରାମର ମାହେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗାଁର ହନୁମାନ ବନ୍ଧକୁ ପଞ୍ଚାୟତ ପକ୍ଷରୁ ୫ ବର୍ଷ ପାଇଁ ୬୨ ହଜାର ଟଙ୍କାରେ ମାଛ ଚାଷ କରିବା ପାଇଁ ନିଲାମରେ ନେଇ ଜାଆଁଳ ଛାଡିଥିଲେ। ଗତ ଜୁଲାଇ ୨୦ ତାରିଖରେ ଗାଁରେ ବୈଠକ ବସି ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଡକାଇ ଗ୍ରାମବାସୀ ବାର୍ଷିକ ୩ ଲକ୍ଷ ଟଙ୍କା ଗାଁ କମିଟିକୁ ଦେବା ପାଇଁ କହିଥିଲେ। ଏହି ୩ ଲକ୍ଷ ଟଙ୍କା ୧ ଲକ୍ଷ ହିସାବରେ ୩ ଟି କିସ୍ତିରେ ଦେବାକୁ କହିଥିଲେ। ତେବେ ପ୍ରଥମ କିସ୍ତି ଏକ ଲକ୍ଷ ଟଙ୍କା ଦେବାର ତାରିଖ ଗଡ଼ି ଯିବାରୁ ୧୩ ତାରିଖ ରାତିରେ ଗ୍ରାମବାସୀ ବୈଠକ ଡାକି ଜନୈକ ବ୍ୟକ୍ତି ଦ୍ୱାରା ନାନା ପ୍ରକାର ଅସଭ୍ୟ ଗାଳି ଗୁଲଜ କରାଇଥିଲେ। ଶନିବାର ଡେଙ୍ଗୁରାପିଟି ସମ୍ପୃକ୍ତ ମହିଳା ଗୋଷ୍ଠୀଙ୍କୁ ଗାଁରୁ ସାମାଜିକ ବାସନ୍ଦ କରିଛନ୍ତି।ଏନେଇ ଶନିବାର ମହିଳା ଗୋଷ୍ଠୀ ଥାନାର ଦ୍ୱାରସ୍ଥ ହୋଇ ଦୁର୍ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଉକ୍ତ ମହିଳା ଗୋଷ୍ଠୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ମଧ୍ୟ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି।ବୌଦ୍ଧ ଆଇଆଇସି ରଞ୍ଜିତ କୁମାର ମୁନୀ ଉଭୟ ଗୋଷ୍ଠୀଙ୍କୁ ଡକାଇ ତଦନ୍ତ କରୁଥିବା ବେଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ବିଚ୍ଛେଦ ହୋଇଥିବା ଦମ୍ପତିଙ୍କୁ ମିଶାଇଲା ଲୋକଅଦାଲତ

**ବଲାଙ୍ଗିର, ୧୪।୧୨(ସମିସ):** ଲୋକ ଅଦାଲତରେ ପୁଣି ଥରେ ମିଶିଲେ ବିଚ୍ଛେଦ ହୋଇଥିବା ଦମ୍ପତି। ଶନିବାର ସକାଳେ ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟରେ ରାଷ୍ଟ୍ରୀୟ ଲୋକ ଅଦାଲତରୁ ଏଭଳି ଏକ ଭଲ ଖବର ଆସିଛି। ଜିଲ୍ଲା ନ୍ୟାୟଧିଶଙ୍କ ଉପସ୍ଥିତିରେ ଦୁଇ ଦମ୍ପତି ନିଜ ମଧ୍ୟରେ ଥିବା ବିବାଦ ଭୁଲି ପୁଣି ଥରେ ମିଶିଛନ୍ତି। ପ୍ରକାଶ ଯେ ଛତାମଖନା ନିକଟସ୍ଥ ପଡ଼ିଆବାହାଲ ଗ୍ରାମର ଦମ୍ପତି ସାଲେନ୍ କୁମାର ନାଗ ଓ ସୂର୍ଯ୍ୟମୟ ନାଗଙ୍କ ମଧ୍ୟରେ ବିବାଦ ହୋଇଥିଲା। ଗତ ମାର୍ଚ୍ଚ ମାସର ସେମାନଙ୍କ ବିବାଦ ଅଦାଲତରେ ପହଞ୍ଚିଥିଲା। ସେହିଭଳି ଅନ୍ୟ ଏକ ଦମ୍ପତି ଗୁରୁଦେବ ସାହୁ ଓ ବର୍ଷା ବରୁଣୀ ସାହୁଙ୍କ ବିବାଦ ଗତ ମେ' ମାସରେ ଅଦାଲତରେ ପହଞ୍ଚିଥିଲେ। ଫ୍ୟାମିଲି କୋର୍ଟ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ସେମାନଙ୍କ ମାମଲାର ବିଚାର କରିଥିଲେ। ଉଭୟଙ୍କୁ ଡାକି ବୁଝାସୁଝା କରିବା ପରେ କଳହ ହୋଇଥିବା ଦମ୍ପତିମାନେ ପୁଣିଥରେ ଏକାଠି ରହିବାକୁ ରାଜି ହୋଇଥିଲେ।



## ବାଇକ୍ ଧକ୍କାରେ ସାଇକଲ ଆରୋହୀ ଆହତ

**ସଇଁତଲା, ୧୪।୧୨(ସମିସ):** ସଇଁତଲା ଥାନା ଅଧୀନ ବେଲଗାଁ ପିପୁଟ ନିକଟରେ ଏକ ବାଇକ୍ ଜଣେ ସାଇକଲ ଚାଳକଙ୍କୁ ଧକ୍କା ଦେବାରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସୋନପୁର ଜିଲ୍ଲା ତରଭା ଥାନା ଅଞ୍ଚଳର ପ୍ରବୀଣ ଛନ୍ଦା ଏକ ବାଇକ୍‌ରେ ଧରମଗଡ଼ରୁ ଫେରୁଥିଲେ। ବେଲଗାଁ ପିପୁଟ ନିକଟରେ କୁଶମଖାଲ ଗ୍ରାମର ନୀଳାମ୍ବର ମାଝୀ ସାଇକଲରେ ଯାଉଥିବାବେଳେ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଚାଳକ ଛନ୍ଦା ଓ ସାଇକଲ ଚାଳକ ଶ୍ରୀ ମାଝୀ ଗୁରୁତର ଆହତ ହୋଇଥିଲେ। ଜନସାଧାରଣ ଏକ ଆମ୍ବୁଲାନ୍ସରେ ଆହତ ଦ୍ୱୟଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ପଠାଇବାକୁ ଡାକ୍ତର କହିଥିଲେ। ଉପସ୍ଥିତ ଡାକ୍ତର ଜଣକ ଆମ୍ବୁଲାନ୍ସରୁ ଆହତ ଦ୍ୱୟଙ୍କୁ ନ ଓହ୍ଲାଇ କେବଳ ମୋବାଇଲ ଟର୍ଚ୍ଚରେ ଦେଖିଥିଲେ। ଏହାପରେ ପ୍ରାଥମିକ ଚିକିତ୍ସା ମଧ୍ୟ ଆମ୍ବୁଲାନ୍ସ ଭିତରେ କରିବାକୁ ଦେଖିବାକୁ ମିଳିଥଲା। ଯାହାକୁ ନେଇ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଡାକ୍ତରଙ୍କୁ ନ ଓହ୍ଲାଇ କିଭଳି ବଲାଙ୍ଗିର ପଠାଇଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଡାକ୍ତର ଜଣକ ରାଗିଯାଇ ଆହତ ବ୍ୟକ୍ତି ମୃତ୍ୟୁବରଣ କଲେ ତୁମେ ଦାୟୀ ହେବ ବୋଲି କହିବା ସହ ଫଟୋ କିମ୍ବା ଭିଡିଓ ନ କରିବାକୁ କହିଥଲେ। ଏ ବିଷୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ସମରେନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ମୁଁ ବାହାରେ ଥିବାରୁ ଘଟଣା ବିଷୟରେ ପଚାରି ବୁଝୁଛି ବୋଲି କହିଥିଲେ। ରୋଗୀ ଦ୍ୱୟ ଆମ୍ବୁଲାନ୍ସ ଭିତରେ ଦୀର୍ଘ ଅଧା ଘଣ୍ଟା ରହିବାପରେ ଦେଓଗାଁରୁ ଏକ ଆମ୍ବୁଲାନ୍ସ ଆସି ସେମାନଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ନେଇଥିବା ଜଣାପଡ଼ିଛି।

## ମଧ୍ୟପ୍ରଦେଶରୁ ୨ ଦାଦନ ଶ୍ରମିକ ଉଦ୍ଧାର



**ବୌଦ୍ଧ, ୧୪।୧୨(ସମିସ):** ବୌଦ୍ଧ ଜିଲ୍ଲାର ଦୁଇ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଶ୍ରମ ବିଭାଗ। ସୂଚନା ମୁତାବକ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅନ୍ତର୍ଗତ ଭାଲିଆଗୋରା ଗ୍ରାମର ଶ୍ରୀବତ୍ସ ମଲ୍ଲିକ ଏବଂ ଉଦୟ ପ୍ରଧାନ ତିନି ମାସ ପୂର୍ବରୁ ଜନୈକ ଶ୍ରମିକ ଦଲାଲଙ୍କ ଜରିଆରେ ମଧ୍ୟପ୍ରଦେଶର ସତନା ଜିଲ୍ଲାର ଶ୍ରୀପୁର ରେଳବାଇ ନିକଟରେ ଥିବା ଏକ ପ୍ଲାଏଉଡ଼ କମ୍ପାନୀରେ କାର୍ଯ୍ୟ କରୁଥିଲେ। କିନ୍ତୁ କିଛି ଦିନର କାର୍ଯ୍ୟ ପରେ ଉକ୍ତ ଦୁଇ ଶ୍ରମିକଙ୍କୁ କମ୍ପାନୀର ମାଲିକ ଅକଥନୀୟ ଯନ୍ତ୍ରଣା ଦେବା ସହିତ ଖାଇବା ପିଇବାକୁ ଦେଉନଥିବା ନେଇ ସମ୍ପୃକ୍ତ ଶ୍ରମିକଙ୍କ ପରିବାର ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ଉକ୍ତ ଦୁଇ ନିର୍ଯାତନାର ଶିକାର ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ସେମାନେ ସ୍ୱଗୃହରେ ପହଞ୍ଚି ଥିବା ସୂଚନା ମିଳିଛି।

## ପ୍ରାଥମିକ ଉପଚାର ତାଲିମ କାର୍ଯ୍ୟକ୍ରମ

**ବଙ୍ଗୋମୁଣ୍ଡା, ୧୪।୧୨(ସମିସ):** ବଙ୍ଗୋମୁଣ୍ଡାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡ୍‌କ୍ରସ ବିଭାଗ ତରଫରୁ ଏକ ପ୍ରାଥମିକ ଉପଚାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷା ବିଭାଗର ପ୍ରାଧ୍ୟାପକ ନରୋତ୍ତମ ପଣ୍ଡାଙ୍କ ସଭାପତିତ୍ୱରେ ଯୁବ ରେଡ୍‌କ୍ରସ ସଂଯୋଜ ରଶ୍ମୀ ରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୋନପୁର ଜିଲ୍ଲାର ଆବାହକ ସମ୍ପାଦକ ତଥା ସୋନପୁର କଲେଜର ଜୀବ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଉମାକାନ୍ତ ନାଗ ପ୍ରଶିକ୍ଷକ ଭାବରେ ଯୋଗ ଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ନିଲେଶ ପାରେଖ, ବବିତା ଦାଶ, ଅକ୍ଷୟ ପ୍ରଧାନ, ଲକ୍ଷ୍ମଣ କୁମାର ବାରିକ ମହମ୍ମଦ ସଲମାନ ଖାନ, ସୁନିତା ଦାସ, ମୁରଲୀଧର ମେହେର, ଯୁଗଳ କିଶୋର ବେହେରା, ଖୀରୋଦ କୁମାର ରଣା, ସାଗର କୁମାର ରଥ. ଦୁର୍ଗା ପ୍ରସାଦ ସରାଫ ପ୍ରମୁଖ ଯୋଗ ଦେଇଥିଲେ।

## ତରଭାରେ ଫକୀର ବାବାଙ୍କ ଉର୍ସ ଉତ୍ସବ

**ତରଭା, ୧୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରରେ ଶନିବାର ଆରମ୍ଭ ହୋଇଛି ପ୍ରସିଦ୍ଧ ଉର୍ସ ଉତ୍ସବ। ହଜରତ ବାବା ସୟଦ ଅବଦୁଲ ଶକୁର ସାହ ରହମେତୁଲ୍ଲା ଆଲ୍ଲେହେ ଓରଫ ତରଭା ୱାଲେ ଫକୀର ବାବାଙ୍କ ୪୨ତମ ପବିତ୍ର ଉର୍ସ ଉତ୍ସବ ଦୁଇଦିନ ଧରି ପାଳିତ ହେଉଛି। ପୂର୍ବାହ୍ନରେ ମସଜିଦରେ ଧର୍ମୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅପରାହ୍ନରେ ୬ଟି ସଦୃଶ୍ୟ ଚାଦର ଶୋଭାଯାତ୍ରା ମସଜିଦ ସମ୍ମୁଖରୁ ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ମସଜିଦକୁ ଫେରିବା ପରେ ଫକୀର ବାବା ଓ ଅମ୍ମାଜାନଙ୍କ ମଜାର ଉପରେ ଚାଦର ଚଢ଼ା ଯାଇଥିଲା। ଉର୍ସ ଉତ୍ସବର ପ୍ରଥମ ଦିନ ୬ଟି ଦରବାରୀ ଚାଦରକୁ ସହର ପରିକ୍ରମା କରାଇବାର ପରମ୍ପରା ରହିଛି। ଏହି ୬ଟି ଚାଦର ମଧ୍ୟରୁ ପ୍ରଥମ ଦୁଇଟି ରାୟପୁରର ମହମ୍ମଦ ଆକବରଙ୍କ ପରିବାରରୁ ଆସୁଥିବା ବେଳେ ମଝିର ଦୁଇଟି ଚାଦର ରାୟପୁରର ରବୀନ୍ଦ୍ର ସିଂ ଚୌହାନ ଓ ଶେଷ ଦୁଇଟି ଛତିଶଗଡ଼ ବିଳାସପୁର ସହରର ଜୟପାଳ ମୁଦୁଲିଆରଙ୍କ ପରିବାରରୁ ଆସୁଥିଲା। ହେଲେ ରବୀନ୍ଦ୍ର ସିଂଙ୍କ ପରଲୋକ ପରେ ତରଭା ମସଜିଦ ମଜାର କମିଟିର ୨ଟି ଚାଦର ସହର ପରିକ୍ରମା କରାଯାଉଛି। ପରେ ଅନ୍ୟାନ୍ୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ଚାଦର ସହର ପରିକ୍ରମା ପରେ ମଜାରରେ ଚଢ଼ା ଯାଇଥାଏ। ସୁବର୍ଣ୍ଣପୁର ଏସପି ରାମ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନ ଓ ତରଭା ଆଇଆଇସି ଅନିତା କିଡୋଙ୍କ ନେତୃତ୍ୱରେ ୬ଜଣ ଡିଏସପି, ୭ଜଣ ଇନ୍ସପେକ୍ଟର, ୭ଜଣ ସବ ଇନ୍ସପେକ୍ଟର, ୧୦ଜଣ ଏଏସଆଇ, ୩ପ୍ଲାଟୁନ ଫୋର୍ସ ଓ ୫୫ଜଣ ହୋମଗାର୍ଡ ନିୟୋଜିତ ହୋଇଥିବା ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କ ଠାରୁ ପ୍ରକାଶ। ସମ୍ବଲପୁର ପୁଲିସ ଆଇଜି ହିମାଂଶୁ ଲାଲ ପୂର୍ବାହ୍ନରେ ଏଠାକୁ ଆସି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଉର୍ସ ଉତ୍ସବର ପ୍ରଥମ ଦିନ ପୂର୍ବ ବର୍ଷ ତୁଳନାରେ ଖୁବ କମ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତରଭା ମସଜିଦ ମଜାର କମିଟିର ସଦସ୍ୟମାନେ ସମସ୍ତ ପ୍ରକାର ସହଯୋଗ କରୁଛନ୍ତି। ଭାଇଚାରାର ସହର ତରଭାରେ ଶାନ୍ତି ଶୃଙ୍ଖଳାର ସହ ଉର୍ସ ପାଳିତ ହେଉଛି।

## ଜୟପୁରରେ 'ଶ୍ରୀୟା ଚଣ୍ଡାଳୁଣୀ' ମଞ୍ଚସ୍ଥ

**ବୀରମହାରାଜପୁର, ୧୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅଧୀନ କାଦୋଦର ପଞ୍ଚାୟତର ଜୟପୁର ଗ୍ରାମରେ ମାଁ ନାରାୟଣୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀୟା ଚାଣ୍ଡାଳୁଣୀ ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ତଥା ପ୍ରବଚକ ଅଇଁଠୁ ସାହୁ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥଲେ। ନାଟକଟି ପୁରାଣ ସମ୍ପର୍କିତ ମାଁ ମହାଲକ୍ଷ୍ମୀ ଓ ପ୍ରଭୁ ଜଗନ୍ନାଥଙ୍କ ଉପରେ ଆଧାରିତ ହୋଇ ପରିବେଷଣ ହୋଇଥିଲା। ଏଥିରେ ଲକ୍ଷ୍ମୀ ଭୂମିକାରେ ରବି ନାରାୟଣ ଡାଙ୍ଗ, ନାରଦ ବାସୁଦେବ କର୍ଣ୍ଣ, ବଳରାମ ଭୀମସେନ ମେହେର, ଜଗନ୍ନାଥ ନକୁଳ ମେହେର, ଭୃଗୁ ଉଦୟନାଥ ପଧାନ, ପରାସର କୀର୍ତନ୍ୟ ଭୁକ୍ତା, ବିଷ୍ଣୁ ଗୁପ୍ତେଶ୍ୱର କର୍ଣ୍ଣ, ଶ୍ରୀୟା ବିଧୁ ଭୂଷଣ ନାଏକ, ମୁଦିରସ୍ଥ ମନୋଜ ମେହେର ପ୍ରମୁଖ ଅଭିନୟ କରିଥିଲେ। ଗୋପାଳ ପାତ୍ର, ସୌମିତ୍ରୀ ମଲ୍ଲିକ, ମାନସ ରଞ୍ଜନ ନାଏକ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

### ଫୁଲମୁଠି ଗୋକୁଳାଷ୍ଟମୀ ଯାତ୍ରା

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା କଂସ ଦରବାର



**ବିନିକା, ୧୪।୧୨(ସମିସ):** ଦେବକୀର ଅଷ୍ଟମ ସନ୍ତାନ ହାତରେ କଂସର ମୃତ୍ୟୁ ଲେଖା ଶୂନ୍ୟବାଣୀ ଶୁଣିବା ପରଠୁ ମଥୁରାଧିପତି ମହାରାଜ କଂସ ଗୋପପୁରେ ବଢ଼ୁଥିବା ଭଣଜା କୃଷ୍ଣଙ୍କୁ ମାରିବା ପାଇଁ ଅସୁରୁଣୀ ପୁତ୍ନା, ବତ୍ସାସୁର, ବକାସୁର ଓ ପ୍ରଳମ୍ବାସୁର ଭଳି ଗୋଟିଏ ପରେ ଗୋଟିଏ ରାକ୍ଷସ ପଠାଇଛନ୍ତି। ହେଲେ ସେମାନେ ନଟଖଟିଆ କୃଷ୍ଣଙ୍କ ହାତରୁ କେହି ବି ବର୍ତ୍ତି ପାରିନାହାନ୍ତି। ସମସ୍ତେ ଜୀବନ ହାରିଛନ୍ତି। ଏହି ଖବର ଶୁଣି ମହାରାଜ କ୍ରୋଧାନ୍ୱିତ ହୋଇ ତ୍ରିଭୁବନ ବିଜୟୀ କଂସ ସାମାନ୍ୟ ବାଳକ ହାତରେ ଜୀବନ ଯିବ ନା ଏହା କଦାପି ନୁହେଁ ବୋଲି ଚିତ୍କାର କରିଛନ୍ତି। ରାଜାଙ୍କ ମନକୁ ଶାନ୍ତ କରିବାକୁ ଯାଇ ମନ୍ତ୍ରୀଙ୍କ ଆଦେଶ କ୍ରମେ ଦରବାରରେ ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟଗୀତ ପରିବେଷଣ ଦରବାରକୁ ଦୁଲକାଇ ଦେଇଥିଲା। ଫଳରେ ମହାରାଜ କଂସ ନିଜ ମୃତ୍ୟୁକୁ ଭୁଲିଯାଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଗୋପପୁରେ କଂସ ପ୍ରେରିତ ରାକ୍ଷସମାନଙ୍କୁ କୃଷ୍ଣ ଯୁଦ୍ଧ କରି ନିଧନ କରିବା ପରେ ସାରା ଗୋପପୁରବାସୀ ଉତ୍ସବ ମନାଇଛନ୍ତି। ଫୁଲମୁଠୀ ଗୋକୁଳାଷ୍ଟମୀ ଯାତ୍ରା ମହୋତ୍ସବର ମହାରାଜ କଂସଙ୍କ ନିମନ୍ତ୍ରଣ କ୍ରମେ ମଥୁରା ନଗରୀର ଖବର ଲୋକଲୋଚନକୁ ଆଣୁଥିବା ସାମ୍ବାଦିକମାନେ ରାଜକୀୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟି ସଭାପତି ଆନନ୍ଦ କୁମାର ହୋତା, ଉପଦେଷ୍ଟା ପ୍ରମୋଦ ଦାଶ, ଉଦ୍‌ଘୋଷକ ନୀଳାମ୍ବର ସାହୁ ଓ ବାବୁଲାଲ ପଣ୍ଡା ମଞ୍ଚାସୀନ ଥିଲେ।

## ଶାଗୁଆନ ପଟା ଜବତ; ୨ ଗିରଫ

**ଦେଓଗାଁ, ୧୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବନାଞ୍ଚଳ ତୁଷୁରା ବିଟ୍ ଅଧୀନସ୍ଥ ନଅଗାଁ କଲୋନୀପଡ଼ା ନିକଟରେ ଦେଓଗାଁ ବନବିଭାଗ ତରଫରୁ ଚଢ଼ଉ କରାଯାଇଥିଲା। ଚଢ଼ଉରେ ୧୦ ସିଏଫଟି ଶାଗୁଆନ ପଟା, ବ୍ୟବହୃତ ସାମଗ୍ରୀ ଓ ଗୋଟିଏ ମୋଟରସାଇକଲ ଜବତ କରିବାସହ ୨ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଦ୍ୱୟ ହେଲେ ଚିଚେଡ ଗ୍ରାମର ବିଶିକେଶନ ରଣା(୫୫) ଓ ପ୍ରେମରାଜ ଭୋଇ(୨୮)। ଏ ସଂକ୍ରାନ୍ତରେ ବନବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଫରେଷ୍ଟର ବ୍ୟାସଦେବ ସାହୁ ସୂଚନା ଦେଇଛନ୍ତି। ବଲାଙ୍ଗିର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଦେଓଗାଁ ରେଞ୍ଜର ଯୁଧିଷ୍ଠୀର ଜାଲ ଓ ଫରେଷ୍ଟର ସାହୁଙ୍କ ନେତୃତ୍ୱରେ ବନରକ୍ଷୀ ପୁଷ୍ପାବତୀ କୁମ୍ଭାର, ପାରାଷ୍ଟାଫ ପ୍ରମୋଦ ଭୋଇ, ଶରତ ଧରୁଆ ତଥା ବନକର୍ମଚାରୀମାନେ ଚଢ଼ଉ କରିଥିଲେ।



# ବିଭିନ୍ନ ସ୍ଥାନରେ ବାର୍ଷିକ କ୍ରୀଡ଼ା ଉତ୍ସବ





**ଦେଓଗାଁ, ୧୪।୧୨(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ କୁତୁର୍ଲା ଧୃବାନନ୍ଦ କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପର୍ଶୁପାଲିର ଆସରପ୍ରାପ୍ତଶିକ୍ଷକ ସୁନୀଲ ହରପାଲ ଯୋଗଦେଇ କୃତିତ୍ୱ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଜୟ କୁମାର ଜାଲ, ବଳରାମ ପଧାନ, ହେମନ୍ତ କୁମାର ସାହୁ, ଶ୍ରୀମଙ୍ଗଳ ସାହୁ ପ୍ରମୁଖ ଯୋଗଦେଇଥିଲେ। ବାଳକ ବିଭାଗରେ ଧନଞ୍ଜୟ ସାହୁ ଓ ବାଳିକା ବିଭାଗରେ ସ୍ମୃତିରାଣୀ ବାଗ ଚାମ୍ପିଅନ ହୋଇଥିଲେ। କ୍ରୀଡ଼ାଶିକ୍ଷକ ସରୋଜ କୁମାର ନାୟକ ପରିଚାଳନା କରିଥିବାବେଳେ ମସ୍ତ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ବିଜୟ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।



### ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ

**ବଲାଙ୍ଗିର :** ସ୍ଥାନୀୟ ପିଆର୍ ଖେଳ ପଡ଼ିଆରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଯୋଗଦେଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗିର ପୌ÷ରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତୀତରେ ଥିବା କ୍ରୀଡାବିତ୍‌ମାନଙ୍କ ପ୍ରଶଂସାକରିଥିଲେ। ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ ଯୋଗଦେଇ ବଲାଙ୍ଗିର ଜିଲ୍ଲାର କ୍ରୀଡା କ୍ଷେତ୍ରରେ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ବସନ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଯୁବ କ୍ରୀଡା ଶିକ୍ଷକ ସୌରଭ ପ୍ରଧାନ ବାର୍ଷିକ କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ବିକାଶ ରଞ୍ଜନ ସାହୁ ମଞ୍ଚ ସଂଯୋଜନା କରିଥିଲେ। ବରିଷ୍ଠ ବର୍ଗରେ ତୁଷାରକାନ୍ତ ମଲ୍ଲିକ ଏବଂ କନିଷ୍ଠ ବର୍ଗରେ ମୋହିତ ରୋହିଦାସ ଚାମ୍ପିଅନ ହୋଇଥିଲେ। ସିଦ୍ଧିପ୍ରଦା ପଣ୍ଡା ଓ ବର୍ଷାରାଣୀ ସାହୁ ସଭା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଲେଇସର୍ଡ଼ା କଲେଜ

**ବଲାଙ୍ଗିର:** ପୁଇଁତଲା ବ୍ଲକ ବିଲେଇସର୍ଡ଼ା କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ପୁରୁଷୋତ୍ତମ ଭଞ୍ଜ ଏହି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଏହି ପ୍ରତିଯୋଗିତାରେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡିଆଁ, ଗୋଲାଫିଙ୍ଗା, ମ୍ୟୁଜିକ ଚେୟାର ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ସୁଶାନ୍ତ ଛତ୍ରୀୟା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳରୁ ଶୃଙ୍ଖଳାବୋଧ ଶିକ୍ଷା କରାଯାଏ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ମିତ୍ରଭାନୁ ବିଶ୍ୱାଳ ପରିଚାଳନା କରିଥିବାବେଳେ କଲେଜ ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ, ବୈବସ୍ୱତ ବିଶ୍ୱାଳ, ଚୈତନ୍ୟ ଦଣ୍ଡସେନା, ନୀଳାଚଳ ତ୍ରିପାଠୀ, ଅଧ୍ୟାପିକା ନିରୁପମା ସାହୁ, ଲାଇବ୍ରାରୀଆନ ଭୁବନେଶ୍ୱର ମହାକୁର ଓ କଲେଜ ଶିକ୍ଷା କର୍ମଚାରୀ ନନ୍ଦଲାଲ ଭାଟି, ହୃଷିକେଶ ମେହେର ପ୍ରମୁଖ ସହଯୋଗ କରିଥିଲେ।





ପଦ୍ମାଳୟା ସାମଲ

# ପାଳଭୂତ

ସପ୍ତାହେ ହେଲାଣି କାମବାଲିକୁ ଲଗେଇ ଘରଟାସାରା ଝଡ଼ାଝଡ଼ି, ଧୂଆପୋଛା ଦିନରାତି ଚାଲିଛି। କୋଉଠି ଟିକେ ଦାଗ ଲାଗିଲେ ମନୋରମା ଚିଡ଼ି ଉଠୁଛନ୍ତି। ସ୍ୱାମୀ ପଞ୍ଚାନନଙ୍କୁ କଡ଼ା ଚେତାବନୀ ଦିଆଯାଇଛି, ଘର ଯେମିତି ସାମାନ୍ୟ ଟିକେ ବି ଅପରିଷ୍କାର ନହୁଏ ! ପୁଅ, ବୋହୂ, ନାତି ତାଙ୍କର ବିଦେଶରୁ ଆସୁଛନ୍ତି ଚାରିବର୍ଷ ପରେ। ଘର ଭିତରୁ ବାହାରି ଆସିଲେ ମନୋରମା। ତାହାହିଁ ଯଥେଷ୍ଟ ଥିଲା ପଞ୍ଚାନନଙ୍କୁ ଅଟକାଇଦେବା ପାଇଁ ଦରଜା ପାଖରେ। ପ୍ରତିକ୍ରିୟାହୀନ ଓ ଉଦାସ ଦିଶିଲା ତାଙ୍କ ମୁହଁ।

-"କୁଆଡ଼େ ପଶିଆସୁଛ ଏମିତି? କେତେ ଥର କହିଚି, ଜୋତା ବାହାରେ ରଖି ଘର ଭିତରକୁ ଆସିବା ପାଇଁ। ମୋ କଥା ତୁମେ ଶୁଣିଚ ନା, ଶୁଣିବ ? ଏଇ ଟିକିଏ ଆଗରୁ ସବୁ ପରିଷ୍କାର କରି ଯାଇଥିଲି। ମାଟି କେଉଁଠୁ ଆସିଲା?" ମନୋରମାଙ୍କ କଟକଣାରେ ପାଟିଖୋଲି ପଞ୍ଚାନନ କିଛି କହିପାରିଲେନି ସିନା, କିନ୍ତୁ ମନେ ମନେ ବିରକ୍ତ ହେଲେ।

ଅବଶ୍ୟ ପଞ୍ଚାନନ ଜାଣନ୍ତି, ଘରକୁ ବୋହୂ ହୋଇ ଆସିବା ଦିନରୁ ମନୋରମା ଏମିତି। ସେ ଜାଣନ୍ତି ଜୀବନ ବିତାଇବା ପାଇଁ ଆବଶ୍ୟକ ଗୋଟେ ଘର। ଯେଉଁଠି କେହି ଅସନ୍ତୋଷ ପ୍ରକାଶ କରିବେ ନାହିଁ। ଅଳନ୍ଧୁ ଟିକେ ନଥିବ ରୋଷେଇଘରେ। ଖାଇବା ଟେବୁଲ ଉପରେ ରଖାଯିବ ଖାଦ୍ୟ ଓ ପଣିଭରା ଗ୍ଲାସ୍। ଚାରିକାନ୍ଥ ଭିତରେ ରହିବ ନାହିଁ ଶୋଷ, ଭୋକ, ଅନଟନ। ଆଲମିରାରେ ସଜା ହୋଇଥିବ ପୋଷାକପତ୍ର। ଧୂଳି ଲାଗିବ ନାହିଁ ପଢ଼ା ଟେବୁଲରେ। ଠାକୁର ଘରେ ଠାକୁରଙ୍କ ମୁହଁ ଦିଶିବ ପ୍ରସନ୍ନ, ତେଜୋଦୀପ୍ତ। ସକାଳେ ଓ ସନ୍ଧ୍ୟାରେ ଶୁଭିବ ଶଙ୍ଖଧ୍ୱନି, ପ୍ରାର୍ଥନା ଓ ମନ୍ତ୍ରପାଠ। ଯେମିତିକି ଘର ଭିତରେ ସବୁବେଳେ ବିରାଜମାନ କରିଥିବ ପ୍ରାଚୁର୍ଯ୍ୟ, ବିଶ୍ୱାସ ଓ ଭଲପାଇବା।

ସବୁଦିନ ପରି ଆଜିର ସକାଳ ନଥିଲା। ମନୋରମା ଚାରିବର୍ଷ ପରେ ପାଖରେ ପାଇଥିଲେ ତାଙ୍କର ପୁଅ, ବୋହୂ ଆଉ ନାତିକୁ। ତାଙ୍କ ଗୋଡ଼ ଆଉ ତଳେ ଲାଗୁନଥିଲା। ଭଳିକି ଭଳି ରୋଷେଇ ପାଇଁ ବରାଦ ଦେଉଥିଲେ ରାମୁକକାଙ୍କୁ। କେବଳ ସେତିକି ନୁହେଁ, ରୋଷେଇ ଘରେ ରହି ପୁଅ ପସନ୍ଦର କିଛି ଖାଦ୍ୟ ନିଜେ ରାନ୍ଧି ପୁଅକୁ ପରଷୁଥିଲେ। ପୁଣି କେତେବେଳେ ନାତିକୁ କୋଳରେ ଧରି ଗେଲ କରିପକାଉଥିଲେ ତ ଆଉ କେତେବେଳେ ପୁଅର ଚୁଟିକୁ ସାଉଁଳେଇ ଆନନ୍ଦରେ ଗଦ୍‌ଗଦ୍ ହେଉଥିଲେ। ଏ ଦୃଶ୍ୟ ଦେଖି ପଞ୍ଚାନନ ଭାବୁଥିଲେ ଯା' ହେଉ ମନୋରମାଙ୍କ ମାନ୍ଦେଇ ପଡ଼ିଥିବା ଶରୀରରେ ପୂର୍ବ ଫୂର୍ତ୍ତି ଯେମିତି ଫେରିଆସିଛି।

ପରଦିନ ସକାଳେ ଏତେ ଦିନ ପରେ ଆମେରିକାରୁ ଫେରିଥିବାରୁ ପୁଅ ରୁଷଭ ସହ ସୁଜିତ ବାହାରିଗଲା ଗାଁ ଅଭିମୁଖେ, ଉଦ୍ଦେଶ୍ୟ ଥିଲା ଗାଁ ସଂସ୍କୃତି ସହିତ ପୁଅକୁ ପରିଚିତ କରାଇବା। ଗ୍ରାମ ଦେବତୀ, ଗାଁ ନଈପଠା ଦେଖି ଆନନ୍ଦ ବିଭୋର ହେଉଥିଲା ତିନି ବର୍ଷର ଛୋଟ ଛୁଆ ରୁଷଭ। ନଈ କୂଳେ କୂଳେ ଦୁହେଁ ଆଗେଇ ଚାଲିଲେ ନିଜ ଚାଷ ଜମିକୁ। ବାଟରେ ଚାଲିଚାଲି ଯାଉଥିବାବେଳେ ଡାଡି କହୁଥିବା କଥା ସବୁକୁ ମନଦେଇ ଶୁଣୁଥାଏ ରୁଷଭ। ହଠାତ୍ ପୁଅ ରୁଷଭ ଅଟକିଗଲା କ୍ଷେତକୁ ଜଗିଥିବା ପାଳଭୂତ ପାଖରେ ଆଉ ସୁଜିତକୁ ପ୍ରଶ୍ନ କଲା, "ଡାଡି ! ଇଏ ପୁଣି କିଏ ?"

ସୁଜିତ ପୁଅକୁ ବୁଝେଇଦେଲେ – "ଇଏ ପାଳଭୂତ, ଯିଏ ଆମ କ୍ଷେତକୁ ଜଗେ ମାସ ମାସ ଧରି। ତାକୁ ଦେଖି ଭୟରେ ମାଙ୍କଡ଼, ଛେଳି,ଷଣ୍ଢ ଭଳି ଆହୁରି କେତେ ପଶୁ ଆମ କ୍ଷେତକୁ ପଶିପାରନ୍ତି ନାହିଁ, କି ଫସଲ ନଷ୍ଟ କରିପାରନ୍ତି ନାହିଁ।" ରୁଷଭ ବାବାଙ୍କ କଥା ଶୁଣି କ'ଣ ବୁଝିଲା କେଜାଣି ମୁଣ୍ଡ ଟୁଙ୍ଗାରିଲା। ଏମିତି ରୁଷଭର କଅଁଳ ମନରେ ଉଠୁଥିବା କେତେ କେତେ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଲା ସୁଜିତକୁ ଘରେ ଆସି ପହଞ୍ଚିଲା ପର୍ଯ୍ୟନ୍ତ।

ଘରେ ପହଞ୍ଚି ରୁଷଭ ଦେଖିଲା ଜେଜେ ଚୁପ୍‌ଚାପ୍ ବସିଛନ୍ତି ଗେଟ୍ ପାଖରେ ପ୍ଲାଷ୍ଟିକ୍ ଚଉକି ଉପରେ। ପାଖକୁ ଲାଗି ଆସି ରୁଷଭ ପଚାରିଲା – "ଜେଜେ, ତୁମକୁ ଗୋଟେ କଥା କହିବି?"

ପଞ୍ଚାନନ ନାତିର ମୁଣ୍ଡକୁ ଆଉଁଶି କହିଲେ, "କହ କ'ଣ କହିବାକୁ ଚାହୁଁଛୁ?"

ଡଗଡଗ ହୋଇ ରୁଷଭ କହିଲା – "ଜେଜେ! ମୁଁ ଆଜି କ୍ଷେତରେ ପାଳଭୂତ ଦେଖିଲି, ଯିଏ ଆମ ଚାଷ ଜମିକୁ ଜଗିଛି। ମତେ ଗୋଟେ କଥା କୁହ ତ! କାଲିଠାରୁ ମୁଁ ଆସିଲାବେଳୁ ଦେଖୁଛି ତମେ ବହୁତ ସମୟ ଏଇ ଗେଟ୍ ପାଖରେ ଆମ ଘରକୁ ଜଗିକି ବସୁଛ। ତମକୁ ଦେଖି ଆମ ଘର ଭିତରକୁ କୁକୁର, ବିଲେଇ, ଅଜଣା ଲୋକ କେହି ବି ପଶି ପାରୁନାହାନ୍ତି। ସମସ୍ତେ ତମକୁ ଡରୁଛନ୍ତି। ତାହେଲେ ତମେ ଆମ ଘରର ପାଳଭୂତ ନା!"

ନାତିର କଥା ଶୁଣି ତା'ର ମାସୁମ୍ ମୁହଁକୁ ଚାହିଁ କହିଲେ– "ହଁ...ରେ ରିଷି, ଆମେ ଜେଜେମାନେ ଏଇମିତି ଗୋଟେ ଗୋଟେ ପାଳଭୂତ। ପ୍ରତିଘରକୁ ଜଗି ବସି ରହିଛୁ ବର୍ଷ ବର୍ଷ ଧରି।"

ଏକଥା କହିଲା ବେଳକୁ ପଞ୍ଚାନନଙ୍କ ଛାତି ଭିତରଟା କଇଁକଇଁ ହୋଇ କାନ୍ଦି ଉଠୁଥିଲା କେଉଁ ଏକ ଅବ୍ୟକ୍ତ ବେଦନାରେ। ■

ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨



ପୁସ୍ତକ ପରିଚୟ

## ଯାହା ମୁଁ ହେବାର ଥିଲା

ଗନ୍ତାୟତ ଶିବପ୍ରସାଦ




ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦବିହାରୀ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ : ୧୭୦ ଟଙ୍କା

ବିଶିଷ୍ଟ ବ୍ୟଙ୍ଗ ଲେଖକ ଗନ୍ତାୟତ ଶିବପ୍ରସାଦଙ୍କ 'ଯାହା ମୁଁ ହେବାର ଥିଲା' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ଲେଖାଗୁଡ଼ିକରେ ଶାଣିତ ବ୍ୟଙ୍ଗ ଓ ସାମାଜିକ ବାର୍ତ୍ତା ରହିଛି। 'ଈଶ୍ୱରଙ୍କ ନାମରେ', 'ଘୁଷୁରୀ ଓ ସୌଦାଗର କଥା', 'ବାପାଙ୍କ ପାଇଁ ଏତେ କଥା', 'କେବଳ ଯୁବକଙ୍କ ପାଇଁ', 'ଆତ୍ମା ମାଡିଛି', 'ଏକ ସାରସ୍ୱତ ସଙ୍କଟ', 'ସ୍ୱର୍ଗକୁ ଶିଡ଼ି', 'ଅପହୃତ ଯୌବନ', 'କ'ଣ ଖାଇବାକୁ ଭଲ ଲାଗେ', 'ଜଣେ ଲେଖକର ଦୁର୍ଦ୍ଦଶା', 'ଅପରାଧ ହଟିଯିବା ପରେ...' ଆଦି ଲେଖାଗୁଡ଼ିକ ଚମତ୍କାର ହୋଇଛି। 'ସ୍ୱର୍ଗକୁ ଶିଡ଼ି' ଏକ ଚମତ୍କାର ବ୍ୟଙ୍ଗ ରଚନା। ସ୍ୱର୍ଗକୁ ଶିଡ଼ି ପ୍ରସଙ୍ଗ ଉଠିଲେ, ସ୍ୱତଃ ମନକୁ ଆସିଯାଏ ରାବଣର କଥା। କିଭଳି ରାବଣ ସ୍ୱର୍ଗକୁ ନିଶୁଣି କରିବାର ଯୋଜନା କରି ବିଫଳ ହୋଇଥିଲା। ଏହି ରଚନା ମାଧ୍ୟମରେ ଅସମ୍ଭବ ବା ଅବାସ୍ତବ କଥାକୁ ନେଇ ସ୍ୱପ୍ନ ଦେଖିବା କିଭଳି ନିରର୍ଥକ, ତାହା ଲେଖକ ପ୍ରକାରାନ୍ତରରେ ସୂଚାଇ ଦେଇଛନ୍ତି। ସେହିପରି ଜୀବନରେ ଜଣେ ଯାହା ହେବାକୁ ଚାହେଁ, ତାହା ହୋଇପାରେନା, ଯାହା ହୋଇଥାଏ ତାହା କେବେ ଭାବି ନଥିବ। ଏଭଳି ପ୍ରସଙ୍ଗକୁ ନେଇ ରଚିତ ହୋଇଛି 'ଯାହା ମୁଁ ହେବାର ଥିଲା'। ସାଧାରଣ ଜୀବନର ଅନେକ ବାସ୍ତବ ଘଟଣାକୁ ଲେଖକ ବ୍ୟଙ୍ଗାତ୍ମକ ଭଙ୍ଗୀରେ ଅତି ସହଜ ଓ ସରଳ ଭାଷାରେ ପ୍ରକାଶ କରିଛନ୍ତି। ପ୍ରତିଟି ବ୍ୟଙ୍ଗ ରଚନାରେ ଭରି ରହିଛି ସାମାଜିକ ବାର୍ତ୍ତା, ମାନବିକତାର ସ୍ୱର। 'ଯାହା ମୁଁ ହେବାର ଥିଲା' ପୁସ୍ତକରେ ଅନ୍ତର୍ନିହିତ ବାର୍ତ୍ତା ପାଠକମାନଙ୍କୁ ପ୍ରେରଣା ଦେବ ବୋଲି ଆଶା କରାଯାଏ। ■

## ଜାଣେନା କାହା ବାଟ ରହିଛି ଚାହିଁ

କିଶୋର ଆକାଶ




୧୮୮୨, ନୟାପଲ୍ଲୀ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ ୧୬୯ ଟଙ୍କା

କଥାକାର କିଶୋର ଆକାଶଙ୍କ 'ଜାଣେନା କାହା ବାଟ ରହିଛି ଚାହିଁ' ଗଳ୍ପ ସଂକଳନ ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୧୪ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। 'ଅବୁଝା ଚାହାଣି- ଅକୁହା କାହାଣୀ', 'ମୁଠାଏ ମାୟାଛିନ୍ନ ମୁହୂର୍ତ୍ତ', 'ଅସହାୟ ଅନ୍ଧାରର ଆତ୍ମଲିପି', 'ସତୀ ପରୀକ୍ଷା', 'ଗଜ ଉଦ୍ଧାରଣ', 'ଫେରାର ଫଗୁଣ', 'ଅବସୋସ', 'ଚିତ୍ରପଟ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ଉଗ୍ର ଆଧୁନିକ ପତ୍ନୀ, ପୁଅ, ଝିଅ ଓ ଶାଶୁଙ୍କ ମାନସିକ ଅତ୍ୟାଚାରରେ କିଭଳି ଜଣେ ବାପା ଅସହାୟ ଜୀବନ ବଞ୍ଚୁଛି,ଆଉ ଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି, ତାହା ପ୍ରତିଫଳିତ ହୋଇଛି 'ବକ୍ରୀ ବନିଯାଉଥିବା ବାପାମାନଙ୍କ ବୃତ୍ତାନ୍ତ' ଗଳ୍ପରେ। 'ମିଠା ମିଠା ମିଛର ମହକ' ଏକ ପ୍ରେମମୂଳକ ଗଳ୍ପ। ଏହି ଗପରେ ଇତିଶ୍ରୀ ଓ ଶ୍ରୀକାନ୍ତଙ୍କ ନିରବ ପ୍ରେମ କାହାଣୀ ବର୍ଣ୍ଣିତ। ଉଭୟେ ପରସ୍ପରକୁ ଭଲ ପାଆନ୍ତି। ଶେଷରେ ପରିସ୍ଥିତିରେ ପଡ଼ି ଇତିଶ୍ରୀ ବିବାହ କରିଛି ସୌମ୍ୟରଞ୍ଜନଙ୍କୁ। ଏହି ବିବାହ କିନ୍ତୁ ଇତିଶ୍ରୀକୁ ଖୁସି କରିପାରିନଥିଲା। ସେପଟେ ଶ୍ରୀକାନ୍ତ ସନ୍ନ୍ୟାସୀ ହୋଇ ଋଷିକେଶରେ ଇତିଶ୍ରୀର ମୂର୍ତ୍ତିଟିଏ ତିଆରି କରି ପୂଜା କରିଛି। ପ୍ରେମ ଓ ତ୍ୟାଗର ଚିତ୍ର ପ୍ରତିଫଳିତ ହୋଇଛି 'ମିଠାମିଠା ମିଛର ମହକ' ଗଳ୍ପରେ । ମଣିଷ ଜୀବନର ନାନାବିଧ ସମସ୍ୟା, ମଣିଷର ଅସହାୟତା, ମାନବୀୟ ଆବେଗ, ସାମାଜିକ ବାସ୍ତବତା ଆଦିକୁ ନେଇ ଏହି ଗପଗୁଡ଼ିକର କାହାଣୀ ଗତିଶୀଳ। ସରଳ ଭାଷା, ନିଆରା ଉପସ୍ଥାପନା ଶୈଳୀ, କାହାଣୀରେ ନୂତନତା ଗଳ୍ପଗୁଡ଼ିକୁ ଅଧିକ ହୃଦୟସ୍ପର୍ଶୀ କରିଛି। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ମିଛ



ଭାରତ ମାଝୀ



ମିଛେ ଢାଙ୍କିଦେଲି ସାରାଟା ସଂସାର
ଖଣ୍ଡ ଖଣ୍ଡ କାଟିଦେଲି ଜିଭ,
ଅନାୟାସରେ ଚିପୁଡ଼ି ଦେଲି
କମଳାଲେମ୍ବୁ ପୃଥିବୀ,
କେମିତି ପାରିଲି, ମନେ ନାଇଁ,
ମୋ ଆଗରେ କୁଆଡ଼େ
ଛଦ୍ମବେଶରେ ଜଗତ
କୁହ, କାଇଁ ?

ଦଦରା ବିଶ୍ୱାସର ଆଧାରରେ
ଟପି ଆସିଲି ଏତେ ବାଟ
ହଟଚମଟ
ଖୋଜିଲି ଗତି, ଗମକ ଚମକରେ
ନିଅ, ଗତି, ମିଳୁଚି ବଜାରରେ।

ମିଛରେ ଢାଙ୍କିଦେଲି ସାରାଟା ସଂସାର
ବଜାରରେ ଠିଆ ହେଇ ଆଡ଼େଇଲି ହୁନ୍ଦର,
ବ୍ୟାଗରେ ଭର୍ତ୍ତି ମୁଁ
ଷାଠିଏ କିଲୋର ଜଞ୍ଜାଳ,
କିଏ ନେବ ହୋ, ଗରାଖ ଈଶ୍ୱର !

ହେ ମୋର ଛଦ୍ମବେଶୀ ପ୍ରେମ,
ରାସ୍ତା ଆଉ ସମୟର ତାରେ ନାରେ ନାନା,
ଏଇ ମିଛ ଟିକେ ଇ ତ ମୋର ସାନ୍ତ୍ୱନା! ■

# ଅନ୍ଧାର

ଚକ୍ରପାଣି ପରିଚ୍ଛା



॥୧॥

ବନ୍ଦକରିଦିଅ ଆକାଶର ସବୁତକ
ଦର୍ଜା ଏବଂ ଝର୍କା
ଫେରିବା ପୂର୍ବରୁ

ଏବଂ କାଟିଦିଅ ସୂର୍ଯ୍ୟର ଡେଣା,
ରକ୍ତରେ ଭିଜୁଥାଉ
ଅନ୍ଧାରର ଦିହ ହାତ

କେହି ଜଣେ
ଖୋଜୁଥାଏ ନିଜ ଜୀବାଶ୍ମ
ଅନ୍ଧାରର ପେଟରାରୁ

ଅନ୍ଧାର ଏବେ ବିସ୍ଥାପିତ
ଅନ୍ଧୁଣୀର ଆଖିରେ।

॥୨॥

ଶୂନ୍ୟରୁ ଖସିପଡ଼ିବାପରେ
ସଂଚରିଯାଏ ଅନ୍ଧାର
ସୂର୍ଯ୍ୟର ଆଖିରେ

ଏବଂ ଫୁଲ ହେଇ ଫୁଟେ
ଶବ୍ଦର

ସେ ଶବ୍ଦରେ ଥାଏ
ଆତୁରତା
ଉଚ୍ଚାଟନ ବି

ଦୁଃଖକୁ ଭୋଗିବା ନେଇ
ସାରାରାତି

ଅନ୍ଧାର
ଅନ୍ଧାରର କୋମଳଗାନ୍ଧାର
ନିଜ ପାଇଁ। ■

ମୋ: ୯୧୭୮୬୪୭୧୩୭

ଡକ୍ଟର ହିମାଦ୍ରି ତନୟା ମିଶ୍ର



# ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ପରମ୍ପରା

ରୀତି ସମ୍ପ୍ରଦାୟର ପ୍ରତିଷ୍ଠାତା ହେଉଛନ୍ତି ଆଚାର୍ଯ୍ୟ ବାମନ। ରୀତିକୁ ଏକ ବିଶେଷ ମହତ୍ତ୍ୱ ଦେବାରେ ତାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ। ଆଚାର୍ଯ୍ୟ ବାମନ ରୀତିକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରିଥିଲେ। ସମସ୍ତ ବିଦ୍ୟା ତଥା ବୁଦ୍ଧିର ମୂଳ ଉତ୍ସ ହେଉଛି ବେଦ। ରସ ଓ ଅଳଙ୍କାର ସଦୃଶ 'ରୀତି'ର ଉଦ୍‌ଗମସ୍ଥଳ 'ବେଦ' ହିଁ କୁହାଯାଇପାରେ, କାରଣ ଏହାର କେତେକ ସ୍ଥାନରେ ରୀତି ଶବ୍ଦର ବହୁଳ ବ୍ୟବହାର ରହିଛି। ଋକ୍‌ବେଦରେ 'ଧାରା' ଅର୍ଥରେ ରୀତି ଶବ୍ଦର ପ୍ରୟୋଗ ହୋଇଛି।

ଅଳଙ୍କାରର ବିକାଶ ସଙ୍ଗେ ସଙ୍ଗେ ରୀତି ସମ୍ପ୍ରଦାୟର ବିକାଶ ହୋଇଥିବା ବିଷୟ ବହୁ ଆଚାର୍ଯ୍ୟ ସ୍ୱୀକାର କରିଛନ୍ତି। ଭରତମୁନି 'ନାଟ୍ୟଶାସ୍ତ୍ର'ରେ ପ୍ରବୃତ୍ତି ଅର୍ଥରେ ରୀତି ଶବ୍ଦର ବ୍ୟବହାର କରିଛନ୍ତି। ଆଚାର୍ଯ୍ୟ ଦଣ୍ଡୀଙ୍କ ସମୟରେ ରୀତି ପରିସର ବ୍ୟାପକ ହୋଇଥିବାର ଜଣାଯାଏ। ସେ ରୀତି ଅର୍ଥରେ 'ମାର୍ଗ' ଶବ୍ଦ ପ୍ରୟୋଗ କରି 'ବୈଦର୍ଭୀ' ଓ 'ଗୌଡ଼ୀ' ନାମକ ଦୁଇଟି ମାର୍ଗର ନିର୍ଦ୍ଦେଶ କରିଛନ୍ତି। ରୀତି ସମ୍ବନ୍ଧରେ ଆଚାର୍ଯ୍ୟ ବାମନ କହିଲେ - 'ବିଶିଷ୍ଟ ପଦରଚନା ରୀତିଃ।' ଭରତମୁନିଙ୍କ ଗୁଣ ବ୍ୟାଖ୍ୟାଠାରୁ ଆଚାର୍ଯ୍ୟ ଦଣ୍ଡୀଙ୍କର ଗୁଣ ବ୍ୟାଖ୍ୟାରେ ସ୍ୱତନ୍ତ୍ରତା ରହିଛି।

ଆଚାର୍ଯ୍ୟ ଦଣ୍ଡୀ ବୈଦର୍ଭୀ ଓ ଗୌଡ଼ୀ, ଏହି ଦୁଇଟି ରୀତିକୁ ସ୍ୱୀକୃତି ଦେଇଥିବା ବେଳେ ବାମନ ପାଞ୍ଚାଳୀ ନାମକୁ ଅନ୍ୟ ଏକ ରୀତିକୁ ସ୍ଥାନିତ କରି ରୀତିର ସଂଖ୍ୟା ତିନିକୁ ବୃଦ୍ଧି କରାଇଥିଲେ। ଯଥା- 'ବୈଦର୍ଭୀ ଗୌଡ଼ୀୟା ପାଞ୍ଚାଳୀ ଚେତି।' ବାମନଙ୍କ ପରବର୍ତ୍ତୀ ସମୟରେ ଆଳଙ୍କାରିକ ରୁଦ୍ରଟ ପଦମାନଙ୍କର ସଂଯୋଜନାକୁ ରୀତି ଭାବରେ ଗ୍ରହଣ କରି 'ଲାଟୀ' ନାମକ ଅନ୍ୟ ଏକ ଚତୁର୍ଥ ରୀତିର ଅସ୍ତିତ୍ୱକୁ ସ୍ୱୀକୃତି ଦେଇଥିଲେ।

ଯେଉଁ କାବ୍ୟ ପାଠ କରିବା ସମୟରେ ସହୃଦୟର ଚିତ୍ତବୃତ୍ତି ଶାନ୍ତ ହୋଇଯାଏ, ମନ ଆର୍ଦ୍ର ଓ କୋମଳ ହୋଇଉଠେ, ତାହାହିଁ ମାଧୁର୍ଯ୍ୟ ବା ବୈଦର୍ଭୀ ରୀତି। ଏହା ମାଧୁର୍ଯ୍ୟ ଗୁଣ ବ୍ୟଞ୍ଜକ ବର୍ଣ୍ଣଗୁଡ଼ିକ ଦ୍ୱାରା କୋମଳ, ସମାସହୀନ ବା ଅଳ୍ପ ସମାସଯୁକ୍ତ ରଚନା। ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ', କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ପରି ରୀତିଯୁଗୀୟ ଅନ୍ୟାନ୍ୟ କାବ୍ୟ ତଥା 'ପ୍ରେମ ଚିନ୍ତାମଣି', 'କେଳି କଳାନିଧି' ଭଳି ଅନେକ କାବ୍ୟରେ ଏହି ରୀତିର ନିବେଶ ରହିଛି। ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଦୂତୀ ଯୁଗଳଙ୍କ ଅନୁରାଗର କଥୋପକଥନ ଛଳରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ ଏହି ରୀତିର ଚମତ୍କାରିତା ରହିଛି। 'ସୁଭଦ୍ରା ପରିଣୟ' କାବ୍ୟରେ ସୁଭଦ୍ରାଙ୍କ ପ୍ରତି ଥିବା ପ୍ରେମାସକ୍ତ ଅର୍ଜୁନଙ୍କ ମନରେ ବିଚ୍ଛେଦାବସ୍ଥାରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ବୈଦର୍ଭୀ ରୀତିର ଉଦାହରଣରେ ନିଆଯାଇପାରେ। ଯଥା-

'ଶ୍ରୀରାଧା ବାତୁଳୀ ପ୍ରେମରତ୍ନ ତୁଳୀ ଘେନ ଚିହ୍ନାରା ଗ୍ରାହକମାନେ
କୃଷ୍ଣ ଅତି ଦୀନେ ଦୂତିକାକୁ ଦିନେ ପଚାରନ୍ତି କର ଧରି ଛନେ
ପ୍ରାଣ ବନ୍ଧୁ ରୀତି।
କହି ମୋ ଶ୍ରୁତିକି କର ଗତି।' (ବିଦଗ୍ଧ ଚିନ୍ତାମଣି)

x x x

'ଶୁଣି ମଲା ମୋହ ଲାଗି ଭାଳିବ। ସଲିଳଯେ ନୟନୁ ବାହାରିବ।
ସେ ଜଳକୁ ପାଇ ସ୍ୱର୍ଗେ ବସିବି। ସନ୍ତାନ ତଳେ ସଙ୍ଗ ମନାସିବି।' (ସୁଭଦ୍ରା ପରିଣୟ)

ଗୌଡ଼ୀ ରୀତି ଦୀର୍ଘ ସମାସଯୁକ୍ତ ଓ ଓଜଃ ଗୁଣ ପ୍ରକାଶକ ବର୍ଣ୍ଣ ଦ୍ୱାରା ଆଡ଼ମ୍ବରପୂର୍ଣ୍ଣ ରଚନା। ମହାପ୍ରାଣ ଅକ୍ଷରରେ ରଚିତ ଅନୁପ୍ରାସ ବହୁଳ, ଅଳ୍ପ ବାକ୍ୟ ଏହି ରୀତିର ବୈଶିଷ୍ଟ୍ୟ। ଏହା ଚିତ୍ତକୁ ଉଦ୍ଦୀପ୍ତ କରିଥାଏ। ପାଠକ ହୃଦୟରେ ଏହା ଉତ୍ସାହ ଓ ଉତ୍ତେଜନା ସୃଷ୍ଟି କରେ। ଏହା ବୀଭତ୍ସ ଓ ରୌଦ୍ର ଭାବରେ ଅଧିକ ପ୍ରତୀତ ହୋଇଥାଏ। ଓଡ଼ିଆ ରୀତିଯୁଗୀୟ କାବ୍ୟର କେତେକ ସ୍ଥାନରେ ଗୌଡ଼ୀ ରୀତିର ଉପଲବ୍ଧି ହୁଏ। 'ମଥୁରାମଙ୍ଗଳ'



କାବ୍ୟର ବାଇଶ ଛାନ୍ଦରେ କୃଷ୍ଣ ଓ ଚାଣୂରର ସମର ବେଳର କଥା ଚିତ୍ର ବୀର ରସର ଅବତାରଣା ଗୌଡ଼ୀ ରୀତି ରହିଛି। ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟର ପଞ୍ଚଷଠି ଛାନ୍ଦରେ ଗୋପ ବାଳକଙ୍କ ଗାଈ ରଖିବାକୁ ଯିବାବେଳେ ଯେଉଁସବୁ ଆଚରଣ କରିଛନ୍ତି, ତାହା ବୀର ରସ ଦ୍ୟୋତକ। ଆଡ଼ମ୍ବରପୂର୍ଣ୍ଣ ଶବ୍ଦ ସଂଯୋଜନା ଏହି ରୀତିର ଉଦାହରଣ।

ସାଧାରଣ ଭାବରେ ଦେଖିଲେ ବୈଦର୍ଭୀ ଓ ଗୌଡ଼ୀ ରୀତିର ମଧ୍ୟବର୍ତ୍ତୀ ରଚନା ହିଁ ପାଞ୍ଚାଳୀ ରୀତି ଜଣାଯାଏ। ଓଜଃ, କାନ୍ତି, ମାଧୁର୍ଯ୍ୟ, ସୌକୁମାର୍ଯ୍ୟ ଗୁଣ ସମ୍ପନ୍ନ ରଚନାବଳୀକୁ ପାଞ୍ଚାଳୀ ରୀତି କୁହାଯାଏ। ପ୍ରସାଦ ଗୁଣ ଏହି ରୀତିର ବୈଶିଷ୍ଟ୍ୟ। ପାଠକର ଚିତ୍ତ ଆମୋଦିତ ଓ ପୁଲକିତ ହୋଇଥାଏ, ଯାହା ପ୍ରସାଦ ଗୁଣଯୁକ୍ତ। ପାଞ୍ଚାଳୀ ରୀତି ସ୍ୱଭାବ ସୁଲଭ ବର୍ଣ୍ଣନା ଓ ଅଳ୍ପ ସମାସଯୁକ୍ତ। ଭକ୍ତ ଚରଣଙ୍କ ରଚିତ 'ମଥୁରାମଙ୍ଗଳ' କାବ୍ୟରେ ଶ୍ରୀକୃଷ୍ଣ ଓ ସଖାମାନଙ୍କ ମଥୁରା କଟକ ପରିଭ୍ରମଣ କଥା ଚିତ୍ର ବର୍ଣ୍ଣନା ବେଳେ ଏହି ପାଞ୍ଚାଳୀ ରୀତିର ଅନୁଭବ ହୁଏ। ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ' କାବ୍ୟରେ ଋତୁ ଚିତ୍ର ବର୍ଣ୍ଣନା ଅବକାଶରେ କବି ପାଞ୍ଚାଳୀ ରୀତିର ବର୍ଣ୍ଣନା ଦେଖିବାକୁ ମିଳେ। ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରୁ ବସନ୍ତ ଋତୁ ବର୍ଣ୍ଣନା ପରିପ୍ରେକ୍ଷୀରେ ପାଞ୍ଚାଳୀ ରୀତିର ଉପଲବ୍ଧି ହୁଏ। ଯଥା-

'ମଳୟ ଶିଖରୀ ଶିରୀ ଚୋରି କରି ବହିଲାଣି ମନ୍ଦ ସମୀର
ସୁମନାଙ୍କ ବାସ ଚୋରାଇ ନେବଟି ବୋଲି କହିଲାଣି ଭ୍ରମର।' (ଲାବଣ୍ୟବତୀ)

ବୈଦର୍ଭୀ ଓ ପାଞ୍ଚାଳୀର ମଧ୍ୟବର୍ତ୍ତୀ ରୀତିକୁ ଲାଟୀ ରୀତି କୁହାଯାଏ। ବିଶ୍ୱନାଥ କବିରାଜଙ୍କ ମତରେ– 'ଲାଟୀ ରୀତି ବୈଦର୍ଭୀ ପାଞ୍ଚାଲ୍ୟୋରନ୍ତରେ ସ୍ଥିତା' ଅର୍ଥାତ୍ ସମାସର ସ୍ୱଳ୍ପତା ଓ କୋମଳ ପଦାବଳୀ ଦ୍ୱାରା ପରିଶୋଭିତ ଲାଟୀ ରୀତି ସହୃଦୟ ପାଠକ ପ୍ରାଣରେ ଆନନ୍ଦ ଭାବ ସୃଷ୍ଟି ହୋଇଥାଏ। ଓଡ଼ିଆ ରୀତିଯୁଗୀୟ କାବ୍ୟର କେତେକ ସ୍ଥଳରେ ଏହି ଲାଟୀ ରୀତିର ପ୍ରୟୋଗ ହୋଇଥାଏ। ଭକ୍ତ ଚରଣଙ୍କ 'ମଥୁରାମଙ୍ଗଳ' କାବ୍ୟରେ ଏହି ରୀତିର ନିବେଶ ଦେଖାଯାଏ। ଶ୍ରୀକୃଷ୍ଣଙ୍କର ମଥୁରା ଗମନ ଜାଣି ଯଶୋଦାଙ୍କର ମାତୃ ହୃଦୟ ବ୍ୟାତୁର ହୋଇଛି। ପ୍ରିୟ ପୁତ୍ର ପାଇଁ ମାତୃ ହୃଦୟର ବାତ୍ସଲ୍ୟ ମମତାର ଚମତ୍କାର ବର୍ଣ୍ଣନା କବି କରିଛନ୍ତି। ସେହିପରି ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ଓ ଅଭିମନ୍ୟୁଙ୍କର 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଲାଟୀ ରୀତିର ପ୍ରୟୋଗ ଦେଖାଯାଏ। ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ' କାବ୍ୟରେ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗରେ ଲାଟୀ ରୀତିର ପ୍ରୟୋଗ ରହିଛି। ଯଥା-

'ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ।
କାହା ମୁଖ ଅନାଇ ବଞ୍ଚିବି
ହେବ ଦଶ ଦିଗ ଶୂନ୍ୟ ଅସ୍ଥିର ହେବ ଜୀବନ।
ନିଶି ଦିବସରେ ଝୁରୁଥିବିରେ।'(ମଥୁରା ମଙ୍ଗଳ)

ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ପରମ୍ପରା ଷୋଡ଼ଶ ଶତାବ୍ଦୀର ଆଦ୍ୟଭାଗରୁ ବିକାଶ ହୋଇଛି। ରୀତିଯୁଗ କାବ୍ୟ ପ୍ରଣୟନ କ୍ଷେତ୍ରରେ ବହୁ ସମୃଦ୍ଧ ଥିଲା। ଷୋଡ଼ଶ ଶତାବ୍ଦୀର ଆଦ୍ୟ ଭାଗରୁ ହିଁ ରୀତି ଶୈଳୀ ଧୀରେ ଧୀରେ ବିକଶିତ ହୋଇ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ସଦାନନ୍ଦ, ବଳଦେବ, ଅଭିମନ୍ୟୁ, ଯଦୁମଣି ଆଦିଙ୍କ ଲେଖନୀରେ ଚରମ ଉତ୍କର୍ଷ ଲାଭ କରିଅଛି। ଅଳଙ୍କାରର ସୂକ୍ଷ୍ମ ସଂଯୋଜନା, ରସ, ରୀତି, ଧ୍ୱନି, ବକ୍ରୋକ୍ତି ପ୍ରଭୃତିର ସଫଳ ପ୍ରକାଶ, ବର୍ଣ୍ଣନାର ଚମତ୍କାରିତା, କାବ୍ୟିକ ଗଠନ କୌଶଳ ରୀତି ସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି। ସର୍ବଭାରତୀୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ରୀତିଯୁଗ ଅଧିକ ରସଗ୍ରାହୀ କାବ୍ୟ ରଚନାରେ ସକ୍ରିୟ ମନେ ହୋଇଥାଏ। ■

ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଭାରତ ସରକାର, ଭୁବନେଶ୍ୱର- ୯

# ବଲାଙ୍ଗିରରେ ଗୋଷ୍ଠୀ ସଂଘର୍ଷ

## ୫ ଗୁରୁତର

**ବଲାଙ୍ଗିର, ୧୪।୧୨ (ସମିସ) :** ବଲାଙ୍ଗିର ଜିଲ୍ଲା ସଦର ଥାନା ପଥରଚେପା ଗାଁରେ ଶନିବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ୫ ଜଣ ଗୁରୁତର ହୋଇଛନ୍ତି। ଗାଁର ଦୁଇ ପରିବାର ମଧ୍ୟରେ ଏହି ସଂଘର୍ଷ ହୋଇଥିବା ବେଳେ ଉଭୟ ଗୋଷ୍ଠୀର ୫ ଜଣ ଗୁରୁତର ହୋଇ ବଲାଙ୍ଗିର ଭୀମ ଭୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୯ଟାରେ ଗାଁର ମିର୍ଦ୍ଧା ଓ ଜଗଦଲା ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ପୂର୍ବ ଶତ୍ରୁତାକୁ ନେଇ ସଂଗଠିତ ହୋଇଥିବା ଏହି ଗୋଷ୍ଠୀ ସଂଘର୍ଷରେ ମମତା ଜଗଦଲା, ହୀରାଲାଲ୍ ଜଗଦଲା ଓ ପୁଅଙ୍କ ସହ ମିର୍ଦ୍ଧା ପରିବାରର ରମାକାନ୍ତ ମିର୍ଦ୍ଧା ଓ ଅଜିତ ମିର୍ଦ୍ଧା ଗୁରୁତର ହୋଇଥିବା ସଦର ପୁଲିସ ସୂଚନା ଦେଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତ ଜଗଦଲା ପରିବାରର ଛେଳି ଗୁହାଳରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିବା ବେଳେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଛି। ତେବେ ଏହି ଘଟଣା ପଛର କାରଣ ସ୍ପଷ୍ଟ ହୋଇନାହିଁ। ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଅବଶିଷ୍ଟାଂଶ...

## ବିକଶିତ ଭାରତ...

ନାରୀଙ୍କ ନେତୃତ୍ୱରେ ବିକାଶ, ରାଜ୍ୟ ଆଗେଇଲେ ଦେଶର ବିକାଶ ଏବଂ ଏକ ଭାରତ, ଶ୍ରେଷ୍ଠ ଭାରତ ଏହି ସଂକଳ୍ପରେ ସ୍ଥାନ ପାଇଛି।

ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ ରଖିବା ସହିତ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସକୁ ନିଶାଣ କରି ବର୍ଷିଥିଲେ। ମୋଦୀ କହିଥିଲେ ଯେ ବିଜେପି ସବୁ ବେଳେ 'ଜୁମଲା' ( ମିଛ କଥା) କହିଆସୁଛି ବୋଲି କଂଗ୍ରେସ ବାରମ୍ବାର ଅଭିଯୋଗ କରିଆସିଛି। କିନ୍ତୁ କଂଗ୍ରେସ ଯେ ଦେଶବାସୀଙ୍କୁ ସବୁଠୁ ଅଧିକ ମିଛ କହି ଆସିଛି ସେନେଇ ଚର୍ଚ୍ଚା କରିବା ଦରକାର। କଂଗ୍ରେସର 'ଗରିବୀ ହଟାଓ' ନାରା ଦେଶର ରାଜନୈତିକ ଇତିହାସରେ ସବୁଠୁ ବଡ଼ ମିଥ୍ୟା। ୧୯୭୧ ଲୋକସଭା ନିର୍ବାଚନ ବେଳେ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ, ଦେଶ ବଚାଓ' ନାରା ଦେଇଥିଲେ। କିନ୍ତୁ ଏହାର ବର୍ଷ ବର୍ଷ ପରେ ମଧ୍ୟ ଏହି ଦଳ ଦେଶରୁ ଗରିବୀ ହଟାଇପାରି ନାହିଁ। କିନ୍ତୁ ଆମ ସରକାର କୋଟି କୋଟି ଗରିବ ଲୋକଙ୍କୁ ଦାରିଦ୍ର୍ୟରୁ ଉପରକୁ ଆଣିବାକୁ କାର୍ଯ୍ୟ କରିଛି ବୋଲି ମୋଦୀ କହିଥିଲେ। ସେ କହିଥିଲେ ଯେ ସମ୍ବିଧାନ ପ୍ରତି କଂଗ୍ରେସର ଆସ୍ଥା ନାହିଁ। ସମ୍ବିଧାନକୁ ଯଦି କେହି ବେଶି କ୍ଷତାକ୍ତ କରିଛି, ତାହା ହେଉଛି କଂଗ୍ରେସ ସରକାର। ନିଜ ସ୍ୱାର୍ଥକୁ ସୁହାଇବା ଲାଗି କଂଗ୍ରେସ ସରକାର ଅମଳରେ ସମ୍ବିଧାନ।।ରେ ୭୫ଥର ସଂଶୋଧନ କରାଯାଇଛି। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାରି କରାଯାଇଥିବା ଜରୁରୀ ପରିସ୍ଥିତି ଥିଲା ସମ୍ବିଧାନ ଉପରେ ସବୁଠାରୁ ବଡ଼ ଆକ୍ରମଣ। ରାହୁଲଙ୍କ ନାମ ନନେଇ ପ୍ରଧାନମନ୍ତ୍ରୀ କହିଲେ ଯେ ୟୁପିଏ ସରକାରରେ ଆସିଥିବା ଅଧ୍ୟାଦେଶର କପିକୁ ସାଧାରଣରେ ଚିରି ଏହାର ଅପମାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ କହିଲେ ଯେ ୧୯୪୯ରେ ଗୃହୀତ ହେବା ଦିନଠାରୁ ଭାରତର ସମ୍ବିଧାନର ଯାତ୍ରା ଏବଂ ଭାରତର ଗଣତନ୍ତ୍ର ବିଶ୍ୱବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହୋଇଥିବାରୁ ଭାରତକୁ ଗଣତନ୍ତ୍ରର ଜନକ ବୋଲି କୁହାଯାଉଛି। ଆମେ କେବଳ ବୃହତ୍ ଗଣତନ୍ତ୍ର ନୁହେଁ, ଗଣତନ୍ତ୍ରର ଜନକ ମଧ୍ୟ।

## ସରକାର ଯୁବପିଢ଼ିଙ୍କ...

ମନୁସ୍ମୃତି। ଏହି ଗ୍ରନ୍ଥକୁ ଆଧାର କରି ପ୍ରାଚୀନ ଭାରତରେ ସଂସ୍କୃତି ଠାରୁ ଆରମ୍ଭ କରି ପରାମ୍ପରା, ସାମାଜିକ ଚଳଣି ଏବଂ ପ୍ରଥା ଆଦି ରହିଆସିଛି। ତେଣୁ ପ୍ରତ୍ୟେକ ହିନ୍ଦୁଙ୍କ ପାଇଁ ମନୁସ୍ମୃତି ହିଁ ଧାର୍ମିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ମହତ୍ତ୍ୱ ବହନ କରେ। ଏହି ଗ୍ରନ୍ଥ ହିଁ ଆଜି ଭାରତୀୟ ସମାଜ ପାଇଁ ଆଇନ ଭଳି କାର୍ଯ୍ୟ କରିବ' ବୋଲି ସବରକର୍ କହିଥିଲା ବେଳେ ଏହାକୁ ରାହୁଲ ଗୃହରେ ପାଠ କରିବା ସହିତ ବିଜେପି କିଭଳି ସମ୍ବିଧାନକୁ ପାଳନ କରୁଛି ବୋଲି ପ୍ରଶ୍ନ କରିଥିଲେ। ରାହୁଲ ଗୋଟିଏ ହାତରେ ସମ୍ବିଧାନ ପୁସ୍ତିକା ଏବଂ ଅନ୍ୟ ହାତରେ ମନୁସ୍ମୃତି ଗ୍ରନ୍ଥ ଧରି ଶାସକ ସଦସ୍ୟମାନଙ୍କୁ ପ୍ରଶ୍ନ କରି କହିଥିଲେ ଯେ, ଆଜି ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ପାଳନ କରାଯିବା ସହିତ ଏହା ଉପରେ ଆଲୋଚନା କରାଯାଉଛି। ବିଜେପି ସମ୍ବିଧାନକୁ ନେଇ ଗର୍ବ କରିବା ସହିତ ପ୍ରଶଂସା କରୁଛନ୍ତି। କିନ୍ତୁ ହିନ୍ଦୁତ୍ୱର ଆଦର୍ଶ ପୁରୁଷ ସବରକର ସମ୍ବିଧାନକୁ ନେଇ ଏସବୁ ଯାହା କହିଛନ୍ତି ତାହାକୁ ବିଜେପି କିଭଳି ଗ୍ରହଣ କରୁଛି ବୋଲି ପ୍ରଶ୍ନ କରିଥିଲେ। ବିଜେପି ସମ୍ବିଧାନକୁ ପ୍ରଶଂସା କରି ପରୋକ୍ଷରେ ସବରକରଙ୍କୁ ଅପମାନିତ କରୁନାହିଁ କି ବୋଲି କଟାକ୍ଷ କରି କହିଥିଲେ।

ଏହାବ୍ୟତୀତ ରାହୁଲ ଗୃହରେ ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ ଉପାଖ୍ୟାନ ଶୁଣାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଦ୍ରୋଣାଚାର୍ଯ୍ୟ ନିଜ ଶିଷ୍ୟ ଏକଲବ୍ୟଙ୍କ ଠାରୁ ଗୁରୁ ଦକ୍ଷିଣା ନେବା ଉଦ୍ଦେଶ୍ୟରେ ଯେଭଳି ତାଙ୍କ ଅଙ୍ଗୁଳି କାଟିଥିଲେ ଆଜି ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଯୁବପିଢିଙ୍କ ଅଙ୍ଗୁଳି କାଟିବାରେ ଲାଗିଛନ୍ତି। ଅଗ୍ନିବୀର ଯୋଜନାରେ ସରକାର ଯୁବକମାନଙ୍କ ଅଙ୍ଗୁଳି କାଟୁଥିଲା ବେଳେ ଆଦାନୀ ଗ୍ରୁପ୍ ହାତରେ ଦେଶର ସବୁ ଶିଳ୍ପ, ବନ୍ଦର ,ବିମାନ ବନ୍ଦର ଏବଂ କାରବାର ଟେକି ଦେଇ ଚାଷୀଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ମଧ୍ୟ ନିରାଶ କରିଛନ୍ତି। କିନ୍ତୁ ରାହୁଲଙ୍କ ଏଭଳି ପ୍ରଶ୍ନକୁ ନେଇ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କଂଗ୍ରେସ ଉପରେ ବର୍ଷିବା ସହିତ କହିଥିଲେ ଯେ, ଆପଣ ଅଙ୍ଗୁଳି କାଟିବା କଥା କହୁଛନ୍ତି। କିନ୍ତୁ ଆପଣଙ୍କ ସରକାର ସମୟରେ ଶିଖ ଭାଇମାନଙ୍କ ଗଳା କାଟି ଦିଆଯାଇଥିଲା। ଏଥିପାଇଁ ଆପଣ ଦେଶବାସୀଙ୍କୁ କ୍ଷମା ମାଗିବା ଉଚିତ।

## ନ୍ୟାୟ ଅପେକ୍ଷାରେ...

ଅପରପକ୍ଷେ ଓଡ଼ିଶାକୁ ଆସୁଥିବା ପାଣି ଜଳସେଚନ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ତଳମୁଣ୍ଡରେ ପାଣି ପହଞ୍ଚୁ ନାହିଁ। ଚାଷୀ ଚାଷ ପାଇଁ ପାଣି ପାଉନାହାନ୍ତି। ଏହା ଏକ ରାଜନୈତିକ ସମସ୍ୟା ନୁହେଁ, ରାଜ୍ୟର ସାଧାରଣ ଲୋକଙ୍କ ସମସ୍ୟା। ଆଗାମୀ ଦିନରେ ରାଜ୍ୟରେ ପାଣି ସମସ୍ୟା ଆହୁରି ଭୟଙ୍କର ହେବ। ରାଜ୍ୟ ସରକାର ତୁରନ୍ତ ମାମଲାରେ ହସ୍ତକ୍ଷେପ କରି ଜଳ କମିଶନ ଗଠନ କରନ୍ତୁ ବୋଲି ସେ ଦାବି କରିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀର ପ୍ରବେଶ ପଥ ଶୁଖାସୋଡ଼ା ସମ୍ପୂର୍ଣ୍ଣ ଭାବେ ଶୁଖିଯାଇଛି। ଅତୀତରେ ବାରମ୍ବାର ବିଜେଡି ଏନେଇ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି। ମାତ୍ର କୌଣସି ସମାଧାନ କରାଯାଇ ନାହିଁ। ଯେତେବେଳେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପିର ଟ୍ରିପଲ୍ ଇଞ୍ଜିନ ସରକାର ଗଠନ ହେଲା, ଆମେ ଏହାର ତ୍ୱରିତ୍ ସମାଧାନ ଆଶା କରୁଥିଲୁ। ମାତ୍ର ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପରିବର୍ତ୍ତନ ହେଲେ। ବିଚାର ପ୍ରକ୍ରିୟା ପୁଣିଥରେ ମୂଳରୁ ଆରମ୍ଭ ହୋଇପାରେ। ଯାହାଫଳରେ ପ୍ରକ୍ରିୟା ଆହୁରି ବିଳମ୍ବ ହେବ। କେବେ ଏହାର ସମାଧାନ ହେବ ତାହା କାହାକୁ ଜଣାନଥିବା ବେଳେ, ସମାଧାନ ହେବା ବେଳକୁ ମହାନଦୀ ମରୁଭୂମିରେ ପରିଣତ ହୋଇ ସାରିଥିବ। ଏହାର ଦାରୁଣ ଏବଂ ସାଂଘାତିକ ପରିଣତି ଓଡ଼ିଶା ଭୋଗିପାରେ ବୋଲି ସେ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ମହାନଦୀ ବଞ୍ଚାଅ, ଓଡ଼ିଶା ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ମହାନଦୀ ଜଳବିବାଦ ମାମଲାରେ କେନ୍ଦ୍ର ସରକାର ଆରମ୍ଭରୁ ନିଜ ଦାୟିତ୍ୱ ନିର୍ବାହ କରିନାହାନ୍ତି। ଯାହାଫଳରେ ବିଗତ କିଛି ବର୍ଷ ଧରି ଓଡ଼ିଶା ପ୍ରବଳ କ୍ଷତି ସହି ଆସୁଛି। ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡ଼ି ଚାଲିଥିବା ବେଳେ ଏବେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଗଲା। ଆମର ଆଶଙ୍କା ମହାନଦୀର ଦଶା କାବେରୀ ଜଳବିବାଦ ପରି ନ ହେଉ। ନୂଆ ଅଧ୍ୟକ୍ଷ ପୂର୍ବ ତ୍ରୁଟି ସଂଶୋଧନ କରି ଅନ୍ତତଃପକ୍ଷେ ତ୍ୱରିତ୍ ଅନ୍ତରୀଣ ରାୟ ପ୍ରଦାନ କରନ୍ତୁ। ନ ହେଲେ ବିଳମ୍ବିତ ରାୟ ଦ୍ୱାରା ଓଡ଼ିଶା ସର୍ବାଧିକ କ୍ଷତିଗ୍ରସ୍ତ ହେବ ବୋଲି ସେ ମତ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛତିଶଗଡ଼ ସହ ଜଳବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ତାରିଖରେ ଜଷ୍ଟିସ ଏ. ଏମ୍ ଖାନୱାଲିକରଙ୍କ ଅଧ୍ୟକ୍ଷତାରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଶେଷଥର ପାଇଁ ଟ୍ରିବ୍ୟୁନାଲରେ ଶୁଣାଣି ଗତ ଫେବ୍ରୁଆରୀ ୨୨ତାରିଖରେ ହୋଇଥିଲା।

## ଆଡଭାନୀ ଅସୁସ୍ଥ...

ଭର୍ତ୍ତି କରାଯାଇଛି। ଆପୋଲୋ ହସ୍ପିଟାଲର ସ୍ନାୟୁ ବିଭାଗର ବରିଷ୍ଠ ଡାକ୍ତର ବିନୀତ ସୂରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଥିଲା ବେଳେ ଏବେ ତାଙ୍କ ଅବସ୍ଥା ସ୍ଥିର ରହିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ମାସରୁ ବର୍ତ୍ତମାନ ସୁଦ୍ଧା ଆଡ଼ଭାନୀଙ୍କୁ ୪ ଥର ହସ୍ପିଟାଲରେ ଭର୍ତ୍ତି କରାଗଲାଣି।

## ଆଇଏଏସ୍ ବିଷ୍ଣୁପଦଙ୍କୁ...

କେଉଁଆଡ଼େ ଯାଉଥିଲେ, ସେ ସମ୍ପର୍କରେ ସିବିଆଇ ଡ୍ରାଇଭରମାନଙ୍କୁ ପଚରାଉଚରା କରିଛି।

ମିଳିଥିବା ସୂଚନା ଅନୁସାରେ ବିଷ୍ଣୁପଦ ସେଠୀଙ୍କୁ ନୂଆପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ହାଜର ହେବାକୁ ସିବିଆଇ ଗତ ୧୦ ତାରିଖରେ ନୋଟିସ ପଠାଇଛି। ଭୁବନେଶ୍ୱରରେ ଟେଣ୍ଡର ଫିକ୍ସିଂ ଓ ୧୦ଲକ୍ଷ ଟଙ୍କା କାରବାର ମାମଲାରେ ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଓ ଏ ମାମଲା ସମ୍ପର୍କରେ ବିଷ୍ଣୁପଦ ସେଠୀଙ୍କ ନିକଟରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବା ଉଲ୍ଲେଖ କରି ତଦନ୍ତରେ ସହଯୋଗ କରିବାକୁ ସିବିଆଇ ନୋଟିସରେ ଉଲ୍ଲେଖ କରିଛି। ଅନୁରୂପ ଭାବେ ବିଷ୍ଣୁପଦ ବ୍ୟବହାର କରୁଥିବା ସରକାରୀ ଗାଡ଼ିଗୁଡ଼ିକର ୩ ଡ୍ରାଇଭରଙ୍କୁ ମଧ୍ୟ ହାଜର ସମନ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ନୃସିଂହ ଶତପଥି ଏବଂ ତୁଷାର ନାମକ ଡ୍ରାଇଭର ଶନିବାର ସିବିଆଇରେ ହାଜର ହୋଇଛନ୍ତି। ଅନ୍ୟ ଜଣଙ୍କୁ ସମନ ହୋଇଥିଲେ ବି ସେ ହାଜର ହୋଇନାହାନ୍ତି। ହାଜର ହୋଇଥିବା ଦୁଇ ଜଣଙ୍କଠାରୁ ବିଷ୍ଣୁପଦଙ୍କ ଦିନତମାମର ରୁଟିନ୍ ସମ୍ପର୍କରେ ପଚାରିଛନ୍ତି ସିବିଆଇ ଅଧିକାରୀ। ଏହାବ୍ୟତୀତ ବିଷ୍ଣୁପଦଙ୍କ ଘରେ ସିସିଟିଭି ଲାଗିଛି କି ନାହିଁ, ସେ କୁଆଡ଼େ ଯାତାୟତ କରନ୍ତି, କେତେଜଣ ଡ୍ରାଇଭର ଅଛନ୍ତି, ସରକାରୀ ଗାଡ଼ି ଭିନ୍ନ ସେ ଅନ୍ୟ କେଉଁ ଗାଡ଼ି ବ୍ୟବହାର କରନ୍ତି ଆଦି ସିବିଆଇ ପଚାରିଥିବା ଜଣାପଡ଼ିଛି।

ସିବିଆଇ କାର୍ଯ୍ୟାଳୟରୁ ବାହାରିବା ପରେ ଡ୍ରାଇଭର ତୁଷାର କହିଛନ୍ତି ଯେ ତାଙ୍କ ସହ ସିବିଆଇ ଅନ୍ୟ ଦୁଇ ଡ୍ରାଇଭରଙ୍କୁ ଜେରା କରିଛି। ସିବିଆଇ ଯାହା ପଚାରିଥିଲା, ସେ ସବୁ କଥା କହିଛନ୍ତି । ଏହାସହ ବାବୁ (ବିଷ୍ଣୁପଦ) ଅନ୍ୟ ମାନଙ୍କ ଗାଡ଼ିରେ ବି ଯିବା ଆସିବା କରନ୍ତି। ବିଷ୍ଣୁପଦଙ୍କ ଅନ୍ୟଜଣେ ଡ୍ରାଇଭର ନୃସିଂହ କହିଛନ୍ତି ଯେ, ସେ ଏସସି ଏସଟି ବିଭାଗରେ କାମ କରନ୍ତି। ସିବିଆଇ ଯାହା ପଚାରିଲେ ତାହାର ଉତ୍ତର ଦେଇଛି। ବିଷ୍ଣୁପଦ ଘରୁ ବାହାରି କୁଆଡେ କୁଆଡେ ଯାଉଥିଲେ ତାହା ସିବିଆଇ ପଚାରିଥିଲା। ୭ ତାରିଖ ସନ୍ଧ୍ୟା ସମୟରେ ବିଷ୍ଣୁପଦ କେଉଁଠି ଥିଲେ ସେ ନେଇ ଜାଣିବାକୁ ଚାହିଁଥିଲା । ସେଦିନ ସନ୍ଧ୍ୟା ୭ ଟାରେ ବିଷ୍ଣୁପଦଙ୍କୁ ଘରେ ସେ ଘରେ ଛାଡ଼ିଥିଲେ ଓ ଏହାପରେ ସେ କୁଆଡେ ଯାଇଥିବେ ମୁଁ ଜାଣିନି ବୋଲି ସିବିଆଇକୁ କହିଥିବା ନୃସିଂହ ସୂଚନା ଦେଇଛନ୍ତି । ବିଷ୍ଣୁପଦ ସାରଙ୍କର ତିନି ଜଣ ଡ୍ରାଇଭର ଅଛନ୍ତି। ମୁଁ ଦିନ ଦୁଇଟା ପର୍ଯ୍ୟନ୍ତ ସାରଙ୍କୁ ନେବା ଆଣିବା କରେ। ପରେ ଡ୍ରାଇଭର ତୁଷାର ନେବା ଆଣିବା କରେ। ଆଉ ଜଣେ ଡ୍ରାଇଭର ରାମ ମଧ୍ୟ ଅଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ସିବିଆଇର ସମନ ନେଇ ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀ ମୁହଁ ଖୋଲି ନାହାନ୍ତି। ଅନ୍ୟପକ୍ଷରେ ସିବିଆଇ ଆଜି ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀର ସମସ୍ତ ଦସ୍ତାବିଜ ଜବତ କରିଛି। ଗୋଟିଏ ବ୍ୟାଗ ଭର୍ତ୍ତି ଦସ୍ତାବିଜ ଅଧିକାରୀମାନେ ସିବିଆଇ ଅଫିସକୁ ଆଣିଛନ୍ତି।






## ଅସୁରକ୍ଷିତ ହୋଇପଡ଼ିଛି କୀର୍ତ୍ତିରାଜି

# ଯାତ୍ରୀ ଧର୍ମଶାଳାର ପୁନରୁଦ୍ଧାର ଦାବି

**ସୋନପୁର, ୧୪।୧୨(ସମିସ):**



ପୁରାତନ ମନ୍ଦିର ତଥା କୀର୍ତ୍ତିରାଜିର ସହର ହେଉଛି ସୁବର୍ଣ୍ଣପୁର। ରକ୍ଷଣାବେକ୍ଷଣର ଅଭାବରୁ ବିଭିନ୍ନ କୀର୍ତ୍ତିରାଜି ଏବେ ଧ୍ୱଂସାଭିମୁଖୀ। ଯାହା କିଛି ଏବେ ବଞ୍ଚି ରହିଛି ସେଗୁଡ଼ିକର ପୁନୋରୁଦ୍ଧାର ନହେଲେ ତାହା ମଧ୍ୟ ମାଟିରେ ମିଶିଯିବ। ସେହିଭଳି ତେନ୍ତୁଳିଘାଟରେ ଥିବା ଯାତ୍ରୀ ଧର୍ମଶାଳାର ପୁନୋରୁଦ୍ଧାର ତଥା ରକ୍ଷାଣାବେକ୍ଷଣ ପାଇଁ ଲୋକେ ଦାବି କରିଛନ୍ତି। ରାଜାରାଜୁଡ଼ା ସମୟରୁ ସୋନପୁରରୁ ସମ୍ବଲପୁର କିମ୍ବା ବୀରମହାରାଜପୁର ଯିବାକୁ ହେଲେ ମହାନଦୀ ପାରି ହୋଇଯିବାକୁ ପଡୁଥିଲା। ନଦୀ ପାରି ହେବାକୁ ସେତେବେଳେ ଦେଶୀ ଡଙ୍ଗା ହିଁ ଏକମାତ୍ର ମାଧ୍ୟମ ଥିଲା। ଲୋକେ ଶହଶହ କିଲୋମିଟର ଦୂରରୁ ଆସି ତେନ୍ତୁଳିଘାଟଠାରେ ଡଙ୍ଗା ବସି ନଦୀ ପାରି ହେଉଥିଲେ। ସନ୍ଧ୍ୟା ନଇଁଲେ ଆଉ ଡଙ୍ଗା ମିଳୁନଥିଲା। ତେଣୁ ତେନ୍ତୁଳିଘାଟଠାରେ ଦୂରଦୂରାନ୍ତରୁ ଆସୁଥିବା ପଥିକମାନେ ରାତ୍ରିଯାପନ କରୁଥିଲେ। ସକାଳ ପାଇଲେ ପୁଣି ଡଙ୍ଗା ପାରି ହେଉଥିଲେ। ଯାତ୍ରୀମାନଙ୍କ ସୁବିଧା ଦୃଷ୍ଟିରୁ ତତ୍କାଳୀନ ସୋନପୁର ମହାରାଜା ବୀରମିତ୍ର ସିଂହଦେଓ ଏହି ଘାଟ ନିକଟରେ ନିର୍ମାଣ କଲେ ଏକ ଧର୍ମଶାଳା। ଧର୍ମଶାଳାରେ ବିନାମୂଲ୍ୟରେ ଲୋକେ ରାତ୍ରିଯାପନ କରୁଥିଲେ। ଏଭଳିକି ଯାତ୍ରୀମାନଙ୍କ ଖାଦ୍ୟପେୟର ମଧ୍ୟ ସୁବନ୍ଦୋବସ୍ତ କରାଯାଉଥିଲା। ବିନାମୂଲ୍ୟରେ ଗୋପାଳଜୀ ମଠରେ ଭୋଜନ କରି ଧର୍ମଶାଳାରେ ଯାତ୍ରୀମାନେ ରହୁଥିଲେ। ୧୯୧୫ରେ ଏହି କାରୁକାର୍ଯ୍ୟ ପୂର୍ଣ୍ଣ ଧର୍ମଶାଳା ନିର୍ମାଣ ହୋଇଥିବା ଅନୁମାନ କରାଯାଏ। ୨ମହଲା ବିଶିଷ୍ଟ ଏହି ଧର୍ମଶାଳାରେ ଶତାଧିକ କୋଠରୀ ରହିଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଏହି ଧର୍ମଶାଳା ଧ୍ୱଂସାଭିମୁଖୀ। ଏହି ଧର୍ମଶାଳା ଚାରିପଟେ ଅନାବନା ଗଛ ଉଠି ଏହାର ସୌନ୍ଦର୍ଯ୍ୟତା ହ୍ରାସ ହୋଇଯାଇଛି। ଏହି ଧର୍ମଶାଳା ଏବେ ଭୂତକୋଠୀରେ ପରିଣତ ହୋଇଛି। ସୋନପୁରରେ ପୁରାତନ କିର୍ତ୍ତିରାଜିକୁ ସୁରକ୍ଷିତ ରଖାଯାଉ ନଥିବାରୁ ବୁଦ୍ଧିଜୀବୀମାନେ କ୍ଷୋଭପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ଯେ ସୋନପୁର ତେନ୍ତୁଳିଘାଟରେ ମହାରାଜା ଧର୍ମଶାଳା ନିର୍ମାଣ କରିଥିଲେ ତାହା ନୁହେଁ ନଦୀର ଅପରପାର୍ଶ୍ୱରେ ମଧ୍ୟ ନିର୍ମିତ ହୋଇଥିଲା ଧର୍ମଶାଳା। ମହାରାଜା ବୀରମିତ୍ର ସିଂହଦେଓଙ୍କ ପତ୍ନୀ ମହାରାଣୀ ପାର୍ବତୀ ଦେବୀଙ୍କ ଦ୍ୱାରା ସେଠାରେ ନିର୍ମିତ ହୋଇଥିଲା ଯାତ୍ରୀ ଧର୍ମଶାଳା। ସେହି ଧର୍ମଶାଳାରେ ମଧ୍ୟ ଯାତ୍ରୀମାନେ ବିନା ଦେୟରେ ଆଶ୍ରୟ ନେଉଥିଲେ। କାଳକ୍ରମେ ସେହି ସ୍ଥାନର ନାମ ମଧ୍ୟ ଧର୍ମଶାଳା ନାମରେ ଖ୍ୟାତ ହୋଇଗଲା। ତାହା ଭାଙ୍ଗିରୁଜି ମାଟିରେ ମିଶି ଯାଇଥିବାରୁ ରାଜାରାଣୀଙ୍କ ସ୍ମୃତି ବହନ କରୁଥିବା ତେନ୍ତୁଳିଘାଟ ଧର୍ମଶାଳାକୁ ପୁନରୋଦ୍ଧାର ପାଇଁ ଦାବି ହେଉଛି। ପର୍ଯ୍ୟଟନ ଦୃଷ୍ଟି କୋଣରୁ ମଧ୍ୟ ଏହି ଧର୍ମଶାଳା ହେଉଛି ଗୁରୁତ୍ୱପୂର୍ଣ୍ଣ। ଧର୍ମଶାଳାର ଛାତ ଉପରୁ ମହାନଦୀର ଶୋଭା ଅବର୍ଣ୍ଣନୀୟ। ଭାଙ୍ଗିରୁଜି ଯାଇଥିବା ସ୍ଥାନକୁ ମରାମତି କରି ଏହି ଧର୍ମଶାଳାର ପୁନୋରୁଦ୍ଧାର ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବୀରମହାରାଜପୁର, ୧୪।୧୨(ସମିସ):** ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଆଶୁତୋଷ ହୋତାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭାରେ ବୀରମହାରାଜପୁର କଲେଜର ଅବସରପ୍ରାପ୍ତ ଖେଳଶିକ୍ଷକ ନରେନ୍ଦ୍ର ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ଉଦ୍‌ଯାପନୀ ସଭାରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲ୍ଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ାର ମହତ୍ୱ ବିଷୟରେ ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା କମିଟିର ସମ୍ପାଦକ ତଥା ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସନ୍ତୋଷିନୀ ନାୟକ ସଂଯୋଜନା କରିଥିବା ବେଳେ କଲେଜର ଖେଳ ଶିକ୍ଷୟିତ୍ରୀ ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀ କାଜଲ ନାୟକ ୩ଟି ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ଏବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଥିଲେ। ସନ୍ତୋଷ ବେହେରା, ଓମପ୍ରକାଶ ପଣ୍ଡା ସୁମନ୍ତ କଲତା ପିଙ୍କୁ ଗାଇଗାରିଆ ତଥା କଲେଜର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାଘମେଳା ପାଇଁ ପ୍ରସ୍ତୁତି ଓ ଶୁଭସ୍ତମ୍ଭ ସ୍ଥାପନ



**ଲଛିପୁର, ୧୪।୧୨(ସମିସ):** ସନ୍ଥକବି ଭୀମଭୋଇଙ୍କ ସମାଧିପୀଠ ଖଲିଆପାଲିରେ ଆସନ୍ତା ଫେବୃଆରୀ ୯ରୁ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରସିଦ୍ଧ ମାଘମେଳା ପାଇଁ ପ୍ରସ୍ତୁତି ବୈଠକ ପୂର୍ବତନ ସଭାପତି ଅଶୋକ ବଡମାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମେଳା କିଭଳି ଭାବରେ ପରିଚାଳିତ ହେବ ସେ ସମ୍ବନ୍ଧେ ଆଲୋଚନା କରାଯାଇଥିଲା। ଅବସରରେ ଭୀମଭୋଇ ସମାଧି ପୀଠର ମହନ୍ତ ସନ୍ୟାସୀ ଦାସ ବାବାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଯାତ୍ରାକୁ ପରିଚାଳନା କରିବା ପାଇଁ ନୂତନ ପରିଚାଳନା କମିଟି ଗଠନ କରାଯାଇ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ବଗର୍ତ୍ତୀ, ସମ୍ପାଦକ ଭାବରେ ରଞ୍ଜନ କୁମାର ପୂଝାରୀ, ଉପସଭାପତି ଭାବେ ଯୁବରାଜ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀରେ କାର୍ତ୍ତିକ ଭୋଇ, ରୁଷିକେଶ ଭୋଇ, ମହାଦେବ ବଗର୍ତ୍ତୀ, ସୁମନ୍ତ ପୂଟେଲ, ବିଭୂତି ଭୂଷଣ ପ୍ରମୁଖ ରହିଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ




**ବୌଦ୍ଧ, ୧୪।୧୨(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ବୌଦ୍ଧ ଦ୍ୱାରା ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଓ ଦୌରାଜଜ୍ ତଥା ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟ ୫୨୨ଟି ବିଚାରଧୀନ କେଶ୍ ଯଥା ମୋଟର ଦୁର୍ଘଟଣା ଜନିତ ମକଦ୍ଦମା, ପାରିବାରିକ ମାମଲା, ଦେୱାନି ମାମଲା, ଫୌଜଦାରୀ ମାମଲା, ଗ୍ରାହକ ବିବାଦ ଏବଂ ବ୍ୟାଙ୍କ ଟଙ୍କା ଭରଣା ଭଳି ୨୭ ଗୋଟି ପ୍ରାକ ମକଦ୍ଦମା ମାମଲା ଫଇସଲା କରାଯାଇ ମୋଟ ୪୮ ଲକ୍ଷ ୪୮ ହଜାର ୯୪୩ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପରିବାର ଅଦାଲତ ବିଚାରପତି ଅଖିଳ କୁମାର ପଶ୍ଚିମକବାଟ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସରୋଜିନି ପତି, ମୁଖ୍ୟ ଦଣ୍ଡାଧୀଶ ବିଚାରପତି ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ବରିଷ୍ଠ ଦେୱାନୀ ବିଚାରପତି ଶିତିକଣ୍ଠ ପ୍ରଧାନ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ସୁଶ୍ରୀ ସଙ୍ଗୀତା ଦାସ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଦୁର୍ଗା ପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ।

## ବୁଦାମୂଳରୁ ଶିଶୁ କନ୍ୟା ଉଦ୍ଧାର

**ସୋନପୁର/ ବିନିକା ୧୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅଧୀନ ଡୁଲୁଣ୍ଡପାଲି ରାସ୍ତାକଡ଼ରୁ ଏକ ନବଜାତ ଶିଶୁ କନ୍ୟାକୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ରାସ୍ତାକଡ଼ର ବୁଦାମୂଳରେ ଥିବା ଏକ ଖାଲରେ ନବଜାତ ଶିଶୁ କନ୍ୟାଟି କାନ୍ଦୁଥିବାର ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ପ୍ରାତଃ ସମୟରେ କିଛି ଲୋକ ଶୌଚ ହେବା ପାଇଁ ନିକଟସ୍ଥ ଜୋରକୁ ଯାଉଥିବା ବେଳେ ଏହି କ୍ରନ୍ଦନ ସ୍ୱର ଶୁଣିବାକୁ ପାଇଥିଲେ। ଗାଁର ଏକ ନିଃସନ୍ତାନ ଦମ୍ପତି ସନ୍ତୋଷ କୁମାର ନଇ ଏବଂ ମାନସୀ ନଇଙ୍କ ସହ କିଛି ସ୍ଥାନୀୟ ଅଧିବାସୀ ଶିଶୁକୁ ପ୍ରଥମେ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଉଛି। ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଥିବା ବେଳେ ଓଜନ ୨କେଜି ୩୦୦ ଗ୍ରାମ ରହିଛି। ପରେ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ମ୍ୟାନେଜର ସୁମନ୍ତ କୁମାର ଜୟପୁରିଆ, ଶିଶୁ ମଙ୍ଗଳ କମିଟି ସଦସ୍ୟ ହେମନ୍ତ କୁମାର ସା ଏବଂ ଶାନ୍ତନୁ କୁମାର କର୍ଣ୍ଣ ଜିଲ୍ଲା ଡାକ୍ତରଖାନାକୁ ଯାଇ ଶିଶୁର ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ସିଡବ୍ଲୁସିରେ ଶିଶୁକନ୍ୟାକୁ ଉପସ୍ଥାପନ କରିଥିଲେ। ତେବେ ଶିଶୁଟିକୁ କିଏ ଓ କାହିଁକି ଫୋପାଡ଼ିଛି ବର୍ତ୍ତମାନ ପର୍ଯ୍ୟନ୍ତ

## କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ




**ବୌଦ୍ଧ, ୧୪।୧୨(ସମିସ):** ସ୍ଥାନୀୟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ସ୍ଥାପନା ଦିବସ ପାଳିତ ହେଇଯାଇଛି। ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପ୍ରବନ୍ଧନ କମିଟି ସଦସ୍ୟ ମାଧବ କୁମାର ଅଗ୍ରୱାଲା ଏବଂ ସମ୍ମାନିତ ଅତିଥି ରୂପେ ଶ୍ରଦ୍ଧାଞ୍ଜଳି ମେହେର, ବରିଷ୍ଠ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ, ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ଓ ମନୋଜ କୁମାର ପଶାୟତ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସତ୍ୟ ଓ ଧର୍ମ ମାର୍ଗରେ ଚାଲିବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଶ୍ରୁତିବଦ୍ଧ ଶିକ୍ଷା ପ୍ରଣାଳୀ, ଲକ୍ଷ୍ୟ ଓ ଦର୍ଶନ ବିଷୟରେ ଅଧ୍ୟକ୍ଷ ଶ୍ରୀ ମେହେର ଆଲୋକପାତ କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇସିଏଆର କଲିକତାରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ ଭିଓମ୍ ଶୁଭମ୍ ରାଜୁ, କଟକରେ ଡାକ୍ତରୀ ପଢୁଥିବା ଭି କୀର୍ତ୍ତିରାଜ ରାଜୁ, ନାଇଜର ରେ ଗଣିତରେ ସ୍ନାତକୋତ୍ତର ଶିକ୍ଷାରତ ଅଂଶୁମାନ ପଣ୍ଡା ଓ ଆଇଜର ବ୍ରହ୍ମପୁରରେ ଶିକ୍ଷାରତ ଭି ସ୍ମୃତି ରାଜୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ନିଜର ସଫଳତାର ଅନୁଭବ ବାଣ୍ଟିବା ପୂର୍ବକ ଗୌରବ ଅନୁଭବ କରିଥିଲେ। ସୁଦୂର ଆଇଆଇଟି ଗୌହାଟୀରେ ଶିକ୍ଷାରତ ଶ୍ରିମୟ ମହାପାତ୍ର ତାଙ୍କର ଅଭିଜ୍ଞତା ଅଡିଓ ମାଧ୍ୟମରେ ବାଣ୍ଟିଥିଲେ। ବିଭିନ୍ନ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ ପରେ ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଭୁକ୍ତ ବିଜ୍ଞାନ, ଏକ ଭାରତ ଶ୍ରେଷ୍ଠ ଭାରତ, ବ୍ୟାଗ ରହିତ ଦିବସ ଆଦି କାର୍ଯ୍ୟକ୍ରମରେ ପ୍ରସ୍ତୁତ କରିଥିବା ପିଲାମାନଙ୍କର ଅନେକ ପ୍ରକଳ୍ପ ଓ କଳାକୃତି ପ୍ରଦର୍ଶନୀ କରାଯାଇଥିଲା। ସମସ୍ତ ଅତିଥି ପ୍ରଦର୍ଶନୀ ପରିଦର୍ଶନ କରି ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷକ ଧର୍ମେନ୍ଦ୍ର ଗୁରୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୧୭ରୁ ଖୋଲିବ ମଣ୍ଡି

**ଶଗଡ଼ା, ୧୪।୧୨(ସମିସ):** ବହୁ ପ୍ରତୀକ୍ଷାର ଅନ୍ତ ପରେ ଆସନ୍ତା ୧୭ ତାରିଖରେ ମଣ୍ଡି ଖୋଲିବାକୁ ପ୍ରସାଶନ ପକ୍ଷରୁ ନିଷ୍ପତ୍ତି ଗ୍ରହଣକରିଛି। ବୌଦ୍ଧ ଜିଲ୍ଲାର ପ୍ରଥମ ଧାନ ମଣ୍ଡି କଣ୍ଟାମାଳ ବ୍ଲକ ଅନ୍ତର୍ଗତ ମନମୁଣ୍ଡା ମାର୍କେଟ ୟାର୍ଡ଼ ଠାରେ ଧାନ କିଣାର ଶୁଭାରମ୍ଭ କରାଯିବ। ଏହି ଉପଲକ୍ଷେ ଏକ ବୈଠକର ଆୟୋଜନ କରାଯାଇ ଧାନ କିଣାର ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି। ଏ ନେଇ ପ୍ରସାଶନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କିପରି ଚାଷୀ ସୁରୁଖୁରୁରେ ଓ ସଠିକ ସମୟରେ ମଣ୍ଡିକୁ ଯାଇ ନିଜ ଧାନକୁ ବିକ୍ରି କରି ପାରିବେ ପ୍ରସାଶନ ପକ୍ଷରୁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅନ୍ୟପଟେ ଅଧିକାଂଶ ଚାଷୀ ଧାନ ଅମଳ କରି ସାରି ଥିବା ବେଳେ ଅନେକ ଅମଳ କରୁଛନ୍ତି। ହେଲେ କେତେକ ଚାଷୀଙ୍କୁ ଟୋକନ ମିଳି ଥିବା ବେଳେ ଅନେକ ଚାଷୀ ବର୍ତ୍ତମାନ ସୁଦ୍ଧା ଟୋକନ ପାଇ ନାହାନ୍ତି। ଚଳିତ ବର୍ଷ ସରକାର ପରିବର୍ତ୍ତନ ହୋଇଥିବା ବେଳେ ବର୍ଦ୍ଧିତ ବୋନସ ସହ ଚାଷୀ କିଭଳି ଧାନ ବିକ୍ରି କରି ସଠିକ ସମୟରେ ତାଙ୍କ ଟଙ୍କା ପାଇବେ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ଚାଷୀ ମାନେ ଦାବି କରିଛନ୍ତି।

### ● ବୌଦ୍ଧ ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା

## ନାଟକ 'ବଂଶୀ ବିଳାପିଲା ଯମୁନା ତଟେ' ମଞ୍ଚସ୍ଥ

**ବୌଦ୍ଧ, ୧୪।୧୨(ସମିସ):** ସ୍ଥାନୀୟ ଭୈରବୀ ପଡ଼ିଆରେ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀମଦନ ମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟାରେ ନାଟକ ବଂଶୀ ବିଳାପିଲା ଯମୁନା ତଟେ ମଞ୍ଚସ୍ଥ ହୋଇଯାଇଛି। ପ୍ରଥମେ ଭଜନ କାର୍ଯ୍ୟକ୍ରମ ଓ ସ୍ନେହାରାଣୀ ମିଶ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ଏବଂ ନିର୍ବାକ୍ ନୃତ୍ୟ ନାଟିକା ପୁର୍ନମିଳନ ଦର୍ଶକ ମନକୁ ବେଶ୍ ଛୁଇଁଥିଲା। ପରେ ଶ୍ରୀକୃଷ୍ଣ ଲୀଳା ନାଟକ ପରିବେଷିତ ହୋଇଥିଲା। ଧନୁଯାତ୍ରା ପଡ଼ିଆରେ ନିର୍ମିତ ସ୍ୱତନ୍ତ୍ର ଏକ ମଞ୍ଚରେ କୃଷ୍ଣଙ୍କ କାଳୀୟ ଦଳନ ଦୃଶ୍ୟ ସମସ୍ତଙ୍କ ମନକୁ ଆକର୍ଷିତ କରିଥିଲା।ଶ୍ରୀକୃଷ୍ଣ ଯୌବନରେ ପଦାର୍ପଣ, ଗୋପିଙ୍କ ବସ୍ତ୍ରହରଣ, ବ୍ରହ୍ମାଙ୍କ ଠାରୁ ମୋହନ ବଂଶୀ ପ୍ରାପ୍ତି, ଯମୁନା ନଦୀରେ ନାବକେଳି ଇତ୍ୟାଦି ପରିବେଷିତ ହୋଇଥିଲା। ଏହି ଆଧ୍ୟାତ୍ମିକ ନାଟକକୁ ଲୋକ ପ୍ରିୟ ନାଟ୍ୟକାର ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଦେବାଙ୍ଗନ ମେହେର। ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହେଉଥିବା ବେଳେ ଧନୁଯାତ୍ରା ଦେଖିବା ପାଇଁ ପ୍ରତି ସନ୍ଧ୍ୟାରେ ଦର୍ଶକଙ୍କ ଗହଳି ଲାଗିରହୁଛି।



## ଶୀତରେ ଥରୁଛି ବୀରମହାରାଜପୁର

**ସୁବଳୟା, ୧୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡରେ ପାରଦ ତଳମୁହାଁ ହେବା ଯୋଗୁଁ ଘନ କୁହୁଡି ସହ ପ୍ରବଳ ଶୀତ ଅନୁଭୂତି ହେଉଛି। ଦିନର ତାପମାତ୍ରା ୨୫ ଡିଗ୍ରୀ ଏବଂ ମଧ୍ୟରାତ୍ରିରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ୍ ଥିବା ଅନୁମାନ କରାଯାଇଛି। ଭୋର ସମୟରୁ ଦିନ ୧୦ଟା ପର୍ଯ୍ୟନ୍ତ କୁହୁଡ଼ିର ଘନତା ରହୁଛି। ଶୀତର ପ୍ରକୋପ ମଧ୍ୟ ସାଧାରଣ ଜନଜୀବନକୁ ପ୍ରଭାବିତ କରିଛି। ରାତି ୮ଟା ନହେଉଣୁ ବଜାର ଘାଟ ଖାଁ ଖାଁ ଲାଗୁଛି। ମୁଖ୍ୟରାସ୍ତାକଡ଼ରେ ଯାତ୍ରୀମାନେ ଶୀତ ଦାଉରୁ ରକ୍ଷା ପାଇଁ ରାସ୍ତାକଡ଼ରେ କାଠଜାଳି ନିଆଁ ପୁଆଉଁଥିବା ମଧ୍ୟ ଦେଖିବାକୁ ମିଳିଛି। ଗରିବ ଅସହାୟ ଜୀବନ ଦୁର୍ବିସହ ହୋଇପଡ଼ିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଅସହାୟ ଗରିବ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



### ଆଜିଠାରୁ ଗଡ଼ଜାତ ଲୋକ ମହୋତ୍ସବ

# ପଲ୍ଲିଶ୍ରୀ ମେଳା ସହ ୫ ଦିନ ଚାଲିବ କାର୍ଯ୍ୟକ୍ରମ

**ହରଭଙ୍ଗା, ୧୪।୧୨(ସମିସ):**




ବୌଦ୍ଧ ଗଡ଼ଜାତର ରାଜ୍ୟସ୍ତରୀୟ ଅଷ୍ଟମ ଗଡ଼ଜାତ ଲୋକ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ମିନାବଜାର ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିରନରସିଂହ ପୁର ଖେଳ ପଡ଼ିଆ ଠାରେ ଆଜି(ରବିବାର) ଉଦ୍‌ଘାଟିତ ହେବ। ଗଡ଼ଜାତ ସଂସ୍କୃତିକ କଳାପରିଷଦ ଦ୍ୱାରା ଆୟୋଜିତ ମହୋତ୍ସବ ଡିସେମ୍ବର ୧୫ତାରିଖରୁ ୧୯ତାରିଖ ୫ଦିନ ଧରି ଅଞ୍ଚଳର କଳା, ଐତିହ୍ୟ, ସଂସ୍କୃତିକୁ ଉଦ୍ଭାବିତ କରିବା ସହିତ ଭାଇ ଚାରା ସୃଷ୍ଟି କରିବ। ବିରାମଚନ୍ଦ୍ରପୁର ସୁବର୍ଣ୍ଣେଶ୍ୱର ଶୈବପୀଠରୁ ଦିବ୍ୟ ଜ୍ୟୋତି ମସାଲା ଶୋଭାଯାତ୍ରା ଆସି ମହୋତ୍ସବ ମଣ୍ଡପରେ ଅବସ୍ଥାପିତ ପରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବ ଅଷ୍ଟମ ରାଜ୍ୟ ସ୍ତରୀୟ ଗଡ଼ଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ସୁସ୍ୱାଦୁ ଖାଦ୍ୟ, ବାଣିଜ୍ୟ ଓ ପଲ୍ଲିଶ୍ରୀ ମେଳା ପାଇଁ ୫୧ଗୋଟି ଷ୍ଟଲ ନିର୍ମିତ ହୋଇଛି। ସେହିପରି ଘର କରଣା ସାମଗ୍ରୀ, ମିନା ବଜାର, ଖେଳଣା, ଚଟପଟି ଖାଦ୍ୟ ଆଦି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମଜା ନେବେ ଦର୍ଶକ। ଅନ୍ୟ ପଟେ ପାଞ୍ଚଦିନ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟା ରେ ବିଶିଷ୍ଟ କଣ୍ଠ ଶିଳ୍ପୀ, ଯାତ୍ରା ତାରକା, ଆଞ୍ଚଳିକ ପାରମ୍ପରିକ ଲୋକ ବାଦ୍ୟ, ନାଚ, ସ୍କୁଲ କଲେଜର ଲୁକାୟିତ ପ୍ରତିଭା ର ସଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ନେଇ କମିଟିର ସମ୍ପାଦକ ଦେବାଶିଷ ମହାକୁଡ଼ ସୂଚନା ଦେଇଛନ୍ତି। ଅଷ୍ଟମ ରାଜ୍ୟସ୍ତରୀୟ ଲୋକ ମହୋତ୍ସବକୁ ଗଡ଼ଜାତ ସଂସ୍କୃତିକ ମହୋତ୍ସବର ସଭାପତି ବିଶ୍ୱଜିତ ମିଶ୍ରଙ୍କ ସହ, କୋଷାଧକ୍ଷ ପୂର୍ଣଚନ୍ଦ୍ର ଗାଈ ଗୌରିଆ ପ୍ରମୁଖ କମିଟିର ସମସ୍ତ ସଦସ୍ୟ, ପୁଲିସ ପ୍ରଶାସନ, ଡ୍ରାଇଭର ମହାସଂଘ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ ରହିଛି।

## ୧୧୫ଏକର ଗଞ୍ଜେଇ ଚାଷ ନଷ୍ଟ

**ଶଗଡ଼ା, ୧୪।୧୨(ସମିସ):** କନ୍ଧମାଳ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। କନ୍ଧମାଳ ପୋଲିସର ଏକ ଟିମ୍ ଲମ୍ବଶରୀ ପଞ୍ଚାୟତ ଧେଣ୍ଡୋକୁଟି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି। ଜଙ୍ଗଲର ୫୪.୨୫ ଏକର ପରୀମିତ ଜାଗାରେ ବେଆଇନ ଭାବରେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ପୁଲିସ ପହଞ୍ଚି ୫୪ହଜାର ୨୬୦ଟି ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଏ ସଂକ୍ରାନ୍ତରେ କନ୍ଧମାଳ ଥାନାରେ ୨୧୯/୨୪ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ସେହିଭଳି ମନମୁଣ୍ଡା ପୁଲିସ ପକ୍ଷରୁ ବାରକୁଥୁଲି ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ କରି ୬୧.୩୦ ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ୭୩ହଜାର ୨୨୨ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ୩୭୬/୨୪ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍; ଜଣେ ଗିରଫ

**ଧର୍ମଗଡ଼, ୧୪।୧୨(ସମିସ):**



କଳାହାଣ୍ଡି ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳରେ ଦୈନନ୍ଦିନ ବାଇକ୍ ଚୋରି ବଢ଼ି ଚାଲିଛି।ପୁଲିସର ନିଷ୍କ୍ରିୟତା ଯୋଗୁଁ ଚୋର ମାନେ ବିଭିନ୍ନ ସ୍ଥାନରୁ ଚୋରି କରିବା ସାହାସ ଜୁଟାଉଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ବର୍ତ୍ତମାନ ଧର୍ମଗଡ଼ ପୁଲିସ ସକ୍ରିୟ ହୋଇ ଉଠିଛି। ଜଣେ ବାଇକ୍ ଚୋରକୁ ଧରିବାରେ ସକ୍ଷମ ହୋଇଛି।ଏନେଇ ଧର୍ମଗଡ଼ ଥାନା ପରିସରରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମନୋଜ କୁମାର ବେହେରା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗତ ମାସ ୬ ତାରିଖ ଦିନ ଧର୍ମଗଡ଼ ଥାନା ଅଧିନସ୍ଥ ବିରାମାଲ ଗ୍ରାମର ଆଶିଷ କୁମାର ନାଏକଙ୍କ ବାଇକ ଚୋରି ହୋଇଯାଇଥିଲା। ଏନେଇ ୯-୧୧-୨୪ରିଖ ରେ ଧର୍ମଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆଗେଇଥିଲା। ସ୍ୱତନ୍ତ୍ର ଟିମ୍ ପୁଲିସ ଗଠନ କରି ତଦନ୍ତକୁ ତ୍ୱରାନ୍ୱିତ କରିଥିବା ବେଳେ ଶେଷରେ ଚୋରକୁ କାବୁ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ଜଣକ ଜୁନାଗଡ଼ ଥାନା ଅନ୍ତର୍ଗତ ନକଟିଗୁଡା ଗ୍ରାମର ସୁମନ୍ତ ନାଏକ। ପୁଲିସ ଠାରେ ବିଭିନ୍ନ ସ୍ଥାନରୁ ୬ଟି ବାଇକ୍ ଚୋରି କରିଥିବା ଅଭିଯୁକ୍ତ ଜଣକ ସ୍ୱୀକାର କରିଛି। ଅନ୍ୟପଟେ ଧର୍ମଗଡ଼ ଉପଖଣ୍ଡର ବିଭିନ୍ନ ସ୍ଥାନରୁ ମୋଟ ୧୩ଟି ବାଇକ୍ ପୁଲିସ ଜବତ କରିଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଖୋଜୁଥିବା ଏସଡିପିଓ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ତେବେ ଅଭିଯୁକ୍ତ ସୁମନ୍ତ ନାଏକଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ପୁଲିସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି। ସାମ୍ବାଦିକ ସମ୍ମିଳନୀରେ ଧର୍ମଗଡ଼ ଥାନା ଅଧିକାରୀ ଦାମୋଦର ବିହାରୀଙ୍କ ସମେତ ଥାନାର ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ତୋଳାଳିଙ୍କୁ ତାଲିମ

**ବୌଦ୍ଧ, ୧୪।୧୨(ସମିସ):** ବୌଦ୍ଧ ମାଉସୀ ମା ମନ୍ଦିର ଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ କାନାଡା - ଇଣ୍ଡିଆ ଫରେଷ୍ଟ୍ରି ପ୍ରୋଜେକ୍ଟ ଅନ୍ତର୍ଗତ କେନ୍ଦୁପତ୍ର ତୋଳାଳୀ ଏବଂ ଋତୁକାଳୀନ କର୍ମଚାରୀଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଏନ୍‌ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଶ୍ରମିକ ନେତା ସଞ୍ଜିତ୍ ମହାନ୍ତି, ମିଡିଆ ସେଲ୍‌ଫ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ କେନ୍ଦୁପତ୍ର ତୋଳାଳୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତୋଳାଳୀ ତଥା ଋତୁକାଳୀନ କର୍ମଚାରୀ କିଭଳି ବିଭିନ୍ନ ସରକାରୀ ଯୋଜନାରେ ସହାୟତା ପାଇପାରିବେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କେନ୍ଦୁପତ୍ର ତୋଳାଳୀ ଏବଂ ଋତୁକାଳୀନ କର୍ମଚାରୀ ଉପସ୍ଥିତ ଥିଲେ।

## ବର୍ଷର ଶେଷ ଲୋକ ଅଦାଲତ

**କେସିଙ୍ଗା, ୧୪।୧୨(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ଶନିବାର ଦିନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି।ବିଚାରପତି ଧନଞ୍ଜୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଲୋକଅଦାଲତରେ ୧୯ ଟି ଫାଇନାଲ ରିପୋର୍ଟ କେସ ବିଚାର କରାଯାଇଥିଲା। ଏତଦ ବ୍ୟତୀତ ୨ ଟି ଚେକ୍ ବାଉନ୍ସ ମାମଲା ବିଚାର କରାଯାଇ ୩ ଲକ୍ଷ ୩୫ ହଜାର ଟଙ୍କା ଆଦାୟ କରାଯାଇଥିଲା।ସେହିପରି ୫୬ ଟି ପ୍ରାକ ବ୍ୟାଙ୍କ ଜନିତ ମୋକଦ୍ଦମା ବାବଦକୁ ୧୨ ଲକ୍ଷ ୫୮ ହଜାର ୮୪ ଟଙ୍କା ଋଣ ଖିଲାପୀ ରାଶି ଆଦାୟ କରାଯାଇଥିଲା।ଏବଂ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକ ଅଦାଲତରେ ୫୪ ଟି ରାଜସ୍ୱ ମାମଲା ବାବଦକୁ ୬୮ ହଜାର ୯୭ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା।ଏଥିରେ ସହକାରୀ ସରକାରୀ ଓକିଲ ପ୍ରକାଶ କୁମାର ଦାସ, ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ସନ୍ଦୀପ କୁମାର ବାନାର୍ଜୀ, ଆଇନଜୀବୀ ସୌମ୍ୟ ରଞ୍ଜନ ମିଶ୍ର, ଗୁରୁ ପ୍ରସାଦ ବଗର୍ତ୍ତି, ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶ ଦାତା ଗୋଲକ ବିହାରୀ ପ୍ରଧାନ, ଆଲୋକ ରଞ୍ଜନ ଦାସ, ଦିନେଶ କୁମାର ଭୋଇ, ସୁନ୍ଦର ବାବୁ ପାତ୍ର, ହରିପ୍ରସାଦ ତାଣ୍ଡି ପ୍ରମୁଖଙ୍କ ସମେତ ଅନ୍ୟ ଆଇନଜୀବି ବୃନ୍ଦ ଅଦାଲତର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଲୋକଅଦାଲତ ପରିଚାଳନାରେ ସହାୟତା କରିଥିଲେ।













## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୮୭ • ପାଉଣ୍ଡ ୧୦୭.୨୬
- ୟୁରୋ ୮୯.୦୧ • ୟେନ୍ ୦.୫୫

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୨,୧୩୩.୦୦
- ନିଫ୍ଟି ୨୪,୭୬୮.୦୦



## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୩,୦୧୦ (ଭୁବନେଶ୍ୱର)
- ରୁପା : ୯୧,୭୦୦ (କେଜି)

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ନିଃଶୁଳ୍କ ଆଧାର ଅପ୍‌ଡେଟ୍ ସୀମା ବଢ଼ିଲା

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ନିଃଶୁଳ୍କ ଆଧାର ଅପଡେଟ୍ ସୀମାକୁ କେନ୍ଦ୍ର ସରକାର ବୃଦ୍ଧି କରିଦେଇଛନ୍ତି। ଅନ୍‌ଲାଇନରେ କାଗଜପତ୍ର ଅପଲୋଡ୍ ସୀମାକୁ ଆସନ୍ତା ବର୍ଷ ଜୁନ୍ ୧୪ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହି ମାଗଣା ଅପ୍‌ଡେଟ୍ ସମୟସୀମା ଶନିବାର ଶେଷ ହେଉଥିଲା। ଆଧାର ସୂଚନା ବଦଳାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏବେ ଜୁନ୍ ୧୪ ପର୍ଯ୍ୟନ୍ତ ସମୟ ରହିଛି। ଜନସେବା କେନ୍ଦ୍ର କିମ୍ବା ୟୁଆଇଡିଏଆଇ ୱେବ୍‌ସାଇଟରେ ଲୋକେ ନିଜେ ଆଧାର ଅପ୍‌ଡେଟ୍ କରିପାରିବେ।

## ଜମାଟୋକୁ ୮୦୨ କୋଟିର ଝଟ୍‌କା

ମୁମ୍ବାଇ, ୧୪।୧୨ (ଏଜେନ୍ସି): ଜୋମାଟୋକୁ ବଡ଼ ଝଟ୍‌କା ଲାଗିଛି। ମହାରାଷ୍ଟ୍ର ଟ୍ୟାକ୍ସ ଅଥରିଟି ଏହି କମ୍ପାନୀକୁ ଜିଏସ୍‌ଟେ ବକେୟା ବାବଦକୁ ୪୦୧ କୋଟି ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ୪୦୧ କୋଟି ଟଙ୍କା ଜୋରିମାନା ମଧ୍ୟ ଲଗାଇଛନ୍ତି। ଏକ୍ସଚେଞ୍ଜ ଫାଇଲିଂରେ କମ୍ପାନୀ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମହାରାଷ୍ଟ୍ର ଥାନେ କମିଶନରେଟର ଯୁଗ୍ମ କମିଶନର (ସିଜିଏସଟି) ଏବଂ ସେଣ୍ଟ୍ରାଲ ଏକ୍ସାଇଜ ପକ୍ଷରୁ ଏହି ନିର୍ଦ୍ଦେଶ ପାରିତ କରାଯାଇଛି। ଜମାଟୋକୁ ମୋଟ ୮୦୨ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଛି। ରେଗୁଲେଟରି ଫାଇଲିଂ ସମୟରେ ଜମାଟୋ ପକ୍ଷରୁ କୁହାଯାଇଛି ଯେ ଏହି ଜିଏସ୍‌ଟି ଦାବି ୨୦୧୯ ଅକ୍ଟୋବର ୨୯ରୁ ୨୦୨୨ ମାର୍ଚ୍ଚ ୩୧ ଅବଧିର। ସୁଧ ଏବଂ ଜୋରିମାନା ସହିତ ଡେଲିଭରି ଶୁଳ୍କ ଉପରେ ଜିଏସ୍‌ଟି ପୈଠ ନ କରିବାରୁ ଏହି ଆଦେଶ ଜାରି କରାଯାଇଛି। ଏହି ନିର୍ଦ୍ଦେଶକୁ ବିରୋଧ କରି ଆବେଦନ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଇରା ବିନ୍ଦ୍ରା ରିଲାଏନ୍ସର ଏଚ୍‌ଆର୍ ମୁଖ୍ୟ

ମୁମ୍ବାଇ, ୧୪।୧୨ (ଏଜେନ୍ସି): ଏସିଆର ସବୁଠୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ଆରଆଇଏଲ)ର 'ଜନତା, ନେତୃତ୍ୱ ଏବଂ ପ୍ରତିଭା'ର ନୂଆ ଗ୍ରୁପ୍ ପ୍ରେସିଡେଣ୍ଟ ଭାବେ ଇରା ବିନ୍ଦ୍ରାଙ୍କୁ ନିଯୁକ୍ତ କରିଛନ୍ତି। ତୈଳଠାରୁ ନେଇ ଦୂରସଞ୍ଚାର କ୍ଷେତ୍ରରେ କାମ କରୁଥିବା ଏହି କମ୍ପାନୀ ନିଜର ମାନବ ସମ୍ବଳ (ଏଚଆର) ନୀତିକୁ ବଦଳାଇବାକୁ ଚାହୁଁଛି। ସମ୍ପୂର୍ଣ୍ଣ ରିଲାଏନ୍ସ ଗ୍ରୁପ୍‌ରେ ପରିବର୍ତ୍ତନ ଆଣିବା ପାଇଁ ଇରାଙ୍କୁ ନିଯୁକ୍ତ କରାଯାଇଛି। ତାଙ୍କ ନେତୃତ୍ୱରେ ମାନବ ସମ୍ବଳ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ପ୍ରଥମ ଥର ପାଇଁ ଏହି ଗ୍ରୁପ୍‌ରେ ପରିବାର ବାହାରୁ ଏବଂ କମ୍ ବୟସର (୪୭) ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ଅମ୍ବାନୀଙ୍କ ପକ୍ଷରୁ କୁହାଯାଇଛି ଯେ ଆମେରିକାର ମେଡଟ୍ରନିକରୁ ବିନ୍ଦ୍ରା ରିଲାଏନ୍ସ ସହ ଜଡ଼ିତ ଅଛନ୍ତି। ସେ ମାନବ ସମ୍ବଳର ମୁଖ୍ୟ ଏବଂ ବୈଶ୍ୱିକ କ୍ଷେତ୍ରର ଉପାଧ୍ୟକ୍ଷ ଥିଲେ।



# ଋଣଭାରରେ ବୁଡୁଛି ଆମେରିକା

### ମାସିକ ବ୍ୟୟ ଭାରତର ମୁଦ୍ରାଭଣ୍ଡାରଠୁ ଅଧିକ

### ସରକାରଙ୍କ ବ୍ୟୟ ବଢ଼ୁଛି; ଆୟ କମୁଛି

ୱାଶିଂଟନ, ୧୪।୧୨ (ଏଜେନ୍ସି)

ଋଣଭାରରେ ବୁଡିଥିବା ଆମେରିକା ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଆୟ ତୁଳନାରେ ବ୍ୟୟ ଭାର କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ସରକାର ଖର୍ଚ୍ଚ ଉପରେ ଲଗାମ ଲଗାଇ ପାରୁନାହାନ୍ତି। ରାଷ୍ଟ୍ରପତି ଜୋ ବାଇଡେନଙ୍କ ସରକାର ଗତ ନଭେମ୍ବରରେ ମୋଟ ୬୬୯ ବିଲିୟନ ଡଲାର ଖର୍ଚ୍ଚ କରିଛନ୍ତି। ଏହି ଅର୍ଥ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରଠାରୁ ମଧ୍ୟ ଅଧିକ। ଆରବିଆଇର ନୂଆ ତଥ୍ୟ ଅନୁଯାୟୀ ଭାରତର ମୁଦ୍ରା ଭଣ୍ଡାର ପ୍ରାୟ ୬୫୫ ବିଲିୟନ ଡଲାର ରହିଛି। ଏହି ଖର୍ଚ୍ଚ ବ୍ୟତୀତ ଆମେରିକାର ସରକାରଙ୍କ ଗତ ୬ ମାସର ହାରାହାରି ମାସିକିଆ ବ୍ୟୟ ୬୦୦ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହା ୨୦୨୦-୨୧ର ସର୍ବୋଚ୍ଚସ୍ତରର ନିକଟତର ହୋଇଛି। ସେତେବେଳେ କରୋନା ଯୋଗୁଁ ସରକାରଙ୍କ ବ୍ୟୟଭାର ବଢ଼ି ଚାଲିଥିଲା। ମାତ୍ର ଆୟ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଥିଲା। ଏବେ ବି ପୂର୍ବଭଳି ସ୍ଥିତି ସୃଷ୍ଟି ହୋଇଛି। ଗତ ନଭେମ୍ବରରେ ଏହା ୩୮୦ ବିଲିୟନ ଡଲାର ରହିଥିଲା। କ୍ରମାଗତ ୧୭ ମାସରେ ସରକାରଙ୍କ ବ୍ୟୟ ଆୟଠାରୁ ଅଧିକ ରହିଛି। ଏହି ସମୟ ମଧ୍ୟରେ ଆମେରିକାର ଋଣ ଭାର ୨୭ ଟ୍ରିଲିୟନ ଡଲାରରୁ ବଢ଼ି ୩୬.୨ ଟ୍ରିଲିୟନ ଡଲାରରେ ପହଞ୍ଚି ଯାଇଛି। ଆଗକୁ ସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ରହିଛି। ଆଗାମୀ ଦଶନ୍ଧିରୁ ସରକାରଙ୍କ ମୋଟ ରାଜସ୍ୱର ପ୍ରାୟ ୨୫ ପ୍ରତିଶତ ଋଣ ପରିଶୋଧରେ ଯିବ ବୋଲି କୁହାଯାଉଛି। ଯଦି ମାନ୍ଦାବସ୍ଥା ସୃଷ୍ଟି ନ ହୁଏ ଏବଂ ସୁଧ ହାର ନ ବଢ଼େ ତେବେ ଏଭଳି ସ୍ଥିତି ରହିବ। କିନ୍ତୁ ମାନ୍ଦାବସ୍ଥା ଦେଖାଦେଲା ସ୍ଥିତି ଅଧିକରୁ ଅଧିକ ଖରାପ ହୋଇଯିବ।

**କ୍ରମାଗତ ୧୭ ମାସ ହେଲା ଆୟ କମ୍**

**୩୬.୨ ଟ୍ରିଲିୟନ ଡଲାରରେ ପହଞ୍ଚିଲା ଋଣଭାର**





### ଚାଷୀଙ୍କୁ ଆଶ୍ୱସ୍ତି ଦେଲା ଆର୍‌ବିଆଇ

## ବିନା କାଗଜପତ୍ରରେ ଋଣସୀମା ୨ ଲକ୍ଷକୁ ବୃଦ୍ଧି

ମୁମ୍ବାଇ, ୧୪।୧୨ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି। ବିନା କାଗଜପତ୍ରରେ ଚାଷୀଙ୍କୁ ଦିଆଯାଉଥିବା ଋଣ ସୀମାକୁ ଆର୍‌ବିଆଇ ୧.୬ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଦେଇଛି। ତେବେ ଏହି ନିଷ୍ପତ୍ତି ଜାନୁଆରୀ ୧ରୁ କାର୍ଯ୍ୟକାରୀ ହେବ। ବ୍ୟୟଭାର ବୃଦ୍ଧି ମଧ୍ୟରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତରେ ସବୁ ବ୍ୟାଙ୍କକୁ ନିର୍ଦ୍ଦେଶ ଜାରି କରାଯାଇଛି। କୃଷି ଏବଂ ଏ ସମ୍ବନ୍ଧିତ କାର୍ଯ୍ୟକଳାପ ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାକୁ କୁହାଯାଇଛି। କୃଷି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ବ୍ୟୟ ଭାର ବୃଦ୍ଧି ଏବଂ କୃଷକଙ୍କ ପାଇଁ ଋଣ ପ୍ରଦାନକୁ ସହଜ କରିବାର ଆବଶ୍ୟକତାକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ୮୬ ପ୍ରତିଶତରୁ ଅଧିକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଲାଭାନ୍ୱିତ ହେବେ। ଏ ସମ୍ବନ୍ଧିତ ମାର୍ଗଦର୍ଶିକାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରି ଋଣ ନିୟମ ବିଷୟରେ ସଚେତନତା ସୃଷ୍ଟି କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ମାଲାବାର୍‌ର 'ମାଇନ ଡାଏମଣ୍ଡ ଫେଷ୍ଟିଭାଲ' ଆରମ୍ଭ




ଭୁବନେଶ୍ୱର, ୧୪।୧୨ (ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ଚନ୍ଦ୍ରଶେଖରପୁର ସ୍ଥିତ ଶୋ'ରୁମ୍‌ରେ ଶନିବାରଠାରୁ 'ମାଇନ ଡାଏମଣ୍ଡ ଫେଷ୍ଟିଭାଲ' ଆରମ୍ଭ ହୋଇଛି। ଓଲିଉଡ୍ ଅଭିନେତ୍ରୀ ଅଙ୍କିତା ମହାନ୍ତି ହୀରା ଅଳଙ୍କାରର ଏହି ଆକର୍ଷଣୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଠାରେ ମାଇନ୍ ଡାଏମଣ୍ଡ ପକ୍ଷରୁ ହୀରା ଅଳଙ୍କାରର ସମ୍ଭାରକୁ ପ୍ରଦର୍ଶନୀ କରାଯାଇଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ମଧ୍ୟ ରହିଛି। ଗ୍ରାହକଙ୍କୁ ହୀରା ମୂଲ୍ୟ ଉପରେ ୨୫ ପ୍ରତିଶତ ରିଆତି ଦିଆଯାଉଛି। ଏହା ସହିତ ପୁରୁଣା 'ମାଇନ୍ ଡାଏମଣ୍ଡ ଜୁଏଲାରୀ' ବଦଳିରେ ଶତ ପ୍ରତିଶତ ମୂଲ୍ୟ ପ୍ରଦାନ କରାଯାଉଛି। ହୀରାର ସୌନ୍ଦର୍ଯ୍ୟ ଏବଂ ଚମକକୁ ପାଳନ କରିବା ସହିତ ଗ୍ରାହକଙ୍କୁ ଉଚିତ୍ ମୂଲ୍ୟରେ ହୀରା ପ୍ରଦାନ କରିବା ଲାଗି ଏହି ପର୍ବ ପାଳନ କରାଯାଉଛି। ଏଠାରେ ବିଭିନ୍ନ ଅବସରରେ ପିନ୍ଧିବା ଲାଗି ଭିନ୍ନ ଭିନ୍ନ ଡିଜାଇନର ହୀରା ଅଳଙ୍କାର ଉପଲବ୍ଧ। ଏଗୁଡିକ ମଧ୍ୟରେ ହୀରା ନେକ୍‌ଲେସ, ଇୟରରିଙ୍ଗ, ବିଭିନ୍ନ ଡିଜାଇନର ଷ୍ଟଡ୍ ସହିତ ଅନେକ ଅଳଙ୍କାର ରହିଛି। ଏଠାରେ ସବୁ ବର୍ଗର ଗ୍ରାହକଙ୍କ ଲାଗି ପସନ୍ଦଯୋଗ୍ୟ, ଉନ୍ନତମାନର ଏବଂ ନାମୀଦାମୀ ବ୍ରାଣ୍ଡର ଅଳଙ୍କାର ଉପଲବ୍ଧ ମଧ୍ୟ। ଏହି ଅବସରରେ ଗ୍ରାହକଙ୍କୁ ଉନ୍ନତମାନର, ଭରସାଯୋଗ୍ୟ ଏବଂ ନୂତନ ଅଳଙ୍କାର ଦେବା ପାଇଁ ମାଲାବାର ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଗ୍ରୁପ୍‌ର ଅଧ୍ୟକ୍ଷ ଏମ.ପି ଅହମ୍ମଦ କହିଛନ୍ତି। ଏହି ଶୋ' ଗୁଣବତ୍ତା ଏବଂ ଶୁଦ୍ଧତା ପ୍ରତି ମାଲାବାରର ସମର୍ପଣର ପ୍ରମାଣ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଗିଫ୍ଟ ପ୍ରଫେସର ପୁରସ୍କୃତ

ଗଙ୍ଗପଡ଼ା, ୧୪।୧୨ (ସମିସ): ଗିଫ୍ଟ ସ୍ୱୟଂଶାସିତ କଲେଜର ଏଗ୍ରିକଲ୍‌ଚର ଇଂଜିନିୟରିଂ ବିଭାଗର ପ୍ରଫେସର ସତ୍ୟାନନ୍ଦ ସ୍ୱାଇଁଙ୍କୁ ବୈଷୟିକ କୃଷି କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ "ଇଣ୍ଡିଆନ ସୋସାଇଟି ଅଫ୍ ଏଗ୍ରିକଲ୍‌ଚରାଲ ଇଂଜିନିୟରସ୍"ର ୫୮ତମ ବାର୍ଷିକ ସମ୍ମିଳନୀରେ ତାଙ୍କୁ 'ଆଇଏସ୍‌ଏଇ ଗୋଲ୍ଡ ମେଡ଼ାଲ-୨୦୨୪' ପ୍ରଦାନ କରାଯାଇଛି। ଏହି ଅବସରରେ ଗିଫ୍ଟର ଡାଇରେକ୍ଟର ଡଃ.ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡଃ. ତ୍ରିଲୋଚନ ସାହୁ, ଡିନ୍ ଏକାଡ଼େମିକ ଡଃ. ଆର୍.ଏନ୍. ପଣ୍ଡା, ଡିନ୍ ଆଡ଼୍‌ମିନ୍ କର୍ଣ୍ଣେଲ୍ ଏମ୍.କେ. ରାଉତ, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଓଏସ୍‌ଡ଼ି ଇଂ. ସୀମର ରଞ୍ଜନ ପଣ୍ଡା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଡଃ. ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



### ନୂଆ ଅଧ୍ୟୟନରେ ଦାବି

# ପାରାସିଟାମଲ୍ ଯୋଗୁଁ ହୋଇପାରେ ହୃତ୍‌ପିଣ୍ଡ, କିଡ୍‌ନୀ ରୋଗ

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି)

ସାଧାରଣ ଥଣ୍ଡା ଜ୍ୱର ଟିକେ ହୋଇଗଲେ ଲୋକେ ଆଶ୍ୱସ୍ତି ପାଇଁ ପାରାସିଟାମଲ୍ ଟାବ୍‌ଲେଟ ଖାଇ ଦେଇଥାନ୍ତି। ଅଷ୍ଟିଓଆର୍ଥ୍ରାଇଟ୍ସର ଚିକିତ୍ସାରେ ମଧ୍ୟ ଏହି ଟାବ୍‌ଲେଟ ଦିଆଯାଇଥାଏ। ମାତ୍ର ଏହି ଔଷଧ ବିପଦ ଆଣି ଦେଉଛି। ରୋଗ ଭଲ କରିବା ପରିବର୍ତ୍ତେ ମାରାତ୍ମକ ରୋଗ ସୃଷ୍ଟିର କାରଣ ପାଲଟି ଯାଉଛି। ଏକ ନୂଆ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଏଥିରେ ପାରାସିଟାମଲକୁ ନେଇ ବିଚଳିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ଦୀର୍ଘ ଦିନ ପର୍ଯ୍ୟନ୍ତ ଏହାକୁ ବ୍ୟବହାର କଲେ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ୍, ହୃତ୍‌ପିଣ୍ଡ, ଉଚ୍ଚ ରକ୍ତଚାପ, ପେପ୍‌ଟିକ୍ ଅଲ୍‌ସର ଏବଂ କିଡ୍‌ନୀ ସମ୍ବନ୍ଧିତ ବହୁ ଜଟିଳ ରୋଗ ହୋଇପାରେ। ବ୍ରିଟେନର ନଟିଂହାମ୍ ୟୁନିଭର୍ସିଟିର ଗବେଷକମାନେ କରିଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି।

ଏହି ଗବେଷଣାର ନେତୃତ୍ୱ ନେଇଥିବା ଏନ୍‌ଆଇଏଚ୍‌ଆର ବାୟୋମେଡିକାଲ ରିସର୍ଚ୍ଚ ସେଣ୍ଟରର ପ୍ରଫେସର ୱି ଝାଙ୍ଗ କହିଛନ୍ତି ଯେ ସାଧାରଣତଃ ଦୀର୍ଘ ଦିନର ଆଣ୍ଠୁଗଣ୍ଠି ବାତର ଚିକିତ୍ସାରେ ପାରାସିଟାମଲ ଦିଆଯାଇଥାଏ। ବିଶେଷ କରି ବୟସ୍କଙ୍କ ପାଇଁ ଏହାକୁ ଭଲ ବୋଲି ଧରା ଯାଉଥିଲା। ମାତ୍ର ଦୀର୍ଘ ଦିନ ପର୍ଯ୍ୟନ୍ତ ଏହାକୁ ଖାଇଲେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ପୂର୍ବରୁ ମଧ୍ୟ ଅନେକ ଅଧ୍ୟୟନରେ ପାରାସିଟାମଲ୍‌କୁ ବିପଜ୍ଜନକ କୁହାଯାଇଥିଲା। ଏହାର ପ୍ରୟୋଗ ଦ୍ୱାରା ଅଲ୍‌ସର, ରକ୍ତସ୍ରାବ ଜନିତ ସମସ୍ୟା ହୋଇପାରେ ବୋଲି କୁହାଯାଇଥିଲା। ନୂଆ ଅଧ୍ୟୟନ ରିପୋର୍ଟରେ କୁହାଯାଇଛି ପାରାସିଟାମଲ୍ ଦ୍ୱାରା ପେପ୍‌ଟିକ୍ ଅଲ୍‌ସର ରକ୍ତସ୍ରାବ ଏବଂ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ ରକ୍ତସ୍ରାବ ଜନିତ ବିପଦ ୨୪ରୁ ୩୬ ପ୍ରତିଶତକୁ ବୃଦ୍ଧି ପାଇଥାଏ। ସେହିପରି କ୍ରୋନିକ କିଡ୍‌ନୀ ରୋଗର ବିପଦ ୧୯ ପ୍ରତିଶତ, ହୃତ୍‌ପିଣ୍ଡ ଫେଲ୍‌ହେବାର ୯ ପ୍ରତିଶତ ଏବଂ ଉଚ୍ଚ ରକ୍ତଚାପ ୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। 'ଆର୍ଥରାଇଟ୍ସ କେୟାର ଆଣ୍ଡ ରିସର୍ଚ୍ଚ ଜର୍ଣ୍ଣାଲ'ରେ ପ୍ରକାଶିତ ଅଧ୍ୟୟନରେ ଗବେଷକମାନେ କହିଛନ୍ତି ଯେ ଏହା ବୟସ୍କଙ୍କ କିଡ୍‌ନୀ, ହୃତ୍‌ପିଣ୍ଡ ଏବଂ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଦର୍ଶାଉଛି।



ଗବେଷକମାନେ ୧, ୮୦, ୪୮୩ ଲୋକଙ୍କ ଉପରେ ଏହି ଗବେଷଣା କରିଥିଲେ। ସମସ୍ତଙ୍କୁ ଛଅ ମାସ ଭିତରେ ଦୁଇ ଥରରୁ ଅଧିକ ପାରାସିଟାମଲ ଦିଆଯାଇଥିଲା। କେବେ ବି ପାରାସିଟାମଲ ନେଇ ନ ଥିବା କମ୍ ବୟସର ୪, ୦୨, ୪୭୮ ଲୋକଙ୍କ ସହ ଏମାନଙ୍କ ତୁଳନା କରାଯାଇଥିଲା। ଅଧ୍ୟୟନ ପାଇଁ କ୍ଲିନିକାଲ ପ୍ରାକ୍ଟିସ୍ ରିସର୍ଚ୍ଚ ଡାଟାଲିଙ୍କ-ଗୋଲ୍ଡର ଡାଟା ବିଶ୍ଳେଷଣ କରାଯାଇଥିଲା। ଗବେଷକମାନେ ପାରାସିଟାମଲ୍‌ର ବହୁତ କମ୍ ବ୍ୟବହାର କରିବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି। ଦୀର୍ଘ ଦିନ ପର୍ଯ୍ୟନ୍ତ ଔଷଧ ନ ଲେଖିବାକୁ କହିଛନ୍ତି। ପୂର୍ବରୁ ହୃତ୍‌ପିଣ୍ଡ କିମ୍ବା କିଡ୍‌ନୀ ରୋଗ ଥିଲେ ପାରାସିଟାମଲ୍ ନ ଖାଇବାକୁ କୁହାଯାଇଛି। ସେହିପରି ଜ୍ୱର ଏବଂ ଦରଜ ଚିକିତ୍ସା ପାଇଁ ଅନ୍ୟ ବିକଳ୍ପ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଜୀବନଶୈଳୀରେ ପରିବର୍ତ୍ତନ ଏବଂ ପ୍ରାକୃତିକ ଚିକିତ୍ସା ସହିତ ବ୍ୟାୟାମ ଏବଂ ସନ୍ତୁଳିତ ଆହାରକୁ ପ୍ରାଥମିକତା ଦେବା ମନ୍ଦ ଭଲ।

### ଆସନ୍ତା ବର୍ଷରୁ ନୂଆ ସୁବିଧା ଦେଇପାରେ ଇପିଏଫ୍‌ଓ

## ଏଟିଏମ୍‌ରୁ କାଢ଼ିପାରିବେ ପିଏଫ୍‌ର ୫୦% ଅର୍ଥ




ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି)

ଗ୍ରାହକଙ୍କୁ ବ୍ୟାଙ୍କିଂ ଭଳି ସୁବିଧା ଦେବା ଲାଗି କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫ୍‌ଓ) କାମ କରୁଛି। ଆସନ୍ତା ବର୍ଷରୁ ଇପିଏଫଓ ଗ୍ରାହକଙ୍କୁ ନୂଆ ସୁବିଧା ପ୍ରଦାନ କରିପାରେ। ଡେବିଟ୍ କାର୍ଡ ଭଳି ଇଫିଏଫଓ କାର୍ଡ ପ୍ରଦାନ କରାଯିବ। ଏହାକୁ ୱିଥ୍‌ଡ୍ରାଲ କାର୍ଡ କୁହାଯିବ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି କାର୍ଡ ମାଧ୍ୟମରେ କର୍ମଚାରୀ ଭବିଷ୍ୟ ନିଧିର ମୋଟ ଜମା ରାଶିରୁ ୫୦ ପ୍ରତିଶତ ଅର୍ଥ ବାହାର କରିପାରିବେ। ଆସନ୍ତା ବର୍ଷରୁ ଏହି ସେବା ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର ଶ୍ରମ ସଚିବ ସୁମିତା ଡାୱରା କହିଛନ୍ତି। ଏହି ନୂଆ ବ୍ୟବସ୍ଥାରେ ପ୍ରାଣ ହରାଇଥିବା କର୍ମଚାରୀଙ୍କ ସନ୍ତାନ ମଧ୍ୟ ଏଟିଏମ୍‌ରୁ ଟଙ୍କା ଉଠାଇ ପାରିବେ। ତେବେ ଦାବି ସମାଧାନ ପରେ ଏପରି ସୁବିଧା ମିଳିବ।

ଇପିଏଫ୍‌ଓ ୩.୦ ଅଧିନରେ ଏହି ସବୁ ସେବା ପ୍ରଦାନ କରାଯିବ। ଏହା ଦ୍ୱାରା ତୁରନ୍ତ ଟଙ୍କା ଉଠାଣ ଏବଂ ଅବସର ପରେ ସୁରକ୍ଷିତ ଟଙ୍କା ପାଇବା ମଧ୍ୟରେ ସନ୍ତୁଳନ ରକ୍ଷା କରିହେବ। ଟଙ୍କା ଉଠାଣ ନିୟମ ଅନୁଯାୟୀ ଯଦି କୌଣସି ସଦସ୍ୟଙ୍କ ଚାକିରି ଚାଲିଯାଏ ତେବେ ଏହାର ମାସେ ପରେ ସେ ପିଏଫ୍ ଆକାଉଣ୍ଟରୁ ୭୫ ପ୍ରତିଶତ ଅର୍ଥ ଉଠାଇ ପାରିବେ। ଏହା ମାଧ୍ୟମରେ ସେ ବେକାରୀ ସମୟରେ ନିଜର ଆବଶ୍ୟକତା ପୂରଣ କରିପାରିବେ। ଆଉ ବାକି ଅର୍ଥ ଚାକିରି ହରାଇବାର ୨ ମାସ ପରେ ଉଠାଇ ପାରିବେ।

- ଜରୁରୀ ସମୟରେ ଶୀଘ୍ର ମିଳିବ ଟଙ୍କା
- ମୃତ୍ୟୁ ପରେ ବି ଟଙ୍କା ଉଠାଇ ପାରିବେ ସନ୍ତାନ

### କେନ୍ଦ୍ରମନ୍ତ୍ରୀ ସିନ୍ଧିଆଙ୍କ ବଡ଼ ସୂଚନା

## ନିଲାମ ହେବନି ଉପଗ୍ରହ ସ୍ପେକ୍‌ଟ୍ରମ୍

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି)



ଉପଗ୍ରହ ମାଧ୍ୟମରେ ଦୂରସଞ୍ଚାର ସେବା (ସାଟେଲାଇଟ ସ୍ପେକ୍‌ଟ୍ରମ୍) କୁ ନେଇ କେନ୍ଦ୍ର ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବଡ଼ ସୂଚନା ଦେଇଛନ୍ତି। ରିଲାଏନ୍ସ, ଏୟାରଟେଲ୍, ଭିଆଇ ଭଳି କମ୍ପାନୀ ଏହି କ୍ଷେତ୍ରର ନିଲାମ ପାଇଁ ଦାବି କରୁଥିବାବେଳେ କେନ୍ଦ୍ରମନ୍ତ୍ରୀ ଏହାକୁ ଏଡ଼ାଇ ଦେଇଛନ୍ତି। ତେବେ ୨ଜି ସେବା ଭଳି 'ପ୍ରଥମେ ଆସ, ପ୍ରଥମେ ନିଅ' ନୀତି ଅବଲମ୍ବନ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତ ଆର୍ଥିକ ସମ୍ମିଳନୀକୁ ସମ୍ବୋଧନ କରି ଶୁକ୍ରବାର ସିନ୍ଧିଆ କହିଥିଲେ ଯେ ବୈଜ୍ଞାନିକ ସମସ୍ୟା ଯୋଗୁଁ ଉପଗ୍ରହ ସେବା ପାଇଁ ସ୍ପେକ୍‌ଟ୍ରମ ନିଲାମ କରିବା ସମ୍ଭବ ନୁହେଁ। ବିଶ୍ୱର ଏଭଳି କୌଣସି ଦେଶ ନାହିଁ, ଯିଏ ଉପଗ୍ରହ ସ୍ପେକ୍‌ଟ୍ରମକୁ ନିଲାମ କରୁଛି। କାରଣ ଏହି ନିଲାମ ଭୌତିକ ଭାବେ ଅସମ୍ଭବ। ଯଦି ଏ ନେଇ ଆର୍ଥିକ ତର୍କ ଦେବେ ତେବେ ଏହାକୁ ପ୍ରାଶାସନିକ ଭାବେ କେମିତି ଆବଣ୍ଟନ କରିବେ।

ସିନ୍ଧିଆ ସ୍ପଷ୍ଟ କରିଦେଇଛନ୍ତି ଯେ ପୂର୍ବ ଭଳି 'ପ୍ରଥମେ ଆସ, ପ୍ରଥମେ ନିଅ' ନୀତିରେ ମୂଲ୍ୟ ନିର୍ଦ୍ଧାରଣ କରାଯିବ ନାହିଁ। ଦୂରସଞ୍ଚାର ନିୟାମକ 'ଟ୍ରାଇ' ଏ ନେଇ ନିଷ୍ପତ୍ତି ନେବ। କର୍ତ୍ତୃପକ୍ଷ ଆବଣ୍ଟନର ମୂଲ୍ୟ ଧାର୍ଯ୍ୟ କରିବେ। ଏହି ଆଧାରରେ ଲାଇସେନ୍ସ ହାସଲ କରିଥିବା ବ୍ୟକ୍ତିଙ୍କୁ ସ୍ପେକ୍‌ଟ୍ରମ ଆବଣ୍ଟନ କରାଯିବ। ଏହି ଆବଣ୍ଟନକୁ ନେଇ ବୈଜ୍ଞାନିକ ଏବଂ ଆର୍ଥିକ ଦିଗ ମଧ୍ୟ ରହିଛି। ଆବଣ୍ଟନ ହୋଇ ନ ଥିବା ସାମଗ୍ରୀକୁ କେମିତି ନିଲାମ କରିହେବ। କୌଣସି ବ୍ୟକ୍ତିବିଶେଷ ପାଖରେ ଥିବା ସାମଗ୍ରୀକୁ କେବଳ ନିଲାମ କରାଯାଇପାରିବ। ବିଶ୍ୱର ପ୍ରତ୍ୟେକ ଦେଶ ଭୌତିକ ସିଦ୍ଧାନ୍ତ ଯୋଗୁଁ ପ୍ରାଶାସନିକ ଭାବେ ଉପଗ୍ରହ ସ୍ପେକ୍‌ଟ୍ରମ୍ ନିଲାମ କରୁଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଏହି ମନ୍ତବ୍ୟ ରିଲାଏନ୍ସ, ଏୟାରଟେଲ ଆଦି କମ୍ପାନୀଙ୍କ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। କାରଣ ଏହି କମ୍ପାନୀଗୁଡ଼ିକ ପ୍ରାଶାସନିକ ଆବଣ୍ଟନ ପରିବର୍ତ୍ତେ ନିଲାମ କରିବାକୁ ଦାବି କରି ଆସୁଥିଲେ।

- ରିଲାଏନ୍ସ, ଏୟାରଟେଲ, ଭିଆଇକୁ ଝଟ୍‌କା
- ୨ଜି ସେବା ଭଳି ମଧ୍ୟ ଆବଣ୍ଟନ ହେବନି

# ତୃତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୩୧୫/୯

## ଲାଥମ, ସାଣ୍ଟନରଙ୍କ ଅର୍ଦ୍ଧଶତକ

ହାମିଲଟନ, ୧୪।୧୨(ଏଜେନ୍ସି): ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଶନିବାରଠାରୁ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦୁଇଟି ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଏହି ଟେଷ୍ଟ ଜିତି ନ୍ୟୁଜିଲାଣ୍ଡ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ପ୍ରୟାସ କରିବ। ଟସ୍ ଜିତି ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରଥମ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୨ ଓଭରରେ ୯ ୱିକେଟ ହରାଇ ୩୧୫ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମିଚେଲ ସାଣ୍ଟନର ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ୱିଲିୟମ ଓ'ରୁର୍କ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଦଳ ନିୟମିତ ଅନ୍ତରରେ ୱିକେଟ ହରାଇଥିଲେ ମଧ୍ୟ ବ୍ୟାଟରମାନେ ଅଳ୍ପବହୁତ ରନ୍ ସଂଗ୍ରହ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ଏହି କ୍ରମରେ ଓପନର ତଥା ଅଧିନାୟକ ଟମ୍ ଲାଥମ ୬୩, ୱିଲି ୟଙ୍ଗ ୪୨, ଅଭିଜ୍ଞ କେନ୍ ୱିଲିୟମସନ ୪୪, ଟିମ୍ ସାଉଦି ୨୩, ୱିକେଟରକ୍ଷକ ବ୍ୟାଟର ଟମ୍ ବ୍ଲଣ୍ଡେଲ ୨୧, ରଚିନ ରବୀନ୍ଦ୍ର ୧୮, ଡାରିଲ ମିଚେଲ ୧୪ ରନକରି ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ମାଥ୍ୟୁ ପଟ୍ସ ଓ ଗସ୍ ଅଟକିନସନ ୩ଟି ଲେଖାଏ, ବ୍ରାଇଡନ କାର୍ସ ୨ ଓ ବେନ ଷ୍ଟୋକ୍ସ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଇଂଲଣ୍ଡ ପ୍ରଥମ ଟେଷ୍ଟରେ ୮ ୱିକେଟରେ ଓ ଦ୍ୱିତୀୟରେ ୩୨୩ ରନରେ ବିଜୟ ହାସଲ କରିଥିଲା।

■ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ

## ଓଡ଼ିଶା ବିପକ୍ଷରେ ମୁମ୍ବାଇ ବିଜୟୀ

ଭୁବନେଶ୍ୱର, ୧୪।୧୨(ସମିସ): ବରିଷ୍ଠ ମହିଳା ଜାତୀୟ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ନିକଟରୁ ୬୭ ରନ୍‌ରେ ଓଡ଼ିଶା ପରାଜିତ ହୋଇଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଦଳ ୪୭.୨ ଓଭରରେ ୧୬୫ ରନ୍



କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବୃଶାଳୀ ଭଗତ ସର୍ବାଧିକ ୫୫ ଓ ଏମ୍ ଦକ୍ଷିଣୀ ଅପରାଜିତ ୩୬ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଭଲ ବୋଲିଂ କରିଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଜ୍ୟୋତି ପ୍ରସାଦ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ତରନ୍ନା ପ୍ରଧାନ, ରୀମାଲକ୍ଷ୍ମୀ ଏକ୍କା ଓ ସଙ୍ଗୀତା ଖାଡ଼ିଆଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ଓଡ଼ିଶା ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମାତ୍ର ୩୦.୩ ଓଭରରେ ୯୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଶ୍ରୀ ବ୍ୟାଟିଂରେ ମଧ୍ୟ କମାଲ ଦେଖାଇ ଦଳ ପକ୍ଷରୁ ସର୍ବାଧିକ ୪୪ ରନ୍ କରିଥିଲେ। ସେ ୫୦ ବଲ୍ ଖେଳି ୫ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋନାଲିସା ରାଉତ ୧୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଓଡ଼ିଶାର ପ୍ରଥମ ୩ଜଣ ବ୍ୟାଟର ମାଧୁରୀ ମେହେଟା ୧, ସରିତା ମେହେର ୨ ଓ ସଙ୍ଗୀତା ଖାଡ଼ିଆ ଶୂନ୍ ରନ୍‌ରେ ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ଜାହ୍ନବୀ ୩ଟି, ଦକ୍ଷିଣୀ ଓ ସାୟଲି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୬ଷ୍ଠ ଲିଗ୍ ମ୍ୟାଚ୍ ପରେ ଓଡ଼ିଶା ୩ଟି ବିଜୟ ଓ ୩ଟି ପରାଜୟ ବରଣ କରିଛି।

■ ଜାତୀୟ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍

## ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୭ ପଦକ



ଭୁବନେଶ୍ୱର, ୧୪।୧୨(ସମିସ): ଉତ୍ତରାଖଣ୍ଡରେ ଚାଲିଥିବା ୩୫ତମ ଜାତୀୟ ବରିଷ୍ଠ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍ ଶନିବାର ଶେଷ ହୋଇଛି। ଏଥିରେ ଓଡ଼ିଶାର କାନୋଏ ସ୍ପ୍ରିଣ୍ଟରମାନେ ଚମତ୍କାର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୭ଟି କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ସଫଳତା ବଳରେ ଦଳ ଜାତୀୟ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶା ପକ୍ଷରୁ ୪ଟି ବିଭାଗରେ ମହିଳା ପ୍ରତିଯୋଗୀମାନେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଇନାମ ବିଦ୍ୟା ଦେବୀ ଏକାକୀ ୩ଟି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। କେ-୪ ମହିଳା ୧୦୦୦ ମିଟରରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଲିଚେନବାମ ସୋନିଆ ଓ ଧନମଞ୍ଜରୀ ଦେବୀ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। କେ-୨ ମହିଳା ୧୦୦୦ ମିଟରରେ ବିଦ୍ୟା ଦେବୀ ଓ ବିନିତା ଚାନୁ, କେ-୪ ମହିଳା ୫୦୦ ମିଟରରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଓଇନାମ ବିନିତା ଚାନୁ ଓ କେ. ଧନମଞ୍ଜରୀ ଦେବୀ ଏବଂ ସି-୨ ମହିଳା ୫୦୦ ମିଟରରେ ରଶ୍ମିତା ସାହୁ ଓ ସାନତୋମ୍ବି ଦେବୀ ସ୍ୱର୍ଣ୍ଣପଦକ ଜିତି ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

## ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପନ ଆଜି

# ପୁରୁଷ ଏକକରେ ରିଥଭିକ୍-ଥାରୁନ ଫାଇନାଲ

ଭୁବନେଶ୍ୱର, ୧୪।୧୨(ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ସୁପର ୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଓ ମହିଳା ବିଭାଗର ଏକକ ଓ ଯୁଗଳ ଏବଂ ମିଶ୍ରିତ ଯୁଗଳ ଇଭେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ସବୁ ବିଭାଗର ଫାଇନାଲ ମ୍ୟାଚ୍ ଖେଳାଯିବ। ପୁରୁଷ ଏକକରେ ଦୁଇ ଭାରତୀୟ ଖେଳାଳି ରିଥଭିକ୍ ସଞ୍ଜିବୀ ଓ ଥାରୁନ ମାନ୍ନେପାଲି ଟାଇଟଲ ପାଇଁ ମୁହାଁମୁହିଁ ହେବେ। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ରିଥଭିକ୍ ୨୧-୧୭, ୨୧-୧୪ରେ ଅଷ୍ଟମ ସିଡ ଥାଇଲାଣ୍ଡର ପନିତଚାଫନ ତିରାରାସାକୁଲଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ସେହିପରି ଥାରୁନ୍ ୧୨-୨୧, ୨୧-୧୯, ୨୧-୧୨ରେ ନିଜ ଦେଶର ଷଷ୍ଠ ସିଡ୍ ଖେଳାଳି ସତିଶ କରୁଣାକରନଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।




### ମହିଳା ଫାଇନାଲରେ ତନଭି- ୟାନୟାନ

ଅପରପକ୍ଷରେ ମହିଳା ଏକକ ସେମିରେ ଭାରତର ତନଭି ଶର୍ମା ଓ ଚୀନର କାଇ ୟାନୟାନ ଟାଇଟଲ ପାଇଁ ଫାଇନାଲରେ ପରସ୍ପରକୁ ଭେଟିବେ। ତନଭି ୨୧-୧୯, ୨୧-୧୯ରେ ନିଜ ଦେଶର ଶ୍ରିୟାଂସି ବାଲିସେଟ୍ଟୀଙ୍କୁ ପରାସ୍ତ କରି ଏବଂ ୟାନୟାନ ୨୧-୧୭, ୨୧-୧୯ରେ ଜାପାନର ସୋରାନୋ ୟୋସିକାୱାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଯୁଗଳ ଇଭେଣ୍ଟରେ ଚୀନର ଡି ହୁଆଙ୍ଗ ଓ ଲିୟୁ ୟାଙ୍ଗ୍ ଏବଂ ଜାପାନର କାକେରୁ କୁମାଗାଇ ଓ ହିରୋକି ନିଶି ଟାଇଟଲ ପାଇଁ ଫାଇନାଲରେ ମୁହାଁମୁହିଁ ହେବେ। ଏହି ଜାପାନ ଯୋଡି ଶନିବାର ସେମିଫାଇନାଲରେ ଭାରତର ପୃଥ୍ୱୀ ରଏ ଓ କେ ସାଇ ପ୍ରତିକଙ୍କୁ ୧୬-୨୧, ୨୧-୧୯, ୨୨-୨୦ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ସେହିପରି ମହିଳା ଯୁଗଳ ପ୍ରତିଯୋଗିତାରେ ଜାପାନର ହାରା ନାନାକୋ ଓ କିଓସେ ରିକୋ ଏବଂ ଚୀନର କେଙ୍ଗ ଶୁଲିଆଙ୍ଗ୍ ଓ ୱାଙ୍ଗ ତିଙ୍ଗେ ଫାଇନାଲରେ ପରସ୍ପରକୁ ଭେଟିବେ। ସେମିରେ ଜାପାନ ଯୋଡି ୨୧-୧୭, ୨୧-୧୪ରେ ଷଷ୍ଠ ସିଡ ଭାରତୀୟ ଯୋଡି ଗାୟତ୍ରୀ ରାଓତ ଓ ମନସା ରାଓତଙ୍କୁ ହରାଇ ଏବଂ ଚୀନ୍ ଯୋଡି ୨୧-୭, ୨୨-୨୪, ୨୧-୧୭ରେ ଚତୁର୍ଥ ସିଡ୍ ଭାରତର କେ ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି।

ଅପରପକ୍ଷରେ ମିଶ୍ରିତ ଯୁଗଳ ଇଭେଣ୍ଟରେ ଚୀନ୍‌ର ଜିଆଜୁଆନ ଗାଓ ଓ ରୁଇଝି ଟାଙ୍ଗ ଏବଂ ସିଙ୍ଗାପୁରର ହି ତେରି ଓ ୟୁଜିଆ ଜିନ୍ ଫାଇନାଲରେ ପରସ୍ପରକୁ ଭେଟିବେ। ଷଷ୍ଠ ସିଡ୍ ଏହି ସିଙ୍ଗାପୁର ଯୋଡି ୨୧-୧୪, ୧୮-୨୧, ୨୧-୧୯ରେ ଦ୍ୱିତୀୟ ସିଡ୍ ଭାରତୀୟ ଯୋଡି ରୋହନ କପୁର ଓ ରୁଥଭିକା ଗାଡେଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।

ସର୍ବଭାରତୀୟ ସବ୍ ଜୁନିଅର କରାଟେ

## ପ୍ରଥମ ଦିନରେ ଓଡ଼ିଶାକୁ ୧୫ ପଦକ



ଭୁବନେଶ୍ୱର, ୧୪।୧୨(ସମିସ): କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଆନୁକୂଲ୍ୟରେ ନୂଆଦିଲ୍ଲୀ ସ୍ଥିତ ତାଲକୋଟରା ଇଣ୍ଡୋର ଷ୍ଟାଡୟମରେ ଶନିବାରଠାରୁ ସର୍ବଭାରତୀୟ ସବ୍ ଜୁନିଅର କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ୬ରୁ ୧୩ ବର୍ଷ ବାଳକା ଓ ବାଳିକା ଏହି ପ୍ରତିଯୋଗିତାରେ ପ୍ରଥମ ଦିନରେ ଓଡ଼ିଆ ପ୍ରତଯୋଗୀମାନେ ୧୫ଟି ପଦକ ଜିତିଛନ୍ତି। ଓଡ଼ିଶାର ଚିତ୍ରାକ୍ଷ ଦାସ, ନକ୍ସ ପୋଦ୍ଦାର, ଆଶିଷ ପଣ୍ଡା, ଅଭିଜ୍ୱାଲା ମହାନ୍ତି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି କୌଭବ ପଟ୍ଟନାୟକ, ହର୍ସଦ କୁମାର, ଶ୍ରେୟାଂଶୁ ସାହୁ, ସୌମ୍ୟ ରଞ୍ଜନ ପାତ୍ର, ପିୟୂଷ ରଞ୍ଜନ ସାହୁ, ଶିବକୃପା ମିଶ୍ର, ଅଭିଯୁକ୍ତ ମିଶ୍ର, ମେହୁଲ ପରିଡ଼ା ଗୋଟିଏ ଲେଖାଏ ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟପଟେ ନୀତିକ ମହନ୍ତ, ଆରିଆନ ମହାନ୍ତି ଗୋଟିଏ ଲେଖାଏ କାଂସ୍ୟ ପଦକ ହାସଲ କରିଛନ୍ତି। ସବ ଜୁନିଅର ବାଳକ ଟିମ୍ କାଟାରେ ଶିବକୃପା ମିଶ୍ର, ଅପିତ ଦାସ, ଦେବେନ୍ଦ୍ର ପରିଡ଼ା ଓ ସୌର୍ଯ୍ୟ ଚନ୍ଦ୍ରିକା କାଂସ୍ୟ ପଦକ ହାସଲ କରିଛନ୍ତି। ପଦକ ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି।

## ପାକିସ୍ତାନ ୭ ୱିକେଟରେ ପରାସ୍ତ

ସେଞ୍ଚୁରିଅନ, ୧୪।୧୨(ଏଜେନ୍ସି): ପାକିସ୍ତାନ ବିପକ୍ଷ ହାଇସ୍କୋରିଂ ଦ୍ୱିତୀୟ ଟି-୨୦ ମୁକାବିଲାରେ ଘରୋଇ ଦକ୍ଷିଣ ଆଫ୍ରିକା ୩ ବଲ୍ ବାକିଥାଇ ୭ ୱିକେଟରେ ବିଜୟୀ ହୋଇଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ଟି-୨୦ ସିରିଜରେ ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ୍ ହାତେଇ ନେଇଛି। ପୂର୍ବରୁ ପ୍ରଥମ ଟି-୨୦ରେ ଦକ୍ଷିଣ ଆଫ୍ରିକା ୧୧ ରନରେ ଜିତିଥିଲା। ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୯.୩ ଓଭରରେ ୩ ୱିକେଟ ହରାଇ ୨୧୦ ରନକରି ବିଜୟୀ ହୋଇଥିଲା। ୨୦୨୨ ପରେ ଦକ୍ଷିଣ ଆଫ୍ରିକା ପ୍ରଥମ ଦ୍ୱିପାକ୍ଷିକ ଟି-୨୦ ସିରିଜରେ ବିଜୟ ହାସଲ କରିଛି। ୧୧୭ ରନର ବିସ୍ଫୋରକ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଦକ୍ଷିଣ ଆଫ୍ରିକା ଓପନର ରିଜା ହେଣ୍ଡ୍ରିକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ହେଣ୍ଡ୍ରିକ୍ସ କ୍ୟାରିଅରର ପ୍ରଥମ ଟି-୨୦ ଶତକ ଅର୍ଜନ କରିଛନ୍ତି।

ଜାତୀୟ ମହିଳା ଫୁଟବଲ |

## ମଣିପୁରଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୪।୧୨(ସମିସ): ୨୯ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ ଜିଜାବାଇ ଟ୍ରଫିରେ ଓଡ଼ିଶା ପ୍ରଥମ ପରାଜୟ ବରଣ କରିଛି। ଏହି ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିବା ପରେ ଛତିଶଗଡ଼ର ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ୦-୨ ଗୋଲରେ ମଣିପୁରଠାରୁ ପରାଜିତ ହୋଇଥିଲା। ଜାତୀୟ ମହିଳା ଫୁଟ୍‌ବଲରେ ଓଡ଼ିଶା ଓ ମଣିପୁର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ବିବେଚିତ। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଜୋର ଦେଇ ଲଢ଼ିଥିଲେ। କିନ୍ତୁ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇପାରି ନଥିଲେ। ଦ୍ୱିତୀୟାର୍ଦ୍ଧର ୫୮ତମ ମିନିଟ୍‌ରେ ମଣିପୁର ପ୍ରଥମ ଗୋଲ ଦେବାରେ ସମର୍ଥ ହୋଇଥିଲା। ଦଳର ତାରକା ଖେଳାଳି ହେମମ ସିଲକି ଦେବୀ ପ୍ରଥମ ଓ ୭୮ତମ ମିନିଟ୍‌ରେ ବଦଳ ଖେଳାଳି ଲାଇଶ୍ରମ ବିବିଛା ଦେବୀ ଦଳପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।




# ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଫାଇନାଲ୍ ଆଜି

ନନ୍ଦନକାନନ, ୧୪।୧୨(ସମିସ): ଭୁବନେଶ୍ୱର ଉତ୍ତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳ 'କ' ବିଭାଗରେ ବରାହୀପୁର ବନାମ ଜୟପୁର, 'ଖ' ବିଭାଗରେ ପଦ୍ମକେଶରୀପୁର ବନାମ ଗବବସ୍ତ, ସହରାଞ୍ଚଳ ବିଭାଗରେ କୋଲକାତା କାମେରୁନ୍-୧୧ ବନାମ ସନ୍‌ରାଇଜ୍ କ୍ଲବ୍ (କଟକ) ମଧ୍ୟରେ ଅନୁଷ୍ଠିତ ହେବ। ରବିବାର ଶେଷ ଦିନରେ ୩ଟି ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ଶନିବାର ୩ଟି ସେମି ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସପ୍ତମ ଦିନରେ ଖେଳାଯାଇଥିବା ସହରାଞ୍ଚଳ ସେମି ଫାଇନାଲ୍ ମ୍ୟାଚ୍‌ରେ କୋଲକାତା କାମେରୁନ୍-୧୧ ସହିତ ୱାଇଡିସି ମଣିପୁର ମଧ୍ୟରେ ଜୋର୍‌ଦାର ସଂଘର୍ଷ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ୫-୪ ଗୋଲ୍‌ରେ ଟାଇବ୍ରେକର ଜରିଆରେ କୋଲକାତା ଦଳ ମଣିପୁରକୁ ହରାଇ ଫାଇନାଲ୍ ଖେଳିବାର ସୁଯୋଗ ହାସଲ କରିଥିଲା।

ସେହିପରି ଗ୍ରାମାଞ୍ଚଳ ବିଭଗରେ ପ୍ରଥମ ମ୍ୟାଚ୍‌ଟି ବନ ମହାବୀର କ୍ଲବ୍ ଜୟପୁର ସହିତ ମୁଣ୍ଡମୁହାଣ କ୍ଲବ୍ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଟାଇ ବ୍ରେକର ଜରିଆରେ ଜୟପୁର ୪-୩ ଗୋଲ୍‌ରେ ମୁଣ୍ଡମୁହାଣକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି। ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ବରାହୀପୁର ୩-୧ ଗୋଲ୍‌ରେ ମା' ମଙ୍ଗଳା କ୍ଲବ୍ (ଗୋଠପୁର)କୁ ହରାଇ ଜୟପୁର ସହିତ ଫାଇନାଲ୍ ଖେଳିବା ପାଇଁ ନିଜର ସ୍ଥାନ ସୁରକ୍ଷିତ କରିଛି। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ସୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଶ୍ରୀମୟୀ ମିଶ୍ର, ଇପ୍ସିତା ସାହୁ, ଭୋଳାନାଥ ମହାରଣା, ନୁର୍ ହାସନ, ସନ୍ତୋଷ ନାଥ, ବାସୁଦେବ ରାଉତ, ମନୋରଞ୍ଜନ ଦାସ, ଭାସ୍କର ପଢ଼ିହାରୀ, ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଢ଼ିହାରୀ, ନୃସିଂହ ଖାଡ଼େଙ୍ଗା, ସନ୍ତୋଷ ନାଥ ଯୋଗଦେଇଥିଲେ। ମ୍ୟାଚ୍‌ଗୁଡ଼ିକୁ ରେଫରୀ ସୁଦୀପ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳକୁ ପରିଚାଳନା କରିଥିବାବେଳେ ରଙ୍କନିଧି ରାଉତ ଧାରାବିବରଣୀ ଦେଇଥିଲେ।



| |
|---|
| ସନ୍‌ରାଇଜ୍ ବନାମ କାମେରୁନ |
| ଜୟପୁର ବନାମ ବାରାହୀପୁର |
| ପଦ୍ମକେଶରୀପୁର ବନାମ ଗବବସ୍ତ |



**ମହିଳା ପ୍ରିମିୟର ଲିଗ୍ ଖେଳାଳି ନିଲାମୀ ଆଜି**

# ମାଧୁରୀ, ରାମେଶ୍ୱରୀ ଓ ରିମାଙ୍କ ଭାଗ୍ୟ ପରୀକ୍ଷା

**ବେଙ୍ଗାଲୁରୁ, ୧୪।୧୨(ଏଜେନ୍ସି):** ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ତୃତୀୟ ସଂସ୍କରଣ ଲାଗି ରବିବାର ଏଠାରେ ଖେଳାଳି ନିଲାମୀ ଆୟୋଜନ ହେବ। ଆସନ୍ତାବର୍ଷ ଫେବୃଆରୀ ୨୧ରୁ ମାର୍ଚ୍ଚ ୧୬ ତାରିଖ ମଧ୍ୟ ଏହି ଡବ୍ଲ୍ୟୁପିଏଲ୍ ଖେଳାଯିବ। ଏହି ନିଲାମୀରେ ୩ ଜଣ ଓଡ଼ିଆ ମହିଳା କ୍ରିକେଟର ସ୍ଥାନ ପାଇଛନ୍ତି। ସେମାନେ ହେଉଛନ୍ତି ମାଧୁରୀ ମେହେଟ୍ଟା, ରାମେଶ୍ୱରୀ ନାୟକ ଓ ରିମାଲକ୍ଷ୍ମୀ ଏକ୍କା। ଜଣେ ସଫଳ ବ୍ୟାଟର ଭାବେ ୩୩ ବର୍ଷୀୟା ମାଧୁରୀ ଅନ୍ତର୍ଜାତୀୟ କ୍ରିକେଟ ଖେଳିଛନ୍ତି। ମାଧୁରୀ ଦୁଇଟି ମହିଳା ଦିନିକିଆ ଓ ୩ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେହିପରି ଜଣେ ଡାହାଣହାତୀ ଦ୍ରୁତ ବୋଲର ଭାବେ ରିମାଲକ୍ଷ୍ମୀ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ଏକାଧିକ ମ୍ୟାଚ୍ ଖେଳିଛନ୍ତି। ସେହିପରି ରାମେଶ୍ୱରୀ ନାୟକ ଡାହାଣହାତୀ ଦ୍ରୁତ ବୋଲର ଭାବେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ବେଶ୍ ସଫଳତା ହାସଲ କରିଛନ୍ତି। ୨୦୨୩ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁରୁ ଚାମ୍ପିଅନ ହୋଇଥିଲା। ଏହି ମିନି ଖେଳାଳି ନିଲାମୀରେ ୯୧ ଭାରତୀୟ, ୨୯ ଜଣ ବିଦେଶୀ ଖେଳାଳିଙ୍କ ସହ ମୋଟ୍ ଉପରେ ୧୨୦ ଜଣଙ୍କ ନାମ ବିଚାରକୁ ନିଆଯିବ। ଏହି ନିଲାମୀରେ ୧୪ ବର୍ଷୀୟା ଇରା ଯାଦବ ଓ ଅଂଶୁ ନାଗର ସର୍ବକନିଷ୍ଠ ଖେଳାଳି ଭାବେ ଅଂଶଗ୍ରହଣ କରିବେ। ୩୪ ବର୍ଷୀୟା ହିଥର ନାଇଟ୍ ଓ ଲଉରା ହ୍ୟାରିସ୍ ମଧ୍ୟ ଏଥିରେ ଭାଗ ନେବେ।

**ମହିଳା କନିଷ୍ଠ ଏସିଆ କପ୍ ହକି**

# ଭାରତ-ଚୀନ୍ ଫାଇନାଲ ଆଜି

**ମସ୍କଟ, ୧୪।୧୨(ଏଜେନ୍ସି):** ଓମାନ ରାଜଧାନୀ ମସ୍କଟରେ ଚାଲିଥିବା ମହିଳା କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ମୁକାବିଲାରେ ଭାରତ ୩-୧ ଗୋଲରେ ଜାପାନକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲ ଟିକଟ ହାସଲ କରିଛି। ଭାରତ ରବିବାର ଟାଇଟଲ ପାଇଁ ଫାଇନାଲରେ ଦ୍ୱିତୀୟ ସେମିଫାଇନାଲର ବିଜେତା ଚୀନ୍‌କୁ ଭେଟିବ। ଚୀନ୍ ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିରେ ୪-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲକୁ ଉଠିଛି। ଗତ ୨୦୨୩ ସଂସ୍କରଣରେ ଭାରତ ପ୍ରଥମଥର ପାଇଁ ଚାମ୍ପିଅନ ହୋଇଥିଲା। ସେହିପରି ୩ଥର ଟାଇଟଲ ଜିତି ଚୀନ୍ ଦ୍ୱିତୀୟ ସଫଳତମ ଦଳର ମାନ୍ୟତା ପାଇଛି।

ସ୍ଥାନୀୟ ହକି ଓମାନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଭାରତ ପ୍ରଥମ କ୍ୱାର୍ଟରରେ ହିଁ ୩ଟି ଗୋଲ ଦେଇଥିଲା। ଚତୁର୍ଥ ମିନିଟ୍‌ରେ ମୁମ୍‌ତାଜ ଖାନ୍ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫ମ ମିନିଟ୍‌ରେ ସାକ୍ଷୀ ରାଣା ଫିଲ୍ଡ ଗୋଲ ଦେଇଥିବା ବେଳେ ତ୍ରୟୋଦଶ ମିନିଟ୍‌ରେ ଦୀପିକା ପେନାଲ୍ଟି ସୁଟ୍‌ରେ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ୨୩ତମ ମିନିଟ୍‌ରେ ଜାପାନ ତରଫରୁ ନିକୋ ମାରୁଆମା ଏକମାତ୍ର ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ଏହାପରେ ତୃତୀୟ କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଗୋଲ ସ୍କୋର ହୋଇ ନଥିଲା। ଚତୁର୍ଥ କ୍ୱାର୍ଟରରେ ଜାପାନ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୪୮ତମ ମିନିଟ୍‌ରେ ଜାପାନ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଲ ଦେଇପାରି ନଥିଲା।



## ଓଡ଼ିଶା ଜିଏମ୍ ଚେସ୍ ମହୋତ୍ସବ ଆଜିଠୁ

**କଟକ, ୧୪।୧୨(ସମିସ):** ଅଲ ଓଡ଼ିଶା ଚେସ ସଂଘ ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆସନ୍ତାକାଲିଠାରୁ ୪୦ ଲକ୍ଷ ପୁରସ୍କାର ବିଶିଷ୍ଟ ଓଡ଼ିଶା ଜିଏମ୍ ଚେସ ମହୋତ୍ସବ ଆରମ୍ଭ ହେବ। ଏହି ପ୍ରତିଯୋଗିତା ୩ଟି କାଟାଗୋରୀରେ ଖେଳାଯିବ। ଏହା ମଧ୍ୟରୁ ମୁଖ୍ୟ ବା କାଟାଗୋରୀ-ଏ’ ୧୦ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ସ୍ୱିସ୍ ପ୍ରଣାଳୀରେ ସମ୍ ହସ୍ପିଟାଲ ନିକଟସ୍ଥ ସୋଆ କ୍ୟାମ୍ପସ-୨’ରେ ଖେଳାଯିବ। ଡିସେମ୍ବର ୨୨ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ଦେଶରୁ ୧୫ଜଣ ଗ୍ରାଣ୍ଡମାଷ୍ଟର ଓ ୨୭ଜଣ ଅନ୍ତର୍ଜାତୀୟ ମାଷ୍ଟର ଅଂଶଗ୍ରହଣ କରୁଛନ୍ତି। ୨୫୬୯ ରେଟିଂପ୍ରାପ୍ତ ଭାରତୀୟ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷ ଏଥିରେ ଟପ୍ ସିଡ୍ ରହିଛନ୍ତି। ତାମିଲନାଡୁର ଇନିଆନ ପା’ ଦ୍ୱିତୀୟ ସିଡ୍ (ରେଟିଂ-୨୫୧୩) ଓ ୨୫୦୭ ରେଟିଂପ୍ରାପ୍ତ ପଶ୍ଚିମବଙ୍ଗର ମିତ୍ରଭା ଗୁହା ତୃତୀୟ ସିଡ୍ ରହିଛନ୍ତି। ୨୫୦୦ରୁ ଅଧିକ ରେଟିଂପ୍ରାପ୍ତ ଖେଳାଳି ୩ଜଣ ଅଛନ୍ତି। ୨୪୦୦ କିମ୍ବା ତା’ଠାରୁ ଅଧିକ ରେଟିଂପ୍ରାପ୍ତ ଖେଳାଳିଙ୍କ ସଂଖ୍ୟା ୧୨ ରହିଛି। ଏମାନଙ୍କ ମଧ୍ୟରେ ୩ଜଣ ବିଦେଶୀ ଖେଳାଳି ଅଛନ୍ତି। ଟୁର୍ଣ୍ଣାମେଣ୍ଟର ହାରାହାରି ରେଟିଂ ହେଉଛି ୨୧୦୮। କାଟାଗୋରୀ ଏ ଓ ବି ଏକସଙ୍ଗେ ଖେଳାଯିବ। ପରେ କାଟାଗୋରୀ ସି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ସହଯୋଗୀ ପ୍ରାୟୋଜକ ଏମ୍ପିଓ ମୁଖ୍ୟ ଡା. ଅବିନାଶ ସାମଲ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଭାବେ ଅଲ୍‌ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ରହିଛନ୍ତି। ଇଣ୍ଟରନ୍ୟାସନାଲ ଆର୍ବିଟର ଆରୋକିଆ ରାଜ ଏସ୍ ପଲ୍ ଏହାର ଚିଫ୍ ଆର୍ବିଟର ରହିଛନ୍ତି।

**■ ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ**

# ପ୍ରଥମ ଦିନରେ ବର୍ଷା ବାଧକ

**ବ୍ରିସ୍‌ବେନ୍, ୧୪।୧୨(ଏଜେନ୍ସି):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମୁକାବିଲା ସ୍ଥାନୀୟ ଗାବ୍‌ବା ଷ୍ଟାଡିୟମ୍‌ରେ ଶନିବାର ଆରମ୍ଭ ହୋଇଛି। କିନ୍ତୁ ଖେଳ ଆରମ୍ଭର ୧୩.୨ ଓଭର ପରେ କ୍ରମାଗତ ବର୍ଷା ଯୋଗୁଁ ଏହି ଟେଷ୍ଟର ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଅଷ୍ଟ୍ରେଲିଆ ଦଳ କୌଣସି ୱିକେଟ ନ ହରାଇ ୨୮ ରନ୍ ସଂଗ୍ରହ କରିନେଇଛି। ବର୍ଷା ଯୋଗୁଁ ଖେଳ ବନ୍ଦ ରହିଲାବେଳେକୁ ଯୁବ ଓପନର ନାଥାନ ମ୍ୟାକ୍‌ସ୍ୱୀନୀ ୩୩ଟି ବଲ୍ ଖେଳି ୪ ଓ ଉସ୍‌ମାନ ଖ୍ୱାଜା ୪୭ଟି ବଲ ଖେଳି ୩ ଚୌକା ସହ ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ପିଚ୍‌ରୁ କୌଣସି ସହାୟତା ବୋଲରଙ୍କୁ ମିଳି ନ ଥିଲା। କିନ୍ତୁ ଭାରତୀୟ ବୋଲରମାନେ ଚମତ୍କାର ଲାଇନ୍ ଓ ଲେଙ୍ଥରେ ବୋଲିଂ କରି ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ। ଭାରତ ପକ୍ଷରୁ ଉପଅଧିନାୟକ ଯଶପ୍ରୀତ ବୁମ୍‌ରା ୬ ଓଭର ବୋଲିଂ କରି ୩ଟି ମେଡେନ ସହ ୮ ଓ ମହମ୍ମଦ୍ ସିରାଜ ୪ ଓଭର ବୋଲିଂ କରି ୨ଟି ମେଡେନ ସହ ୧୩ ରନ୍ ଦେଇଛନ୍ତି। ତୃତୀୟ ଫାଷ୍ଟ ବୋଲର ଆକାଶ ଦୀପ ୩.୨ ଓଭର ବୋଲିଂ କରି ୨ଟି ମେଡେନ୍ ସହ ମାତ୍ର ୨ ରନ୍ ଦେଇଥିଲେ। ପ୍ରଥମ ୧୩.୨ ଓଭର ପରେ କ୍ରମାଗତ ବର୍ଷା ଯୋଗୁଁ ଖେଳ ଆଉ ସମ୍ଭବ ହୋଇ ନ ଥିଲା।

ଏହି ଟେଷ୍ଟ ଲାଗି ଭାରତୀୟ ଦଳରେ ଦୁଇଜଣ ଖେଳାଳି ପରିବର୍ତ୍ତନ କରାଯାଇଥିଲା। ଦ୍ୱିତୀୟ ଟେଷ୍ଟରେ ପରାଜିତ ହୋଇଥିବା ଭାରତୀୟ ଦଳରୁ ରବିଚନ୍ଦ୍ରନ ଅଶ୍ୱିନ ଓ ହର୍ଷିତ ରାଣାଙ୍କ ବଦଳରେ ରବୀନ୍ଦ୍ର ଜାଡେଜା ଓ ଆକାଶ ଦୀପ୍‌ଙ୍କୁ ସାମିଲ କରାଯାଇଥିଲା। ସେହିପରି ସ୍କଟ୍ ବୋଲାଣ୍ଡଙ୍କ ସ୍ଥାନରେ ଫିଟ ହୋଇଥିବା ଜୋଶ ହାଜ୍‌ଲେଉଡ୍ ଅଷ୍ଟ୍ରେଲୀୟ ଦଳରେ



ସାମିଲ ହୋଇଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ବରାବର ସ୍ଥିତିରେ ରହିଛନ୍ତି।

ବର୍ଷା ଯୋଗୁଁ ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହେବାରୁ ଅନ୍ୟ ଦିନ ଗୁଡିକରେ ଓଭର ସଂଖ୍ୟା ୯୮କୁ ବଢ଼ାଇ ଦିଆଯାଇଛି। ଏହା ଫଳରେ ଖେଳ ଆଗୁଆ ଆରମ୍ଭ ହେବ। ସେହିପରି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଦିନ ଲାଗି ଟିକ୍‌ଟ କାଟିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ କରାଯିବ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS